ଇତିହାସ

### ତୃତୀୟ ଅଧ୍ୟାୟ


# ୧୯୪୫ ପରବର୍ତ୍ତୀ ପୃଥିବୀ : କେତେକ ପ୍ରମୁଖ ଘଟଣା ପ୍ରବାହ
# (World After 1945 - Some Major Events)

### ପ୍ରଥମ ପାଠ

## ଶୀତଳ ଯୁଦ୍ଧ - କାରଣ ଓ ଫଳାଫଳ
## Cold War - Causes & Consequences

DVP106

ଶୀତଳ ଯୁଦ୍ଧ ଅସ୍ତ୍ରଶସ୍ତ୍ରର ଯୁଦ୍ଧ ନୁହେଁ । ଏହା ଆଦର୍ଶଗତ ବିଭେଦ, ଅପପ୍ରଚାର ଏବଂ କୂଟନୀତିସ୍ତରୀୟ ପ୍ରତିଦ୍ୱନ୍ଦ୍ୱିତା । ଏଥିରେ ପ୍ରତ୍ୟକ୍ଷ ସଂଘର୍ଷ ବା ସ୍ଥାୟୀ ଶାନ୍ତି ନ ଥାଏ । ଏ ଯୁଦ୍ଧରେ ପ୍ରତ୍ୟେକ ପକ୍ଷ ନିଜର ଶକ୍ତି ବୃଦ୍ଧି କରିବାକୁ ଉଦ୍ୟମ କରିବା ସହିତ ଅନ୍ୟ ପକ୍ଷକୁ ଦୁର୍ବଳ କରିଦେବାକୁ ସମସ୍ତ ପ୍ରକାରର ପଦକ୍ଷେପ ନେଇଥାଆନ୍ତି । 'ଶୀତଳ ଯୁଦ୍ଧ'ଶବ୍ଦଟିକୁ ପ୍ରଥମେ ଆମେରିକୀୟ ରାଜନୀତିଜ୍ଞ ବର୍ଣ୍ଣାଡ୍ ବାରୁକ୍ (Bernard Baruch) ୧୬ ଏପ୍ରିଲ



(ବର୍ଣ୍ଣାଡ୍ ବାରୁକ୍)

୧୯୪୭ରେ ବ୍ୟବହାର କରିଥିଲେ । ପରବର୍ତ୍ତୀ କାଳରେ ଆମେରିକାର ବୁଦ୍ଧିଜୀବୀ ଓ ସାମ୍ବାଦିକ ୱାଲଟର ଲିପମାନ୍ (Walter Lipmann) ତାଙ୍କ ପୁସ୍ତକରେ ଏ ଶବ୍ଦଟିକୁ ବ୍ୟବହାର କରି ଏହାକୁ ଜନପ୍ରିୟ କରାଇଥିଲେ । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ସୋଭିଏତ୍ ରୁଷ୍ ଏବଂ ପାଶ୍ଚାତ୍ୟ ରାଷ୍ଟ୍ରମାନଙ୍କ ମଧ୍ୟରେ ସମ୍ପର୍କକୁ ବର୍ଣ୍ଣନା କରିବା ଉଦ୍ଦେଶ୍ୟରେ ଏହି ଶବ୍ଦଟି ବ୍ୟବହୃତ ହୋଇଥିଲା । ସାମ୍ୟବାଦୀ ସୋଭିଏତ୍ ରୁଷ୍ ଏବଂ ଗଣତନ୍ତ୍ରବାଦୀ ତଥା ପୁଞ୍ଜିବାଦୀ ଯୁକ୍ତରାଷ୍ଟ୍ର ଆମେରିକା ମଧ୍ୟରେ କ୍ରମାଗତ ଉତ୍ତେଜନା ଓ ଦ୍ୱନ୍ଦ୍ୱର ଆନ୍ତର୍ଜାତିକ ରାଜନୈତିକ ପରିବେଶ ଉପରେ ପ୍ରଭାବହିଁ ହେଉଛି ଶୀତଳ ଯୁଦ୍ଧ ।

କେତେକ ଐତିହାସିକ ବିଶ୍ୱାସ କରନ୍ତି ଯେ ଶୀତଳ ଯୁଦ୍ଧର ଆରମ୍ଭ ହୋଇଥିଲା ୧୯୧୭ ମସିହାରେ ଯେତେବେଳେ କି ରୁଷ୍ ଦେଶରେ କୃଷକ ଓ ଶ୍ରମିକ ଆନ୍ଦୋଳନ ଦ୍ୱାରା ଜାର୍ ଶାସନର ପତନ ଘଟି ସାମ୍ୟବାଦୀ ଶାସନ ପ୍ରତିଷ୍ଠିତ ହୋଇଥିଲା । ଆଉ କେତେକ ଐତିହାସିକଙ୍କ ମତରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରୁ ଶୀତଳ ଯୁଦ୍ଧ ଆରମ୍ଭ ହୋଇଥିଲା । କିନ୍ତୁ ଅଧିକାଂଶ ଐତିହାସିକ ସହମତ ହୁଅନ୍ତି ଯେ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଶୀତଳ ଯୁଦ୍ଧର ସୂତ୍ରପାତ ହୋଇଥିଲା ।

### ଶୀତଳ ଯୁଦ୍ଧର କାରଣ :

ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଯୁକ୍ତରାଷ୍ଟ୍ର ଆମେରିକା ଓ ସୋଭିଏତ୍ ରୁଷର ସାମରିକ ଶକ୍ତି ବିପୁଳ ଭାବରେ ବୃଦ୍ଧିପ୍ରାପ୍ତ ହୋଇ ଯୁଦ୍ଧପରେ ଏହି ଦୁଇଟି ରାଷ୍ଟ୍ର ଦୁଇ ମହାଶକ୍ତି ରୂପେ ପରିଚିତ ହେଲେ । କିନ୍ତୁ ସେମାନେ ଦୁଇଗୋଟି ବିପରୀତ ଆଦର୍ଶରେ ବିଶ୍ୱାସ କରୁଥିଲେ । ସୋଭିଏତ୍ ରୁଷ୍ ସାମ୍ୟବାଦୀ ଆଦର୍ଶରେ ବିଶ୍ୱାସ କରୁଥିବା ସମୟରେ ଯୁକ୍ତରାଷ୍ଟ୍ର ଆମେରିକା ପୁଞ୍ଜିବାଦରେ ବିଶ୍ୱାସ କରୁଥିଲା ।

COMPETITIVE BOOKS
and NCERT
All Books With Solutions
OBS

ଯୁଦ୍ଧଯୋଗୁଁ ଜର୍ମାନୀ, ଇଟାଲୀ ଓ ଜାପାନ୍‌ର ସାମରିକ ଶକ୍ତି ଧ୍ୱଂସପ୍ରାପ୍ତ ହୋଇଥିଲା । ଯୁଦ୍ଧଜନିତ କ୍ଷୟକ୍ଷତି ଓ ସାମ୍ରାଜ୍ୟଗୁଡ଼ିକର ବିଲୟ ଫଳରେ ଇଂଲାଣ୍ଡ, ଫ୍ରାନ୍ସ ପ୍ରଭୃତି ଦେଶ ଦୁର୍ବଳ ହୋଇ ଯାଇଥିଲେ । ସେମାନେ ଯୁକ୍ତରାଷ୍ଟ୍ର ଆମେରିକାଠାରୁ ସାମରିକ ସାହାଯ୍ୟ ଆଶା କରୁଥିଲେ । ସେହିପରି ପୂର୍ବ ଇଉରୋପୀୟ ଦେଶ ଯଥା ପୋଲାଣ୍ଡ, ହଙ୍ଗେରୀ, ରୁମାନିଆ, ବୁଲ୍‌ଗେରିଆ, ଆଲ୍‌ବାନିଆ, ଚେକୋସ୍ଲୋଭାକିଆ, ଯୁଗୋସ୍ଲୋଭିଆ ପ୍ରଭୃତିରେ ସାମ୍ୟବାଦୀ ସରକାର ଗଠିତହୋଇଥିଲା ଏବଂ ସେଗୁଡ଼ିକରେ ସୋଭିଏତ୍ ରୁଷ୍‌ର ପ୍ରଭାବ ବହୁ ପରିମାଣରେ ବୃଦ୍ଧି ପାଇଥିଲା । ସେମାନେ ସୋଭିଏତ୍ ରୁଷର ଆର୍ଥିକ ସାହାଯ୍ୟ ଉପରେ ନିର୍ଭର କରୁଥିଲେ । ୧୯୪୯ ମସିହାରେ ରୁଷ୍ ସହାୟତାରେ ଚୀନ୍ ଦେଶରେ ଗଣ ବିପ୍ଳବ ମାଧ୍ୟମରେ ମାଓ ସେ ତୁଙ୍ଗଙ୍କ ନେତୃତ୍ୱରେ ସାମ୍ୟବାଦୀ ସରକାର ଗଠିତ ହୋଇଥିଲା ।

> **ତୁମେ ଜାଣିଛ କି ?**
>
> *ମାଓ ସେ ତୁଙ୍ଗ ୧୮୯୩ ମସିହା ଡିସେମ୍ବର ୨୬ ତାରିଖ ଦିନ ଚୀନ୍ ଦେଶର ହୁନାନ୍ ପ୍ରଦେଶର ଶାଓଶାନ୍ (Shaoshan) ଠାରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ପିତା ଜଣେ କୃଷକ ଥିଲେ । ସେ ଆଠବର୍ଷ ବୟସରେ ତାଙ୍କ ଗ୍ରାମର ପ୍ରାଥମିକ ବିଦ୍ୟାଳୟରେ ପାଠପଢ଼ା ଆରମ୍ଭ କରିଥିଲେ। ।*

ଏହି ପରିପ୍ରେକ୍ଷୀରେ ବିଶ୍ୱ ରାଜନୀତି କ୍ଷେତ୍ରରେ ପ୍ରଭାବ ବିସ୍ତାର ନିମନ୍ତେ ଦୁଇ ମହାଶକ୍ତି ମଧ୍ୟରେ ପ୍ରବଳ ପ୍ରତିଦ୍ୱନ୍ଦ୍ୱିତା ଆରମ୍ଭ ହୋଇଥିଲା । ଉଭୟପକ୍ଷ ମଧ୍ୟରେ ସନ୍ଦେହ, ଈର୍ଷା ଓ ଶତ୍ରୁତା କ୍ରମାଗତ ଭାବରେ ବଢ଼ିଚାଲିଲା । ଦୁଇ ମହାଶକ୍ତି ପରସ୍ପର ମଧ୍ୟରେ ଯୁଦ୍ଧଦ୍ୱାରା ପ୍ରଭାବ ବିସ୍ତାର ନିମନ୍ତେ ସାହସ କଲେନାହିଁ । ସେମାନଙ୍କ ମଧ୍ୟରେ କୂଟନୈତିକ ଯୁଦ୍ଧ ଆରମ୍ଭ ହୋଇଗଲା । ସେମାନେ ନିଜର ଅନୁଗତ ରାଷ୍ଟ୍ରମାନଙ୍କୁ ଆର୍ଥିକ ଓ ସାମରିକ ସାହାଯ୍ୟ ଯୋଗାଇଲେ । ପରସ୍ପରପ୍ରତି ଅନାସ୍ଥା ପ୍ରକଟକରି କୁତ୍ସାରଟନା ଓ ବିରୋଧାତ୍ମକ ପ୍ରଚାରରେ ଲାଗିପଡ଼ିଲେ । ଫଳରେ ବିଶ୍ୱ ରାଜନୀତି କ୍ଷେତ୍ରରେ ଏକ ଅଶାନ୍ତ ତଥା ସରଗରମ ପରିସ୍ଥିତି ସୃଷ୍ଟି ହେଲା ଏବଂ ଏହା 'ଶୀତଳ ଯୁଦ୍ଧ' ନାମରେ କଥିତ ହେଲା ।

## ଶୀତଳ ଯୁଦ୍ଧର ପ୍ରସାର ଓ ଫଳାଫଳ:


ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ପୂର୍ବ ଇଉରୋପୀୟ ରାଷ୍ଟ୍ରସମୂହ ଏବଂ ଚୀନ୍ ଦେଶରେ ସୋଭିଏତ୍ ରୁଷ୍‌ର ପ୍ରଭାବ କ୍ରମଶଃ ବଢ଼ି ଚାଲିଲା । ଜର୍ମାନୀ ବିଭାଜନ ପରେ ପୂର୍ବ ଜର୍ମାନୀରେ ସାମ୍ୟବାଦୀ ଶାସନ ପ୍ରତିଷ୍ଠିତ ହେଲା । ପୂର୍ବ ଇଉରୋପକୁ ସାମ୍ୟବାଦର ଲୌହ ପରଦାରେ ଆଚ୍ଛାଦିତ କରିସାରିବା ପରେ ସୋଭିଏତ୍ ରୁଷ ପଶ୍ଚିମ ଇଉରୋପ ଆଡ଼େ ଦୃଷ୍ଟିନିକ୍ଷେପ କରିବାକୁ ଆରମ୍ଭ କରିଥିଲା । ସୋଭିଏତ୍ ରୁଷ୍‌ର ଏ ପ୍ରକାରର ପ୍ରଭାବ ବିସ୍ତାରରେ ଯୁକ୍ତରାଷ୍ଟ୍ର ଆମେରିକା ଓ ପାଶ୍ଚାତ୍ୟ ପୁଞ୍ଜିବାଦୀ ରାଷ୍ଟ୍ରମାନେ ଆଶଙ୍କା ପ୍ରକାଶ କରିଥିଲେ । ଏହାର ପ୍ରସାରକୁ ପ୍ରତିହତ କରିବାକୁ ଯୁକ୍ତରାଷ୍ଟ୍ର ଆମେରିକା ବିଭିନ୍ନ ପଦକ୍ଷେପ ନେଲା ।

ଇଟାଲୀ, ଫ୍ରାନ୍ସ, ଗ୍ରୀସ୍ ଓ ତୁର୍କୀ ଆଦି ଦେଶରେ ଯୁଦ୍ଧ ପରବର୍ତ୍ତୀ ଆର୍ଥିକ ବିପର୍ଯ୍ୟୟର ସୁଯୋଗ ନେଇ ସାମ୍ୟବାଦୀମାନେ ସେହିସବୁ ଦେଶରେ ସେମାନଙ୍କର ପ୍ରଭାବ ଓ ଅଧିକାର ବିସ୍ତାର ନିମନ୍ତେ ଯୋଜନା କରିଥିଲେ । ବିଶେଷକରି ଗ୍ରୀସ୍ ଓ ତୁର୍କୀର ଅବସ୍ଥା ଅତ୍ୟନ୍ତ ଗୁରୁତର ହୋଇ ପଡ଼ିଥିଲା । ଗ୍ରୀକ୍‌ମାନେ ତାଙ୍କର ସ୍ୱାଧୀନତା ହରାଇବାକୁ ବସିଥିଲେ । ଗ୍ରୀସ୍‌ର ଉତ୍ତରରେ ଥିବା ସାମ୍ୟବାଦୀ ପଡ଼ୋଶୀ ରାଷ୍ଟ୍ର ଯଥା ଯୁଗୋସ୍ଲୋଭିଆ, ବୁଲ୍‌ଗେରିଆ ଏବଂ ଆଲ୍‌ବାନିଆ ସାମ୍ୟବାଦକୁ ସମର୍ଥନ କରୁଥିବା ୧୩,୦୦୦ ଗ୍ରୀକ୍ ଗରିଲାଙ୍କୁ ଅସ୍ତ୍ରଶସ୍ତ୍ର ଓ ଅନ୍ୟାନ୍ୟ ଯୁଦ୍ଧ ଉପକରଣ ଯୋଗାଇ ଗ୍ରୀସ୍‌ରେ ଗୃହଯୁଦ୍ଧର ସୂତ୍ରପାତ କରାଇଥିଲେ । ୧୯୪୬ ମସିହା ଡିସେମ୍ବର ମାସରେ ଗ୍ରୀସ୍ ତାହାର ପଡ଼ୋଶୀ ରାଷ୍ଟ୍ରମାନଙ୍କ ବିରୋଧରେ ସଂଯୁକ୍ତ ରାଷ୍ଟ୍ରସଂଘ ନିରାପତ୍ତା ପରିଷଦରେ ଅଭିଯୋଗ ଉପସ୍ଥାପନ କରିଥିଲା । ନିରାପତ୍ତା ପରିଷଦ ଏ ସମ୍ପର୍କରେ ଅନୁସନ୍ଧାନ କରିବାକୁ ଏକ ଅନୁଧ୍ୟାନକାରୀ ଦଳ ଗ୍ରୀସ୍‌କୁ ପଠାଇଥିଲା ।

୧୯୪୭ ମସିହା ଜାନୁୟାରୀ ମାସରେ ଯୁକ୍ତରାଷ୍ଟ୍ର ଆମେରିକା ମଧ୍ୟ ଏକ ଅର୍ଥନୈତିକ ଅନୁଧ୍ୟାନକାରୀ ଦଳ ସେଠାକୁ ପଠାଇଥିଲା ।

ତୁର୍କୀର ଅବସ୍ଥା ମଧ୍ୟ ଅତ୍ୟନ୍ତ ଉଦ୍‌ବେଗଜନକ ହୋଇ ପଡ଼ିଥିଲା। ୧୯୪୫ ମସିହାରେ ସୋଭିଏତ୍ ରୁଷ୍ ତୁର୍କୀ ସହିତ ତାହାର ପୁରାତନ ବନ୍ଧୁତ୍ୱ ଚୁକ୍ତି ନବୀକରଣ ନିମନ୍ତେ ମନା କରିଦେଇଥିଲା ଏବଂ ପୂର୍ବ ତୁର୍କୀର ଦୁଇଟି ବିରାଟ ପ୍ରଦେଶ ଉପରେ ନିଜର କର୍ତ୍ତୃତ୍ୱ ଜାହିର୍ କରିବାକୁ ଉଦ୍ୟମ କରିଥିଲା। ତୁର୍କୀ ସରକାରଙ୍କୁ ଫାସୀବାଦୀ ଏବଂ ପ୍ରତିକ୍ରିୟାଶୀଳ ବୋଲି ସୋଭିଏତ୍ ରୁଷ୍ ତରଫରୁ ଦୋଷାରୋପ କରି ପ୍ରଚାର କରାଗଲା । ତୁର୍କୀର ସାଧାରଣ ଜନତାଙ୍କୁ ସରକାରଙ୍କ ବିରୋଧରେ ବିଦ୍ରୋହ କରିବାକୁ ଉତ୍ସାହିତ କରାଗଲା । ଏହି ପରିସ୍ଥିତିରେ ତୁର୍କୀ ସରକାର ଯୁକ୍ତରାଷ୍ଟ୍ର ଆମେରିକାର ସାହାଯ୍ୟ ଲୋଡ଼ିଲେ ।

୧୯୪୭ ମସିହା ମାର୍ଚ୍ଚ ୧୨ ତାରିଖ ଦିନ ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଟ୍ରୁମାନ୍ (Truman) ଆମେରିକୀୟ କଂଗ୍ରେସର ମିଳିତ ଅଧିବେଶନରେ ଏକ ଅଭିଭାଷଣ ଉପସ୍ଥାପନ କରିଥିଲେ ଯାହା ପରବର୍ତ୍ତୀ କାଳରେ ଟ୍ରୁମାନ ନୀତି (Truman Doctrine) ଭାବରେ ପରିଚିତ ହେଲା । ଏହି ନୀତି ଅନୁଯାୟୀ ଯୁକ୍ତରାଷ୍ଟ୍ର ଆମେରିକାର କଂଗ୍ରେସ୍ ଜୁନ୍ ୧୯୪୮ ମସିହା ସୁଦ୍ଧା ଗ୍ରୀସ୍ ଓ ତୁର୍କୀକୁ ଆର୍ଥିକ ତଥା ସାମରିକ ସାହଯ୍ୟ ଉଦ୍ଦେଶ୍ୟରେ ୪୦୦ ନିୟୁତ ଡଲାର୍ ମଞ୍ଜୁର କରିଥିଲା । ଏହି ସହାୟତା ଦ୍ୱାରା ୧୯୫୦ ମସିହା ସୁଦ୍ଧା ଗ୍ରୀସ୍ ଓ ତୁର୍କୀର ପରିସ୍ଥିତି ସମ୍ପୂର୍ଣ୍ଣ ବଦଳିଯାଇଥିଲା । ଗ୍ରୀସ୍‌ରୁ ଗରିଲାମାନେ ପ୍ରତିହତ ହୋଇଥିଲେ । ଦେଶରେ ଶାନ୍ତି ପ୍ରତିଷ୍ଠିତ ହୋଇ ସ୍ୱାଭାବିକ ଅବସ୍ଥା ଫେରି ଆସିଥିଲା । ତୁର୍କୀରେ ମଧ୍ୟ ଅନୁରୂପ ଉନ୍ନତି ଘଟିଥିଲା। ଶାନ୍ତି ପ୍ରତିଷ୍ଠା ପରେ ସେଠାରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଥିଲା ଏବଂ ୨୭ବର୍ଷ ଧରି ଶାସନ କରୁଥିବା ଏକମାତ୍ର ଦଳ କ୍ଷମତାଚ୍ୟୁତ ହୋଇଥିଲା ।



(ଟ୍ରୁମାନ୍)

ଦ୍ୱିତୀୟ ବିଶ୍ୱଯୁଦ୍ଧ ବିଧ୍ୱସ୍ତ ଇଉରୋପୀୟ ରାଷ୍ଟ୍ରମାନଙ୍କର ସାମାଜିକ ତଥା ଅର୍ଥନୈତିକ ପରିସ୍ଥିତିରେ ଉନ୍ନତି ଆଣିବା ଏବଂ ସେହି ଦେଶଗୁଡ଼ିକରେ ସାମ୍ୟବାଦର ପ୍ରସାରକୁ ପ୍ରତିହତ କରିବା ଉଦ୍ଦେଶ୍ୟରେ ଯୁକ୍ତରାଷ୍ଟ୍ର, ଆମେରିକା ୧୯୪୭ ମସିହା ଜୁନ ୫ ତାରିଖରେ ମାର୍ଶାଲ୍ ଯୋଜନା (Marshall Plan) ପ୍ରବର୍ତ୍ତନ କରିଥିଲା । ଏହା ଟ୍ରୁମାନ୍ ନୀତିର ଏକ ସମ୍ପ୍ରସାରଣ ଥିଲା ଏବଂ ସମଗ୍ର ଉଉରୋପର ଉନ୍ନତି ନିମନ୍ତେ କାର୍ଯ୍ୟକାରୀ କରାଯାଇଥିଲା । ଲକ୍ଷ୍ୟ ହାସଲ ଦିଗରେ ମାର୍ଶାଲ୍ ଯୋଜନା ବିପୁଳ ସଫଳତା ହାସଲ କରିଥିଲା । ଏହା ମାଧ୍ୟମରେ ଯୁକ୍ତରାଷ୍ଟ୍ର ଆମେରିକା ଉଉରୋପୀୟ ଦେଶଗୁଡ଼ିକୁ ଯଥେଷ୍ଟ ଆର୍ଥିକ ସହାୟତା ପ୍ରଦାନ କରି ସେଗୁଡ଼ିକୁ ଅର୍ଥନୈତିକ ବିପର୍ଯ୍ୟୟ ତଥା ସାମ୍ୟବାଦର ପ୍ରଭାବରୁ ରକ୍ଷା କରିଥିଲା ।

**ତୁମ ପାଇଁ କାମ :**

***ଭାରତୀୟ ଭୂ ଖଣ୍ଡ ଉପରେ ଶୀତଳ ଯୁଦ୍ଧର କି ପ୍ରଭାବ ପଡ଼ିଥିଲା ସେ ସମ୍ପର୍କରେ ଏକ ଆଲୋଚନା ଚକ୍ର ଆୟୋଜନ କର ।***

ମାର୍ଶାଲ୍ ଯୋଜନାକୁ ଇଉରୋପୀୟ ରାଷ୍ଟ୍ରଗୁଡ଼ିକର ଆଭ୍ୟନ୍ତରୀଣ ବ୍ୟାପାରରେ ଯୁକ୍ତରାଷ୍ଟ୍ର ଆମେରିକାର ହସ୍ତକ୍ଷେପ ବୋଲି ଅଭିହିତ କରି ସୋଭିଏତ ରୁଷ ତାହାର

ତୀବ୍ର ନିନ୍ଦା କରିଥିଲା । ଏହାକୁ ଯୁକ୍ତରାଷ୍ଟ୍ର ଆମେରିକାର ସଂଯୁକ୍ତ ରାଷ୍ଟ୍ରସଂଘ ପ୍ରତି ବିଶ୍ୱାସଘାତକତା ଏବଂ ସାମ୍ରାଜ୍ୟବାଦର ଏକ ନମୁନା ରୂପେ ସେ ଚିତ୍ରିତ କରିଥିଲା । ଏହାଦ୍ୱାରା ସୋଭିଏତ୍ ରୁଷ୍ ଏବଂ ଯୁକ୍ତରାଷ୍ଟ୍ର ଆମେରିକା ମଧ୍ୟରେ ତିକ୍ତତା ବୃଦ୍ଧି କରିଥିଲା । ଫଳରେ ଶୀତଳଯୁଦ୍ଧ ତୀବ୍ରରୂପ ଧାରଣ କରିଥିଲା ଓ ଜର୍ମାନୀ, କ୍ୟୁବା ଓ କୋରିଆ ଆଦି ଦେଶରେ ସଂଘର୍ଷ ଉପୁଜିଲା । ସଂଯୁକ୍ତ ରାଷ୍ଟ୍ରସଂଘର ନିରାପତ୍ତା ବୈଠକ ଗୁଡ଼ିକରେ ଏହା ପ୍ରତିଫଳିତ ହୋଇଥିଲା ।

## ପ୍ରଶ୍ନାବଳୀ

**୧. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୬୦ ଗୋଟି ଶବ୍ଦ ମଧ୍ୟରେ ଲେଖ ।**

(କ) ଶୀତଳ ଯୁଦ୍ଧର କାରଣଗୁଡ଼ିକ ଲେଖ ।

(ଖ) ଶୀତଳ ଯୁଦ୍ଧ କିପରି ପ୍ରସାର ଲାଭ କରିଥିଲା ?

(ଗ) ଟ୍ରୁମାନ୍ ନୀତି କ'ଣ ? ଏହି ନୀତି ଦ୍ୱାରା ଯୁକ୍ତରାଷ୍ଟ୍ର ଆମେରିକା କିପରି ଗ୍ରୀସ୍ ଓ ତୁର୍କୀର ସାମ୍ୟବାଦର ପ୍ରସାରକୁ ପ୍ରତିହତ କରିଥିଲା ?

(ଘ) ଯୁକ୍ତରାଷ୍ଟ୍ର ଆମେରିକା କେବେ ଓ କାହିଁକି ମାର୍ଶାଲ ଯୋଜନା ପ୍ରବର୍ତ୍ତନ କରିଥିଲା ? ଏହାଦ୍ୱାରା ତାକୁ କି ସଫଳତା ମିଳିଥିଲା ?

**୨. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୨୦ ଗୋଟି ଶବ୍ଦ ମଧ୍ୟରେ ଲେଖ ।**

(କ) କେଉଁ ଉଦ୍ଦେଶ୍ୟରେ ଶୀତଳ ଯୁଦ୍ଧ ଶବ୍ଦ ବ୍ୟବହାର କରାଯାଇଥିଲା ?

(ଖ) ଶୀତଳ ଯୁଦ୍ଧ କାହାକୁ କୁହାଯାଏ ?

(ଗ) ଦ୍ୱିତୀୟ ବିଶ୍ୱ ଯୁଦ୍ଧ ପରେ କେଉଁ ସବୁ ଦେଶରେ ସାମ୍ୟବାଦୀ ସରକାର ପ୍ରତିଷ୍ଠିତ ହୋଇଥିଲା ?

(ଘ) ୧୯୪୯ ମସିହାରେ କେଉଁ ଦେଶରେ ଓ କାହା ନେତୃତ୍ୱରେ ସାମ୍ୟବାଦୀ ସରକାର ଗଠିତ ହୋଇଥିଲା ?

(ଙ) ସୋଭିଏତ୍ ରୁଷ୍‌ର କେଉଁ ପ୍ରକାର ପ୍ରଭାବ ବିସ୍ତାରରେ ଯୁକ୍ତରାଷ୍ଟ୍ର ଆମେରିକା ଓ ପାଶ୍ଚାତ୍ୟ ପୁଞ୍ଜିବାଦୀ ରାଷ୍ଟ୍ରମାନେ ଆଶଙ୍କା ପ୍ରକାଶ କରିଥିଲେ ?

(ଚ) ୧୯୪୬ ମସିହା ଡିସେମ୍ବର ମାସରେ ଗ୍ରୀସ୍ ତାହାର ପଡ଼ୋଶୀ ରାଷ୍ଟ୍ରମାନଙ୍କ ବିରୋଧରେ କେଉଁଠାରେ ଓ କାହିଁକି ଅଭିଯୋଗ ଉପସ୍ଥାପନ କରିଥିଲା ?

(ଛ) ଦ୍ୱିତୀୟ ବିଶ୍ୱ ଯୁଦ୍ଧ ପରେ ତୁର୍କୀର ଅବସ୍ଥା ଉଦ୍‌ବେଗଜନକ ହୋଇପଡ଼ିଥିଲା କାହିଁକି ?

(ଜ) ଟ୍ରୁମାନ୍ ନୀତି କେବେ ଓ କେଉଁଠାରେ ଉପସ୍ଥାପିତ ହୋଇଥିଲା ?

(ଝ) ଗ୍ରୀସ୍ ଓ ତୁର୍କୀରେ ଟ୍ରୁମାନ୍ ନୀତିର କି ପ୍ରଭାବ ପଡ଼ିଥିଲା ?

(ଞ) ସୋଭିଏତ୍ ରୁଷ୍ ମାର୍ଶାଲ୍ ଯୋଜନା ସମ୍ପର୍କରେ କି ପ୍ରତିକ୍ରିୟା ପ୍ରକାଶ କରିଥିଲା ?

## ଇତିହାସ

**୩. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ବାକ୍ୟରେ ଲେଖ ।**

(କ) ଶୀତଳ ଯୁଦ୍ଧ ଶବ୍ଦକୁ ପ୍ରଥମେ କିଏ ଓ କେବେ ବ୍ୟବହାର କରିଥିଲେ ?

(ଖ) ଶୀତଳ ଯୁଦ୍ଧ ଶବ୍ଦକୁ କିଏ ଓ କିପରି ଲୋକପ୍ରିୟ କରାଇଥିଲେ ?

(ଗ) ଅଧିକାଂଶ ଐତିହାସିକ ଶୀତଳ ଯୁଦ୍ଧ କେବେ ଆରମ୍ଭ ହୋଇଥିଲା ବୋଲି ସହମତ ହୁଅନ୍ତି ?

(ଘ) ଶୀତଳ ଯୁଦ୍ଧର ନେତୃତ୍ୱ ନେଇଥିବା ଦେଶ ଦୁଇଟିର ନାମ ଲେଖ ।

(ଙ) ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ପୂର୍ବ ଜର୍ମାନୀରେ କି ପ୍ରକାର ଶାସନ ପ୍ରତିଷ୍ଠିତ ହେଲା ?

(ଚ) ଗ୍ରୀସ୍‌ର କେଉଁ ସବୁ ପଡ଼ୋଶୀ ରାଷ୍ଟ୍ର ସେଠାରେ ଗୃହ ଯୁଦ୍ଧର ସୂତ୍ରପାତ କରାଇଥିଲେ ?

(ଛ) କେବେ ଯୁକ୍ତରାଷ୍ଟ୍ର ଆମେରିକା ଏକ ଅର୍ଥନୈତିକ ଅନୁଧ୍ୟାନକାରୀ ଦଳକୁ ଗ୍ରୀସ୍ ପଠାଇଥିଲା ?

(ଜ) ଟ୍ରୁମାନ୍ ନୀତି ଦ୍ୱାରା ଯୁକ୍ତରାଷ୍ଟ୍ର ଆମେରିକାର କଂଗ୍ରେସ ଗ୍ରୀସ୍ ଓ ତୁର୍କୀ ପାଇଁ ମଞ୍ଜୁର କରିଥିବା ଆର୍ଥିକ ସହାୟତାର ପରିମାଣ କେତେ ଥିଲା ?

(ଝ) କେଉଁ ଦେଶ ଓ କେବେ ମାର୍ଶାଲ୍ ଯୋଜନା ପ୍ରବର୍ତ୍ତନ କରିଥିଲା ?

(ଜ) ଶୀତଳ ଯୁଦ୍ଧ ତୀବ୍ରରୂପ ଧାରଣ କରିବାରୁ କେଉଁସବୁ ଦେଶରେ ସଂଘର୍ଷ ଉପୁଜିଲା ?

**୪. ନିମ୍ନରେ ପ୍ରତ୍ୟେକ ପ୍ରଶ୍ନରେ ଦିଆଯାଇଥିବା ଚାରିଗୋଟି ବିକଳ୍ପ ମଧ୍ୟରୁ ଠିକ୍ ଉତ୍ତରଟି ତା'ର କ୍ରମିକ ନମ୍ବର ସହିତ ବାଛି ଲେଖ ।**

କ. କେଉଁ ଦେଶରେ ୧୯୧୭ ମସିହାରେ କୃଷକ ଓ ଶ୍ରମିକ ଆନ୍ଦୋଳନ ସଂଘଟିତ ହୋଇଥିଲା ?

(i) ଫ୍ରାନ୍ସ (ii) ଇଟାଲୀ (iii) ରୁଷ (iv) ଜର୍ମାନୀ

ଖ. କେଉଁ ମସିହାରେ ଚୀନ୍ ଦେଶରେ ମାଓ ସେ ତୁଙ୍ଗଙ୍କ ନେତୃତ୍ୱରେ ସାମ୍ୟବାଦୀ ସରକାର ଗଠିତ ହୋଇଥିଲା ?

(i) ୧୯୪୭ (ii) ୧୯୪୮ (iii) ୧୯୪୯ (iv) ୧୯୫୦

ଗ. କେଉଁ ଦେଶଟି ଗ୍ରୀସ୍‌ରେ ଗୃହଯୁଦ୍ଧର ସୂତ୍ରପାତ କରାଇବାରେ ଦାୟୀ ଥିଲା ?

(i) ତୁର୍କୀ (ii) ଜର୍ମାନୀ (iii) ଫ୍ରାନ୍ସ (iv) ବୁଲ୍‌ଗେରିଆ

ଘ. ଗ୍ରୀସ୍ କେବେ ସଂଯୁକ୍ତ ରାଷ୍ଟ୍ର ସଂଘର ନିରାପତ୍ତା ପରିଷଦରେ ତାହାର ପଡ଼ୋଶୀ ରାଷ୍ଟ୍ରମାନଙ୍କ ବିରୋଧରେ ଅଭିଯୋଗ କରିଥିଲା ?

(i) ୧୯୪୬ ଡିସେମ୍ବର (ii) ୧୯୪୭ ଜାନୁୟାରୀ (iii) ୧୯୪୭ ମାର୍ଚ୍ଚ (iv) ୧୯୪୭ ଜୁନ୍

ଙ. କେଉଁ ଦେଶ ମାର୍ଶାଲ୍ ଯୋଜନାର ତୀବ୍ର ନିନ୍ଦା କରିଥିଲା ?

(i) ଚୀନ୍ (ii) ସୋଭିଏତ୍ ରୁଷ୍ (iii) ବୁଲ୍‌ଗେରିଆ (iv) ଯୁଗୋସ୍ଲୋଭିଆ

**୫. ପାଠରେ ଦିଆଯାଇଥିବା ତୁମପାଇଁ କାମ ଗୁଡିକୁ ଶିକ୍ଷକଙ୍କ ନିର୍ଦ୍ଦେଶନା ଓ ସହାୟତାରେ ସମ୍ପାଦନ କର ।**

●●

## ଦ୍ୱିତୀୟ ପାଠ

# ସାମରିକ ଗୋଷ୍ଠୀ ଗଠନ - ସଶସ୍ତ୍ରୀକରଣ ପାଇଁ ପ୍ରତିଦ୍ୱନ୍ଦ୍ୱିତା
# (Formation of Military Blocs - Race for Armaments )

ଶୀତଳ ଯୁଦ୍ଧ ଯୋଗୁଁ ପୃଥିବୀରେ ଏକ ଅଜଣା ଯୁଦ୍ଧ-ଆତଙ୍କ ଖେଳି ଯାଇଥିଲା । ଅନୁନ୍ନତ ଓ ବିକାଶଶୀଳ ଦେଶଗୁଡ଼ିକର ସାମାଜିକ ଓ ଅର୍ଥନୈତିକ ପ୍ରଗତି ବ୍ୟାହତ ହେଲା । ଦୁଇ ମହାଶକ୍ତିଙ୍କ ନେତୃତ୍ୱରେ ପୃଥିବୀ ସାମ୍ୟବାଦୀଗୋଷ୍ଠୀ (Communist Bloc) ଓ ପୁଞ୍ଜିବାଦୀ ଗୋଷ୍ଠୀ (Capitalist Bloc) ଏହିପରି ଦୁଇଟି ଗୋଷ୍ଠୀରେ ବିଭକ୍ତ ହୋଇଗଲା। ସମ୍ମୁଖ ଯୁଦ୍ଧରେ ଉଭୟ ପକ୍ଷର ସୈନ୍ୟବାହିନୀ କେବେ ହେଲେ ନିୟୋଜିତ ହୋଇନଥିଲେ ସୁଦ୍ଧା, ସେମାନଙ୍କର ବିରୋଧାତ୍ମକ କାର୍ଯ୍ୟକଳାପ ସମଗ୍ର ବିଶ୍ୱରେ ତୀବ୍ର ଉତ୍ତେଜନା ସୃଷ୍ଟି କରିଥିଲା । ଏପରିକି ବିଶ୍ୱବାସୀଙ୍କୁ ତୃତୀୟ ବିଶ୍ୱଯୁଦ୍ଧର ସମ୍ଭାବନାର ଆଶଙ୍କା ଓ ଏହାର ଭୟାବହ ପରିଣାମ ଆନ୍ଦୋଳିତ କରିଥିଲା । କାଳକ୍ରମେ ଉଭୟଗୋଷ୍ଠୀ ପରସ୍ପର ସପକ୍ଷରେ ସାମରିକମେଣ୍ଟମାନ ଗଠନ କରିଥିଲେ । ଫଳରେ ଆଞ୍ଚଳିକ ନିରାପତ୍ତା ବିପନ୍ନ ହେଲା । ସାମରିକ ମେଣ୍ଟଗୁଡ଼ିକରେ ଯୋଗ ଦେଇଥିବା ରାଷ୍ଟ୍ରଗୁଡ଼ିକ ନିଜ ନିଜର ସାମରିକ ଶକ୍ତି ବୃଦ୍ଧି ପାଇଁ ଅସ୍ତ୍ରଶସ୍ତ୍ର ସଂଗ୍ରହ ପ୍ରତିଯୋଗିତାରେ ଲାଗିପଡ଼ିଲେ । ଦୁଇପକ୍ଷ ମଧ୍ୟରେ ଆଣବିକ ଅସ୍ତ୍ର ପ୍ରସ୍ତୁତ କରିବାର ପ୍ରତିଦ୍ୱନ୍ଦ୍ୱିତା ପୃଥିବୀବାସୀଙ୍କୁ ଚକିତ କରିଥିଲା । ବିଶେଷକରି ସୋଭିଏତ୍ ରୁଷ୍ ଓ ଯୁକ୍ତରାଷ୍ଟ୍ର ଆମେରିକା ମଧ୍ୟରେ ମହାକାଶ ଗବେଷଣା, ଚନ୍ଦ୍ରପୃଷ୍ଠରେ ମାନବର ଅବତରଣ ଏବଂ ବିଜ୍ଞାନ ଓ କାରିଗରୀ ବିଦ୍ୟାର ପ୍ରତିଯୋଗିତାମୂଳକ ଉନ୍ନତି ଏକ ନୂତନ ପ୍ରଯୁକ୍ତି ବିଦ୍ୟାର ଯୁଗ ଆରମ୍ଭ କରିଥିଲା ।

ଯୁକ୍ତରାଷ୍ଟ୍ର ଆମେରିକା ପଶ୍ଚିମ ଓ ମଧ୍ୟ - ଇଉରୋପରେ ନିଜର ପ୍ରାଧାନ୍ୟ ବିସ୍ତାର ଓ ସୋଭିଏତ୍ ରୁଷ୍‌ର ପ୍ରତିପତ୍ତିକୁ ପରାହତ କରିବା ନିମନ୍ତେ ୧୯୪୯ ମସିହା ଏପ୍ରିଲ୍ ୪ ତାରିଖରେ ଉତ୍ତର ଆଟଲାଣ୍ଟିକ ଚୁକ୍ତି ସଂଗଠନ (North Atlantic Treaty Organisation - NATO) ଗଢ଼ିଥିଲା । ଏଥିରେ ଯୁକ୍ତରାଷ୍ଟ୍ର ଆମେରିକା ସହିତ କାନାଡ଼ା, ବେଲଜିୟମ୍, ହଲାଣ୍ଡ, ଲକ୍‌ସେମ୍‌ବର୍ଗ, ଡେନ୍‌ମାର୍କ, ନରୱେ, ଆଇସ୍‌ଲାଣ୍ଡ, ବ୍ରିଟେନ୍, ଫ୍ରାନ୍ସ, ପର୍ତ୍ତୁଗାଲ୍ ଓ ଇଟାଲୀ ଦେଶ ସମୂହ ଯୋଗ ଦେଇଥିଲେ । ଚୁକ୍ତିଭୁକ୍ତ କୌଣସି ଗୋଟିଏ ଦେଶ ଉପରେ ଆକ୍ରମଣ ହେଲେ, ସମସ୍ତ ସଦସ୍ୟ ଦେଶ ଉପରେ ଆକ୍ରମଣ ହେଲାବୋଲି ଧରିନେଇ ଏହାର ପ୍ରତିରୋଧ କରିବା ବିଷୟ ଉକ୍ତ ଚୁକ୍ତିରେ ଉଲ୍ଲେଖ ଥିଲା । ଫେବୃଆରୀ ୧୯୫୨ରେ ଗ୍ରୀସ୍ ଓ ତୁର୍କୀ ଏବଂ ମେ ୧୯୫୫ରେ ଜର୍ମାନୀ ସଂଯୁକ୍ତ ସାଧାରଣତନ୍ତ୍ର ବା ପଶ୍ଚିମ ଜର୍ମାନୀ ଏହି ସାମରିକ ଚୁକ୍ତିରେ ଯୋଗ ଦେଇଥିଲେ । ଏହାଫଳରେ ୧୯୪୯ ମସିହା ପରେ ସାମ୍ୟବାଦୀମାନେ ପଶ୍ଚିମ ଇଉରୋପ ଓ ଆଟଲାଣ୍ଟିକ୍ ଅଞ୍ଚଳରେ କ୍ଷମତା ବିସ୍ତାର କରିପାରିଲେ ନାହିଁ ।

ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଶାନ୍ତି ପ୍ରତିଷ୍ଠା ତଥା ମିଳିତ ପ୍ରତିରକ୍ଷା ବ୍ୟବସ୍ଥାର ପରିଚାଳନା ନିମନ୍ତେ ୧୯୫୧ ମସିହାରେ ଅଷ୍ଟ୍ରେଲିଆ, ନିଉଜିଲାଣ୍ଡ ଏବଂ ଯୁକ୍ତରାଷ୍ଟ୍ର ଆମେରିକା ମଧ୍ୟରେ ଆନ୍‌ଜସ୍ ରାଜିନାମା (ANZUS PACT) ସ୍ୱାକ୍ଷରିତ ହୋଇଥିଲା । ଏହି ରାଜିନାମା ଅନୁସାରେ ପ୍ରଶାନ୍ତ ମହାସାଗର ଅଞ୍ଚଳରେ ଶାନ୍ତିପ୍ରତିଷ୍ଠା ଏବଂ ବାହ୍ୟ ଶତ୍ରୁ ଆକ୍ରମଣର ପ୍ରତିରୋଧ ନିମନ୍ତେ ଚୁକ୍ତିବଦ୍ଧ ଦେଶଗୁଡ଼ିକ ପରସ୍ପରକୁ ସମସ୍ତ ପ୍ରକାର ସାହାଯ୍ୟ ଓ ସହଯୋଗ କରିବାର ବ୍ୟବସ୍ଥା କରାଯାଇଥିଲା ।

୧୯୫୨ ମସିହା ମେ ମାସ ୨୭ତାରିଖରେ ଇଉରୋପୀୟ ପ୍ରତିରକ୍ଷା ଗୋଷ୍ଠୀ (European Defence Community)ର ପ୍ରତିଷ୍ଠା ନିମନ୍ତେ ପ୍ୟାରିସ୍‌ଠାରେ ଏକ

ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା । ଏହି ଚୁକ୍ତିରେ ସମଗ୍ର ଇଉରୋପ ପାଇଁ ଏକ ସାଧାରଣ ରାଜନୈତିକ ଅନୁଷ୍ଠାନ, ସଶସ୍ତ୍ରବାହିନୀ, ବଜେଟ୍ ଏବଂ ଅସ୍ତ୍ରଶସ୍ତ୍ର ନିର୍ମାଣ କାର୍ଯ୍ୟନିମନ୍ତେ ବ୍ୟବସ୍ଥା କରାଯାଇଥିଲା । ଏକ ମିଳିତ ସୈନ୍ୟବାହିନୀକୁ ଇଉରୋପ ପ୍ରତିରକ୍ଷା ବାହିନୀରୂପେ ଅଭିହିତ କରାଯାଇଥିଲା । ଉକ୍ତ ବାହିନୀର ପରିଚାଳନା ନିମନ୍ତେ ଗୋଟିଏ ରାଜନୈତିକ ଅନୁଷ୍ଠାନର ଗଠନ ନିମନ୍ତେ ଯୋଜନା ପ୍ରସ୍ତୁତ କରାଯାଇଥିଲା, ଯାହାକି ଇଉରୋପୀୟ ପ୍ରତିରକ୍ଷା ଗୋଷ୍ଠୀର ପ୍ରଶାସନିକ କାର୍ଯ୍ୟ ସମ୍ପାଦନ କରିବ । ନେଦରଲାଣ୍ଡ ଏବଂ ପଶ୍ଚିମ ଜର୍ମାନୀ ପ୍ରଥମେ ଏହି ଚୁକ୍ତିରେ ସ୍ୱାକ୍ଷର କରିଥିଲେ, କିନ୍ତୁ ଫ୍ରାନ୍ସ ଏହାକୁ ସମର୍ଥନ କରି ନ ଥିଲା । ୧୯୫୪ ମସିହା ୨୮ ସେପ୍ଟେମ୍ବରରୁ ୩ ଅକ୍ଟୋବର ପର୍ଯ୍ୟନ୍ତ ଲଣ୍ଡନଠାରେ ପଶ୍ଚିମ ଇଉରୋପୀୟ ରାଷ୍ଟ୍ରଙ୍କ ମଧ୍ୟରେ ବୁଝାମଣା ନିମନ୍ତେ ଏକ ସମ୍ମିଳନୀର ଆୟୋଜନ କରାଯାଇଥିଲା । ସେଠାରେ ୧୯୪୮ ବ୍ରସେଲସ୍ ଚୁକ୍ତି ଆଧାରରେ ପଶ୍ଚିମ ଇଉରୋପୀୟ ଐକ୍ୟ ପ୍ରତିଷ୍ଠା ନିମନ୍ତେ ଏକ ଯୋଜନା ମଧ୍ୟ ପ୍ରସ୍ତୁତ କରାଯାଇଥିଲା । ଫଳରେ ପଶ୍ଚିମ ଇଉରୋପୀୟ ସଂଘ (Western European Union) ପ୍ରତିଷ୍ଠିତ ହେଲା । ପଶ୍ଚିମ ଇଉରୋପୀୟ ସଂଘର ପରିଷଦକୁ ସଂଖ୍ୟା ଗରିଷ୍ଠ ବହୁମତ ମାଧ୍ୟମରେ ବିଭିନ୍ନ ମୁଖ୍ୟ ପଦକ୍ଷେପ ସମ୍ପର୍କରେ ନିଷ୍ପତ୍ତି ନେବାକୁ କ୍ଷମତା ଅର୍ପଣ କରାଯାଇଥିଲା । ଏହା ଫଳରେ ପଶ୍ଚିମ ଇଉରୋପୀୟ ସଂଘ ଏକ ଆନ୍ତର୍ଜାତିକ ଅନୁଷ୍ଠାନରେ ପରିଣତ ହୋଇଥିଲା ।

ଦକ୍ଷିଣ ପୂର୍ବ ଏସିଆରେ ରୁଷ୍ ଓ ସାମ୍ୟବାଦୀ ଚୀନ୍‌ର ପ୍ରଭାବକୁ ହ୍ରାସ କରିବା ନିମନ୍ତେ ୧୯୫୪ ମସିହା ସେପ୍ଟେମ୍ବର ୮ ତାରିଖ ଦିନ ଯୁକ୍ତରାଷ୍ଟ୍ର ଆମେରିକା ନେତୃତ୍ୱରେ ଦକ୍ଷିଣ ପୂର୍ବ ଏସିଆ ଚୁକ୍ତି ସଂଗଠନ (South East Asia Treaty Organization - SEATO) ଗଠିତ ହୋଇଥିଲା । ଯୁକ୍ତରାଷ୍ଟ୍ର ଆମେରିକା, ବ୍ରିଟେନ୍, ଫ୍ରାନ୍ସ, ଅଷ୍ଟ୍ରେଲିଆ, ନିଉଜିଲାଣ୍ଡ, ଥାଇଲାଣ୍ଡ, ପାକିସ୍ତାନ ଓ ଫିଲିପାଇନ୍‌ସ ଏହାର ସଭ୍ୟ ରହିଲେ । ଉତ୍ତର ଆଟଲାଣ୍ଟିକ୍ ଚୁକ୍ତି ସଂଗଠନ ଢାଞ୍ଚାରେ ଏହାର ନୀତିମାନ ନିର୍ଦ୍ଧାରିତ ହେଲା । ଦକ୍ଷିଣପୂର୍ବ ଏସିଆରେ ଯେକୌଣସି ଆକ୍ରମଣକାରୀଙ୍କୁ ଏହାର ସଭ୍ୟମାନେ ମିଳିତଭାବରେ ପ୍ରତିରୋଧ କରି ସେହି ଅଞ୍ଚଳରେ ନିରାପତ୍ତା ରକ୍ଷା କରିବେ ବୋଲି ସ୍ଥିର ହେଲା । କିନ୍ତୁ ଭିଏତ୍‌ନାମ ଯୁଦ୍ଧ ସମୟରେ ଏହି ଚୁକ୍ତିର କାର୍ଯ୍ୟକାରିତା ପରୀକ୍ଷିତ ହୋଇଥିଲା । ଏଥିରେ ଅନେକ ସଭ୍ୟରାଷ୍ଟ୍ର ଥିଲେ ହେଁ ଯୁଦ୍ଧର ମୁଖ୍ୟ ସାମରିକ ଓ ଆର୍ଥିକ ଦାୟିତ୍ୱ ଯୁକ୍ତରାଷ୍ଟ୍ର ଆମେରିକା ବହନ କରିଥିଲା । ଦୀର୍ଘକାଳ ଯୁଦ୍ଧ ହେବାପରେ ସୋଭିଏତ୍ ସମର୍ଥିତ ଉତ୍ତର ଭିଏତ୍‌ନାମ୍ ଏପ୍ରିଲ ୧୯୭୫ରେ ଯୁକ୍ତରାଷ୍ଟ୍ର ଆମେରିକା ସମର୍ଥିତ ଦକ୍ଷିଣ ଭିଏତ୍‌ନାମ୍ ଉପରେ ବିଜୟ ହାସଲ କରିଥିଲା । ଏହାଦ୍ୱାରା ଯୁକ୍ତରାଷ୍ଟ୍ର ଆମେରିକାର ମର୍ଯ୍ୟାଦା କ୍ଷୁର୍ଣ୍ଣହୋଇଥିଲା ଏବଂ ଦକ୍ଷିଣପୂର୍ବ ଏସିଆ ଚୁକ୍ତି ସଂଗଠନର ପରିସମାପ୍ତି ଘଟିଥିଲା ।

୧୯୫୫ ମସିହାରେ ଇରାକ୍‌ର ରାଜଧାନୀ ବାଗ୍‌ଦାଦ୍‌ଠାରେ ବ୍ରିଟେନ୍, ତୁର୍କୀ, ଇରାକ୍, ଇରାନ୍ ଓ ପାକିସ୍ତାନ ମଧ୍ୟରେ ଏକ ସାମରିକ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା । ଏହା 'ବାଗ୍‌ଦାଦ୍ ଚୁକ୍ତି' ( Bagdad Pact) ନାମରେ ପରିଚିତ । ୧୯୫୮ ମସିହାରେ ରାଜତନ୍ତ୍ରର ପତନ ଫଳରେ ଇରାକ୍ ଏହି ମେଣ୍ଟରୁ ଓହରିଗଲା । ଏହାପରେ ଏହି ଚୁକ୍ତିର ନାମ କେନ୍ଦ୍ରୀୟ ଚୁକ୍ତି ସଙ୍ଗଠନ (Central Treaty Organization - CENTO) ରଖାଗଲା ଏବଂ ଯୁକ୍ତରାଷ୍ଟ୍ର ଆମେରିକା ଏହାର ସଭ୍ୟରୂପେ ଯୋଗଦେଲା ।

ଯୁକ୍ତରାଷ୍ଟ୍ର ଆମେରିକାର ସାମରିକ ମେଣ୍ଟ ଗଠନ ବିରୋଧରେ ସୋଭିଏତ୍ ରୁଷ୍ ନେତୃତ୍ୱରେ ତା'ର ଅନୁଗାମୀ ଇଉରୋପୀୟ ସାମ୍ୟବାଦୀ ରାଷ୍ଟ୍ରମାନେ ୧୯୫୫ ମସିହା ମେ ୧ ତାରିଖରେ 'ୱାରସ ଚୁକ୍ତି' (Warsaw Pact) ସ୍ୱାକ୍ଷର କଲେ । ପୋଲାଣ୍ଡର ରାଜଧାନୀ ୱାର୍‌ସଠାରେ ସୋଭିଏତ୍ ରୁଷ୍, ପୋଲାଣ୍ଡ, ହଙ୍ଗେରୀ, ରୁମାନିଆ, ବୁଲ୍‌ଗେରିଆ, ଆଲ୍‌ବାନିଆ, ଚେକୋସ୍ଲୋଭାକିଆ ଓ ଜର୍ମାନ

ଗଣତାନ୍ତ୍ରିକ ସାଧାରଣତନ୍ତ୍ର ବା ପୂର୍ବ ଜର୍ମାନୀ ମଧ୍ୟରେ ଏହି ସାମରିକ ଚୁକ୍ତି ସମ୍ପାଦିତ ହୋଇଥିଲା । ଏହି ଚୁକ୍ତି ସ୍ୱାକ୍ଷର କରିଥିବା ରାଷ୍ଟ୍ରମାନେ ପୁଞ୍ଜିବାଦୀ ରାଷ୍ଟ୍ରଙ୍କର ଆକ୍ରମଣକୁ ମିଳିତ ଭାବରେ ପ୍ରତିରୋଧ କରିବେ ବୋଲି ଘୋଷଣା କରିଥିଲେ ।

### ଦେତାଁ (Detente)

୧୯୬୯ ମସିହାରୁ ୧୯୭୮ ମସିହା ମଧ୍ୟରେ ଦୁଇ ମହାଶକ୍ତିଙ୍କର ଆଶଙ୍କା ହୋଇଥିଲା ଯେ ସେମାନଙ୍କ ମଧ୍ୟରେ ଚାଲିଥିବା କ୍ରମାଗତ ଉତ୍ତେଜନା ଆଣବିକ ଯୁଦ୍ଧରେ ରୂପାନ୍ତରିତ ହୋଇ ସମଗ୍ର ପୃଥିବୀକୁ ଧ୍ୱଂସାଭିମୁଖୀ କରିଦେବ । ଏହି ଆଶଙ୍କା ସେମାନଙ୍କୁ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ନିମନ୍ତେ ପ୍ରେରଣା ଯୋଗାଇଥିଲା । ଫଳରେ ଏହି ସମୟ ମଧ୍ୟରେ ଦୁଇ ମହାଶକ୍ତିଙ୍କ ମଧ୍ୟରେ ଉତ୍ତେଜନା ହ୍ରାସ ପାଇଲା ଏବଂ ଶୀତଳ ଯୁଦ୍ଧ ଏକ ନୂତନ ରୂପ ନେଇ ଦେତାଁ (Detente) ନାମରେ ପରିଚିତ ହୋଇଥିଲା । ଦେତାଁ ସମୟରେ ଦୁଇ ମହାଶକ୍ତି ମଧ୍ୟରେ ଆଣବିକ ଅସ୍ତ୍ରର ପ୍ରସ୍ତୁତି ପରୀକ୍ଷଣ ଓ ପ୍ରୟୋଗକୁ ନିୟନ୍ତ୍ରଣ କରିବା ନିମନ୍ତେ ଅନେକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା । ଅସ୍ତ୍ରଶସ୍ତ୍ର ପ୍ରତିଯୋଗିତାକୁ ହ୍ରାସ କରିବାକୁ ମଧ୍ୟ କେତେକ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା । ଉଭୟ ଦେଶ ମଧ୍ୟରେ ସାଂସ୍କୃତିକ ବିନିମୟ, ଉଚ୍ଚସ୍ତରୀୟ ପରିଦର୍ଶନ, ବାଣିଜ୍ୟ ଚୁକ୍ତି ଓ ଔଦ୍ୟୋଗିକ କ୍ଷେତ୍ରରେ ସହଯୋଗିତା ଆରମ୍ଭ ହୋଇଥିଲା ।

**ତୁମ ପାଇଁ କାମ :**

***ଦେତାଁ ସମୟରେ ଆଣବିକ ଅସ୍ତ୍ରର ପ୍ରସ୍ତୁତି, ପରୀକ୍ଷଣ ଓ ପ୍ରୟୋଗକୁ ନିୟନ୍ତ୍ରଣ କରିବା ନିମନ୍ତେ ଏବଂ ଅସ୍ତ୍ରଶସ୍ତ୍ର ପ୍ରତିଯୋଗିତା ହ୍ରାସ କରିବାକୁ ଦୁଇ ମହାଶକ୍ତିଙ୍କ ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ରାଜିନାମା ଓ ଚୁକ୍ତିର ଏକ ତାଲିକା ପ୍ରସ୍ତୁତ କର ।***

### ନୂତନ ଶୀତଳ ଯୁଦ୍ଧ

୧୯୭୯ ମସିହାର ଇରାନ୍ ବିଦ୍ରୋହ, ସେହି ବର୍ଷର ଚୀନଭିଏତ୍‌ନାମ ଯୁଦ୍ଧ, ଏଲ୍‌ସାଲ୍‌ଭେଡର୍‌ରେ ଯୁକ୍ତରାଷ୍ଟ୍ର ଆମେରିକାର ସଂପୃକ୍ତି, ଆଫଗାନିସ୍ତାନ୍‌ରେ ରୁଷିଆରେ ସାମରିକ ହସ୍ତକ୍ଷେପ ଆଦି ଘଟଣା ଯୋଗୁଁ ଦୁଇ ମହାଶକ୍ତି ମଧ୍ୟରେ ପୁରୁଣା ଉତ୍ତେଜନାର ପରିପ୍ରକାଶ ଘଟିଥିଲା । ଫଳରେ ୧୯୭୯ ମସିହାରେ ଦେତାଁର ସହସା ଅବସାନ ଘଟିଲା ଏବଂ ଏକ ନୂତନ ଶୀତଳ ଯୁଦ୍ଧର ସୂତ୍ରପାତ ହେଲା । ପୁରାତନ ଶୀତଳଯୁଦ୍ଧ ଏବଂ ନୂତନ ଶୀତଳ ଯୁଦ୍ଧ ମଧ୍ୟରେ କେତେକ ତାରତମ୍ୟ ଥିଲା । ନୂତନ ଶୀତଳ ଯୁଦ୍ଧରେ ଉଭୟ ପକ୍ଷର ସହଯୋଗୀ ରାଷ୍ଟ୍ରମାନେ ସକ୍ରିୟ ଭାବରେ ଜଡିତ ହୋଇ ନଥିଲେ । ମୁଖ୍ୟତଃ ଦୁଇ ମହାଶକ୍ତିଙ୍କ ମଧ୍ୟରେ ଉତ୍ତେଜନା ଓ ଦ୍ୱନ୍ଦ୍ୱ ପରିପ୍ରକାଶ ପାଇଲା ଏବଂ ପରମାଣୁ ଅସ୍ତ୍ର ପ୍ରତିଯୋଗିତା ଆରମ୍ଭ ହୋଇଥିଲା । ଉଭୟ ଦେଶ ପାରମ୍ପରିକ ଅସ୍ତ୍ରଶସ୍ତ୍ରରେ ଅଧିକ ଦକ୍ଷତା ହାସଲ କରିବାକୁ ଚେଷ୍ଟା କରିଥିଲେ । ପୁରାତନ ଶୀତଳଯୁଦ୍ଧ ଅପେକ୍ଷା ନୂତନ ଶୀତଳ ଯୁଦ୍ଧ ଅଧିକ ଭୟଙ୍କର ମନେ ହୋଇଥିଲା ।

**ତୁମେ ଜାଣିଛ କି ?**

***ଏଲ୍ ସାଲ୍‌ଭେଡର୍ (EL Salvedor) କେନ୍ଦ୍ରୀୟ ଆମେରିକାର ଏକ ଦେଶ । ଉତ୍ତର ପ୍ରଶାନ୍ତ ମହାସାଗର କୂଳରେ ଗ୍ୱାଟେମାଲା (Guatemala) ଏବଂ ହଣ୍ଡୁରାସ୍ (Honduras) ମଧ୍ୟରେ ଏହା ଅବସ୍ଥିତ । ଏହାର ରାଜଧାନୀ ସାନ୍ ସାନ୍‌ସାଲଭେଡର୍ (San Salvador) ଅଟେ ।***


କିନ୍ତୁ ଏହି ନୂତନ ଶୀତଳ ଯୁଦ୍ଧ ଅସ୍ଥାୟୀ ଥିଲା, ୧୯୮୫ ମସିହାରେ ମିଖାଇଲ୍ ଗୋର୍ବାଚେଭ୍ (Mikhail



(ମିଖାଇଲ୍ ଗୋର୍ବାଚେଭ୍)

ପ୍ରଥମରୁ ଦ୍ୱାଦଶ COMPETITIVE BOOKS ଓଡ଼ିଶା Board and NCERT All Books With Solution OBS

Gorbachev) ସୋଭିଏତ୍ ପଲିଟିବ୍ୟୁରୋର ସାଧାରଣ ସମ୍ପାଦକ ହେବାପରେ କେତେକ ସଂସ୍କାରମୂଳକ ନୀତି ପ୍ରଣୟନ କଲେ ଯାହାକି ଉଭୟ ପକ୍ଷ ମଧ୍ୟରେ ଲାଗିରହିଥିବା ସଂଘର୍ଷର ଗତିକୁ ପରିବର୍ତ୍ତନ କରିଥିଲା । ସେମାନଙ୍କ ମଧ୍ୟରେ ଶାନ୍ତିସ୍ଥାପନ ଓ ସହାବସ୍ଥାନ ଭାବ ଜାଗ୍ରତ ହୋଇଥିଲା ଏବଂ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ ବୃଦ୍ଧି ପାଇଥିଲା । ଏହା ଫଳରେ ଅସ୍ତ୍ରଶସ୍ତ୍ର ପ୍ରତିଯୋଗିତା ମଧ୍ୟ ହ୍ରାସ ପାଇଥିଲା ।



(ଜର୍ଜ ବୁଶ)

ପୂର୍ବ ଇଉରୋପୀୟ ଦେଶଗୁଡ଼ିକରୁ ସାମ୍ୟବାଦର ବିଲୋପ ଘଟିଲା । ୧୯୯୧ ମସିହା ଡିସେମ୍ବର ମାସରେ ସୋଭିଏତ୍ ସଂଘର ବିଲୟ ଘଟି ସ୍ୱାଧୀନ ରାଷ୍ଟ୍ରମାନଙ୍କରର ରାଷ୍ଟ ମଣ୍ଡଳ (Commonwealth of Independent States) ଗଠିତ ହେଲା । ୧୯୯୨ ମସିହାରେ ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଜର୍ଜ ବୁଶ୍ ଓ କେନ୍ଦ୍ର ରୁଷମଣ୍ଡଳ (Russian Federation) ର ରାଷ୍ଟ୍ରପତି ବୋରିସ୍ ୟେଲତ୍‌ସିନ୍ (Boris Yeltisin) ଶୀତଳ ଯୁଦ୍ଧର ଅବସାନ ଘଟିଲା ବୋଲି ଘୋଷଣା କଲେ ।

**ତୁମେ ଜାଣିଛକି :**

***ସୋଭିଏତ୍ ପଲିଟିବ୍ୟୁରୋ (Soviet Politiburo)ର ଇଂରାଜୀରେ ପୁରାନାମ ହେଉଛି (POLITICAL BUREAU OF THE CENTRAL COMMITTEE OF THE COMMUNIST PARTY OF THE SOVIET UNON) ଏହା ଥିଲା ସୋଭିଏତ୍ ସାମ୍ୟବାଦୀ ଦଳର କେନ୍ଦ୍ରୀୟ କମିଟିର ମୁଖ୍ୟ ରାଜନୈତିକ ସଂଗଠନ । ଏହା ଦ୍ୱାରା ସୋଭିଏତ୍ ସାମ୍ୟବାଦର ସମସ୍ତ ନୀତି ନିର୍ଦ୍ଧାରଣ ଓ ପ୍ରଶାସନିକ କାର୍ଯ୍ୟ ସମ୍ପାଦିତ ହେଉଥିଲା ।)***

## ପ୍ରଶ୍ନାବଳୀ

**୧. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୬୦ଗୋଟି ଶବ୍ଦ ମଧ୍ୟରେ ଲେଖ ।**

(କ) ସମଗ୍ର ପୃଥିବୀରେ ଶୀତଳଯୁଦ୍ଧର କି ପ୍ରଭାବ ପଡିଥିଲା ?

(ଖ) ସାମ୍ୟବାଦର ପ୍ରସାରକୁ ପ୍ରତିରୋଧ କରିବା ନିମନ୍ତେ ଯୁକ୍ତରାଷ୍ଟ୍ର ଆମେରିକା ନେତୃତ୍ୱରେ ଗଠିତ ହୋଇଥିବା ସାମରିକ ଚୁକ୍ତି ଗୁଡିକ ସମ୍ପର୍କରେ ସଂକ୍ଷେପରେ ଉଲ୍ଲେଖ କର ।

(ଗ) ଇଉରୋପୀୟ ରାଷ୍ଟ୍ରମାନେ ସେମାନଙ୍କର ସୁରକ୍ଷା ନିମନ୍ତେ କି ପଦକ୍ଷେପ ନେଇଥିଲେ ?

(ଘ) କିପରି ଶୀତଳ ଯୁଦ୍ଧର ଅବସାନ ଘଟିଲା ?

**୨. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୨୦ଗୋଟି ଶବ୍ଦ ମଧ୍ୟରେ ଲେଖ ।**

(କ) କେଉଁ ଚୁକ୍ତି ଆଧାରରେ ପଶ୍ଚିମ ଇଉରୋପୀୟ ସଂଘ ପ୍ରତିଷ୍ଠିତ ହେଲା ଓ କେବେ ?

(ଖ) ଆନ୍‌ଜସ ରାଜିନାମା କ'ଣ ? ଏଥିରେ କି ବ୍ୟବସ୍ଥା କରାଯାଇଥିଲା ?

(ଗ) ଦକ୍ଷିଣପୂର୍ବ ଏସିଆ ଚୁକ୍ତି ସଂଗଠନର ପରିସମାପ୍ତି କିପରି ଘଟିଥିଲା ?

(ଘ) କେଉଁ ଦେଶଗୁଡିକ ମଧ୍ୟରେ "ବାଗ୍‌ଦାଦ୍ ଚୁକ୍ତି" ସ୍ୱାକ୍ଷରିତ ହୋଇଥିଲା ?
(ଙ) କେନ୍ଦ୍ରୀୟ ଚୁକ୍ତି ସଂଗଠନ କେବେ ଓ କିପରି ଗଠିତ ହୋଇଥିଲା ?
(ଚ) ୱାର୍‌ସ ଚୁକ୍ତି ସମ୍ପର୍କରେ ସଂକ୍ଷେପରେ ଲେଖ ।
(ଛ) ଦେତାଁ କ'ଣ ?
(ଜ) ଦେତାଁ ସମୟରେ ଦୁଇ ମହାଶକ୍ତି ମଧ୍ୟରେ ସମ୍ପର୍କରେ କି ପରିବର୍ତ୍ତନ ହୋଇଥିଲା ?
(ଝ) ନୂତନ ଶୀତଳ ଯୁଦ୍ଧ କଣ ?
(ଞ) ନୂତନ ଶୀତଳ ଯୁଦ୍ଧ ଓ ପୁରାତନ ଶୀତଳ ଯୁଦ୍ଧ ମଧ୍ୟରେ କି' ତାରତମ୍ୟ ଥିଲା ?

**୩. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ବାକ୍ୟରେ ଲେଖ ।**

(କ) ଶୀତଳ ଯୁଦ୍ଧ ଯୋଗୁଁ ପୃଥିବୀ କେଉଁ ଦୁଇଟି ଗୋଷ୍ଠୀରେ ବିଭକ୍ତ ହୋଇଥିଲା ?
(ଖ) ଶୀତଳ ଯୁଦ୍ଧ କିପରି ଏକ ନୂତନ ପ୍ରଯୁକ୍ତି ବିଦ୍ୟାର ଯୁଗ ଆରମ୍ଭ କରିଥିଲା ?
(ଗ) ଉତ୍ତର ଆଟ୍‌ଲାଣ୍ଟିକ୍ ଚୁକ୍ତି ସଂଗଠନ କେବେ ସ୍ୱାକ୍ଷରିତ ହୋଇଥିଲା ?
(ଘ) କେବେ ଲଣ୍ଡନଠାରେ ପଶ୍ଚିମ ଇଉରୋପୀୟ ରାଷ୍ଟ୍ରମାନଙ୍କ ମଧ୍ୟରେ ବୁଝାମଣା ନିମନ୍ତେ ଏକ ସମ୍ମିଳନୀର ଆୟୋଜନ କରାଯାଇଥିଲା ?
(ଙ) କେଉଁସବୁ ରାଷ୍ଟ୍ରଙ୍କ ମଧ୍ୟରେ ଆନ୍‌ଜସ୍ ରାଜିନାମା ସ୍ୱାକ୍ଷରିତ ହୋଇଥିଲା ?
(ଚ) ବାଗ୍‌ଦାଦ୍ ଚୁକ୍ତିର ପରବର୍ତ୍ତିତ ନାମ କ'ଣ ?
(ଛ) ୱାର୍‌ସ ଚୁକ୍ତି କେବେ ଓ କେଉଁଠାରେ ସମ୍ପାଦିତ ହୋଇଥିଲା ?
(ଜ) କେଉଁ ମସିହାରେ ଦେତାଁର ସହସା ଅବସାନ ଘଟିଲା ?
(ଝ) ମିଖାଇଲ୍ ଗୋର୍ବାଚେଭ୍ କେବେ ସୋଭିଏତ୍ ପଲିଟବ୍ୟୁରୋର ସାଧାରଣ ସମ୍ପାଦକ ହେଲେ ?
(ଞ) ଶୀତଳ ଯୁଦ୍ଧର ଅବସାନ ହେଲାବୋଲି କେଉଁ ଦୁଇ ଜଣ ଘୋଷଣା କଲେ ?

**୪. ନିମ୍ନରେ ପ୍ରତ୍ୟେକ ପ୍ରଶ୍ନରେ ଦିଆଯାଇଥିବା ଚାରିଗୋଟି ବିକଳ୍ପ ମଧ୍ୟରୁ ଠିକ୍ ଉତ୍ତରଟି ସଙ୍ଗେ ତା'ର କ୍ରମିକ ବାଛି ଲେଖ ।**

କ. ଉତ୍ତର ଆଟ୍‌ଲାଣ୍ଟିକ୍ ଚୁକ୍ତି ସଂଗଠନରେ ପଶ୍ଚିମ ଜର୍ମାନୀ କେବେ ଯୋଗ ଦେଇଥିଲା ?
(i) ଫେବ୍ରୁଆରୀ ୧୯୫୨ (ii) ମେ ୧୯୫୨ (iii) ଫେବ୍ରୁଆରୀ ୧୯୫୫ (iv) ମେ ୧୯୫୫

ଖ. କିଏ ଆନ୍‌ଜସ୍‌ର ସଭ୍ୟ ନ ଥିଲା ?
(i) ଅଷ୍ଟ୍ରେଲିଆ (ii) ନେଦରଲାଣ୍ଡ (iii) ନିଉଜିଲାଣ୍ଡ (iv) ଯୁକ୍ତରାଷ୍ଟ୍ର ଆମେରିକା

ଗ. କେବେ ବାଗ୍‌ଦାଦ୍ ଚୁକ୍ତି କେନ୍ଦ୍ରୀୟ ଚୁକ୍ତି ସଂଗଠନ ନାମରେ ନାମିତ ହେଲା ?
(i) ୧୯୪୯ ମସିହା (ii) ୧୯୫୨ ମସିହା (iii) ୧୯୫୫ ମସିହା (iv)୧୯୫୮ ମସିହା

ଘ. କେବେ ଦେତାଁର ଅବସାନ ଘଟିଲା ?
(i) ୧୯୭୮ ମସିହା (ii) ୧୯୭୯ ମସିହା (iii) ୧୯୮୫ ମସିହା (iv) ୧୯୯୦ ମସିହା

ଙ. କାହାର ସଂସ୍କାରମୂଳକ ନୀତି ଶୀତଳ ଯୁଦ୍ଧର ଅବସାନ ନିମନ୍ତେ ମାର୍ଗ ପ୍ରସ୍ତୁତ କରିଥିଲା ?
(i) ୱାଲଟର ଲିପ୍‌ମାନ୍ (ii) ମିଖାଇଲ୍ ଗୋର୍ବାଚେଭ୍ (iii) ଜର୍ଜବୁଶ୍ (iv) ବୋରିସ୍ ୟେଲ୍‌ତ୍‌ସିନ୍

**୫. ପାଠରେ ଦିଆଯାଇଥିବା ତୁମ ପାଇଁ କାମଗୁଡ଼ିକ ଶିକ୍ଷକଙ୍କ ନିର୍ଦ୍ଦେଶନା ଓ ସହାୟତାରେ ସମ୍ପାଦନ କର ।**

●●

ଇତିହାସ

### ତୃତୀୟ ପାଠ

# ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନ

# (Non-Aligned Movement)

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଏସିଆ ଓ ଆଫ୍ରିକା ମହାଦେଶର ବହୁରାଷ୍ଟ୍ର ଉପନିବେଶବାଦ ତଥା ସାମ୍ରାଜ୍ୟବାଦ ବିରୋଧରେ ଆନ୍ଦୋଳନ କରି ସ୍ୱାଧୀନତା ହାସଲ କରିଥିଲେ । ମାତ୍ର ସେମାନେ ସେମାନଙ୍କର ଅର୍ଥନୈତିକ ଉନ୍ନତି ଓ ଦେଶର ସୁରକ୍ଷାନିମନ୍ତେ ବିତ୍ତଶାଳୀ ରାଷ୍ଟ୍ରମାନଙ୍କ ଠାରୁ ସାହାଯ୍ୟ ଆଶା କରିଥିଲେ । ଏହି ବିତ୍ତଶାଳୀ ରାଷ୍ଟ୍ରମାନେ ଆର୍ଥିକ ସାହାଯ୍ୟ ପ୍ରତିବଦଳରେ ସେ ସବୁ ରାଷ୍ଟ୍ରର ରାଜନୈତିକ ବ୍ୟାପାରରେ ପ୍ରଭାବ ବିସ୍ତାର କରିବାକୁ ଚେଷ୍ଟା କରିଥିଲେ । ସେତେବେଳକୁ ଶୀତଳ ଯୁଦ୍ଧୀୟ ବାତାବରଣ ଯୋଗୁଁ ସାମ୍ୟବାଦୀ ରାଷ୍ଟ୍ର ସୋଭିଏତ୍ ରୁଷ୍ ଓ ପୁଞ୍ଜିବାଦୀ ରାଷ୍ଟ୍ର ଯୁକ୍ତରାଷ୍ଟ୍ର ଆମେରିକା ନେତୃତ୍ୱରେ ପୃଥିବୀ ଦୁଇଟି ବିବଦମାନ ଗୋଷ୍ଠୀରେ ବିଭକ୍ତ ହୋଇ ଯାଇଥିଲା । ନୂତନ ଭାବରେ ସ୍ୱାଧୀନତା ହାସଲ କରିଥିବା ଅଳ୍ପ କେତେକ ଏସୀୟ ଓ ଆଫ୍ରିକୀୟ ରାଷ୍ଟ୍ର ଦୁଇଟି ଗୋଷ୍ଠୀ ମଧ୍ୟରୁ ଯେ କୌଣସି ଗୋଟିଏ ଗୋଷ୍ଠୀରେ ନିଜକୁ ସାମିଲ୍ କରି ନେଇଥିଲେ । କିନ୍ତୁ ଏସିଆ ଓ ଆଫ୍ରିକାର ଅନେକ ସ୍ୱାଧୀନ, ଅନୁନ୍ନତ ତଥା ବିକାଶଶୀଳ ରାଷ୍ଟ୍ର ଦୁଇ ପ୍ରମୁଖ ଗୋଷ୍ଠୀ ମଧ୍ୟରୁ କୌଣସି ଗୋଟିଏ ହେଲେ ଗୋଷ୍ଠୀରେ ଯୋଗ ନଦେଇ ସେ ଗୁଡ଼ିକଠାରୁ ନିରାପଦ ଦୂରତ୍ୱ ରକ୍ଷାକରି ନିରପେକ୍ଷ ରହିବାକୁ ଉଚିତ ମନେକଲେ । ସେହି ରାଷ୍ଟ୍ରମାନେ ସେମାନଙ୍କର ଜାତୀୟ ପୁନର୍ଗଠନ ଓ ଅର୍ଥନୈତିକ ଉନ୍ନତି ନିମନ୍ତେ ପରସ୍ପର ସହ ସହଯୋଗ ସ୍ଥାପନ କଲେ । ସେମାନଙ୍କ ମଧ୍ୟରେ ଉତ୍ତମ ବୁଝାମଣା ଓ ସହଯୋଗ ବୃଦ୍ଧିପାଇ ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନ (Non-Aligned Movement) ର ଆରମ୍ଭ ହୋଇଥିଲା ।

୧୯୫୫ ମସିହା ଏପ୍ରିଲ୍ ମାସରେ ଇଣ୍ଡୋନେସିଆର ପଶ୍ଚିମ ଜାଭାର ବାନ୍ଦୁଙ୍ଗ୍‌ଠାରେ ଅନୁଷ୍ଠିତ 'ଆଫ୍ରୋ-ଏସୀୟ' ରାଷ୍ଟ୍ରମାନଙ୍କର ଏକ ସମ୍ମିଳନୀରେ ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନର ରୂପରେଖ ପ୍ରସ୍ତୁତ କରା ଯାଇଥିଲା । ଏଥିରେ ୨୩ଟି ଏସୀୟ ଓ ୬ଟି ଆଫ୍ରିକୀୟ ରାଷ୍ଟ୍ର ଯୋଗଦେଇ ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନର କାର୍ଯ୍ୟକାରିତା ବିଷୟରେ ବିସ୍ତାରିତ ରୂପେ ଆଲୋଚନା କରିଥିଲେ । ଏଠାରେ ସ୍ପଷ୍ଟ କରି ଦିଆଯାଇଥିଲା ଯେ ଗୋଷ୍ଠୀ ନିରପେକ୍ଷ ନୀତି ଅବଲମ୍ବନ କରୁଥିବା ରାଷ୍ଟ୍ରମାନେ ଶକ୍ତି ପ୍ରଦର୍ଶନକାରୀ ରାଷ୍ଟ୍ରମାନଙ୍କର ଅନୁଗାମୀ ନୁହନ୍ତି । ବାନ୍ଦୁଙ୍ଗ୍ ସମ୍ମିଳନୀର ଆତ୍ମା ଥିଲେ



(ଜବାହାରଲାଲ ନେହେରୁ)

**ତୁମ ପାଇଁ କାମ :**

*୧୯୫୫ ମସିହାରେ ବାନ୍ଦୁଙ୍ଗ୍‌ଠାରେ ଅନୁଷ୍ଠିତ ଆଫ୍ରୋ-ଏସୀୟ ସମ୍ମିଳନୀରେ ଯୋଗଦାନ କରିଥିବା ୨୩ଟି ଏସୀୟ ଓ ୬ଟି ଆଫ୍ରିକୀୟ ରାଷ୍ଟ୍ରଙ୍କର ନାମ ସଂଗ୍ରହ କରି ଏକ ତାଲିକା ପ୍ରସ୍ତୁତ କର । ନାମଗୁଡ଼ିକୁ ମନେ ରଖ ।*

COMPETITIVE BOOKS ଓଡ଼ିଶା Board and NCERT All Books With Solutions OBS

ଭାରତର ପ୍ରଧାନମନ୍ତ୍ରୀ ପଣ୍ଡିତ୍ ଜବାହାରଲାଲ୍ ନେହେରୁ । ତାଙ୍କର ପଞ୍ଚଶୀଳ ବା ସମସ୍ତ ଜାତିର ଶାନ୍ତିପୂର୍ଣ୍ଣ ସହାବସ୍ଥାନ ନୀତି ସେଠାରେ ଉପସ୍ଥାପିତ ହୋଇ ଗୃହୀତ ହୋଇଥିଲା ।

**ତୁମେ ଜାଣିଛ କି ?**

*ପଣ୍ଡିତ୍ ଜବାହାରଲାଲ ନେହେରୁଙ୍କର ପଞ୍ଚଶୀଳ ନୀତିରେ ନିମ୍ନଲିଖିତ ୫ଟି ନୀତି ଅନ୍ତର୍ଭୁକ୍ତ ହୋଇଥିଲା । ଗୋଷ୍ଠୀ ନିରପେକ୍ଷ ରାଷ୍ଟ୍ରର ସଭ୍ୟଗଣ ନିମ୍ନୋକ୍ତ ପାଞ୍ଚଗୋଟି ନୀତିକୁ ପାଳନ କରିବେ ବୋଲି ସ୍ଥିର ହୋଇଥିଲା । ୧୯୫୪ ମସିହାରେ ଏହା ଭାରତ ଓ ଚୀନ୍ ମଧ୍ୟରେ ସମ୍ପାଦିତ ହୋଇଥିଲା ।*

*୧. ଅନ୍ୟ ରାଷ୍ଟ୍ରର ସୀମା ଓ ସାର୍ବଭୌମ ପ୍ରତି ସମ୍ମାନ ।*
*୨. ଅନ୍ୟ ରାଷ୍ଟ୍ର ଉପରେ ଆକ୍ରମଣରୁ ବିରତ ରହିବା ।*
*୩. ଅନ୍ୟ ରାଷ୍ଟ୍ରର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ ନ କରିବା ।*
*୪. ଅନ୍ୟ ରାଷ୍ଟ୍ର ସହିତ ସମାନତା ଭିତ୍ତିରେ ବନ୍ଧୁତା ସ୍ଥାପନ କରିବା ।*
*୫. ପରସ୍ପର ପ୍ରତି ଶାନ୍ତିପୂର୍ଣ୍ଣ ସହାବସ୍ଥାନ ନୀତି ଅବଲମ୍ବନ କରିବା ।*

ସାମ୍ୟବାଦୀ ବା ପୁଞ୍ଜିବାଦୀ ଗୋଷ୍ଠୀ ମଧ୍ୟରୁ କୌଣସି ଗୋଷ୍ଠୀରେ ଯୋଗ ନଦେଇ ନିରପେକ୍ଷ ଭାବରେ କାର୍ଯ୍ୟ କରିବାକୁ ଗୋଷ୍ଠୀ ନିରପେକ୍ଷତା (Non-Alignment) କୁହାଯାଏ । ସ୍ୱାଧୀନତାର ସୁରକ୍ଷା, ସାମ୍ରାଜ୍ୟବାଦ ଓ ଉପନିବେଶବାଦର ବିଲୋପ, ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଓ ବିଶ୍ୱଶାନ୍ତି ପ୍ରତିଷ୍ଠା ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନର ଲକ୍ଷ୍ୟ ଅଟେ । ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ୍ ଜବାହାର୍‌ଲାଲ୍ ନେହେରୁଙ୍କର ନେତୃତ୍ୱରେ ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନ ସୁଦୃଢ଼ ହୋଇଥିଲା । ଇଣ୍ଡୋନେସିଆର ରାଷ୍ଟ୍ରପତି ସୁକର୍ଣ୍ଣୋ, ଯୁଗୋସ୍ଲୋଭିଆର ରାଷ୍ଟ୍ରପତି ମାର୍ଶାଲ୍ ଟିଟୋ ଓ ଇଜିପ୍ଟ ରାଷ୍ଟ୍ରପତି ଅବ୍‌ଦୁଲ୍ ନାସେର୍‌ଙ୍କ ସହଯୋଗ ଏହାକୁ ପରିପୁଷ୍ଟ କରଥିଲା । ଗୋଷ୍ଠୀ ନିରପେକ୍ଷ ରାଷ୍ଟ୍ରମାନଙ୍କୁ ନେଇ ତୃତୀୟ ବିଶ୍ୱ (Third World) ର ସୃଷ୍ଟି ହୋଇଥିଲା ।



(ମାର୍ଶାଲ୍ ଟିଟୋ)



(ଅବ୍‌ଦୁଲ୍ ନାସେର୍)

## ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନର ଅଗ୍ରଗତି

### ୧. ବେଲ୍‌ଗ୍ରେଡ୍ ସମ୍ମିଳନୀ (୧୯୬୧):

୧୯୬୧ ମସିହା ସେପ୍ଟେମ୍ବର ମାସରେ ଯୁଗୋସ୍ଲୋଭିଆର ରାଜଧାନୀ ବେଲ୍‌ଗ୍ରେଡ୍‌ଠାରେ ଗୋଷ୍ଠୀ ନିରପେକ୍ଷ ରାଷ୍ଟ୍ରମାନଙ୍କର ପ୍ରଥମ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏଥିରେ ପୃଥିବୀର ୨୫ଟି ଏସୀୟ ଓ ଆଫ୍ରିକୀୟ ରାଷ୍ଟ୍ର ଯୋଗଦେଇଥିଲେ । ଏକମାତ୍ର ଇଉରୋପୀୟ ରାଷ୍ଟ୍ର ଯୁଗୋସ୍ଲୋଭିଆ ଏହି ସମ୍ମିଳନୀରେ ଅଂଶ ଗ୍ରହଣ କରିଥିଲା । ଏହି ସମ୍ମିଳନୀର ପ୍ରତିନିଧିମାନେ ବିଶ୍ୱଶାନ୍ତି ଓ ନିରପେକ୍ଷ ନୀତି ପାଳନ ଉପରେ ଗୁରୁତ୍ୱ ଦେଇଥିଲେ; ସମଗ୍ର ବିଶ୍ୱରେ ଅଣୁଅସ୍ତ୍ର ପ୍ରସ୍ତୁତି ଓ ପ୍ରୟୋଗକୁ ବିରୋଧ କରିଥିଲେ ଓ ନିରସ୍ତୀକରଣ ସପକ୍ଷରେ ମତପ୍ରକାଶ କରିବା ସହିତ ପରମାଣୁ ଅସ୍ତ୍ର ପରୀକ୍ଷଣକୁ ସମ୍ପୂର୍ଣ୍ଣରୂପେ ନିଷେଧ କରିବାକୁ ସୁପାରିସ କରିଥିଲେ । ଉପନିବେଶବାଦ ଓ ସାମ୍ରାଜ୍ୟବାଦ ବିରୋଧରେ ଏଠାରେ ଏକ ସାଧାରଣ ନିନ୍ଦା ପ୍ରସ୍ତାବ ଗୃହୀତ ହୋଇଥିଲା । ପ୍ରତିନିଧିମାନେ ସଂଯୁକ୍ତ ରାଷ୍ଟ୍ରସଂଘ ସନନ୍ଦରେ ସେମାନଙ୍କର ଆସ୍ଥା ପ୍ରକଟ କରିଥିଲେ । ଏହି ସମ୍ମିଳନୀ ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନ ପ୍ରତି ବିଶ୍ୱବାସୀଙ୍କର ଦୃଷ୍ଟି ଆକର୍ଷଣ କରିଥିଲା ।

### ୨. କାଇରୋ ସମ୍ମିଳନୀ (୧୯୬୪) :

ଇଜିପ୍ଟର ରାଜଧାନୀ କାଇରୋଠାରେ ଗୋଷ୍ଠୀ ନିରପେକ୍ଷ ରାଷ୍ଟ୍ରମାନଙ୍କର ପରବର୍ତ୍ତୀ ସମ୍ମିଳନୀ ୧୯୬୪

COMPETITIVE BOOKS
ଓଡ଼ିଶା Board and NCERT
All Books With Solutions
OBS

ମସିହା ଅକ୍ଟୋବର ମାସରେ ଆହୂତ ହୋଇଥିଲା । ଏଥିରେ ୪୭ଟି ଦେଶର ପ୍ରତିନିଧି ଯୋଗଦେଇଥିଲେ । ଏହି ସମ୍ମିଳନୀରେ ଶାନ୍ତି ଓ ଆନ୍ତର୍ଜାତିକ ସହଯୋଗ ଶୀର୍ଷକ ଏକ କାର୍ଯ୍ୟକ୍ରମ ନିର୍ଦ୍ଧାରିତ ହୋଇଥିଲା ଏବଂ ସାମ୍ରାଜ୍ୟବାଦ ଓ ଉପନିବେଶବାଦ ବିରୋଧରେ ଦୃଢ଼ ସ୍ୱର ଉତ୍ତୋଳନ କରାଯାଇଥିଲା । ଅସ୍ତ୍ରଶସ୍ତ୍ର ବୃଦ୍ଧିପାଇଁ ଲାଗିରହିଥିବା ପ୍ରତିଦ୍ୱନ୍ଦ୍ୱିତା ବିପକ୍ଷରେ ସମ୍ମିଳିତ ପ୍ରତିବାଦ ଜଣାଇ ଦିଆଯାଇଥିଲା ।

### ୩. ଲୁସାକା ସମ୍ମିଳନୀ (୧୯୭୦):

ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନର ସଦସ୍ୟମାନେ ଜାମ୍ବିଆର ରାଜଧାନୀ ଲୁସାକାଠାରେ ୧୯୭୦ ମସିହା ସେପ୍ଟେମ୍ବର ମାସରେ ଏକତ୍ର ହୋଇଥିଲେ । ଏହି ସମ୍ମିଳନୀରେ ୫୪ଟି ରାଷ୍ଟ୍ର ଯୋଗଦାନ କରିଥିଲେ । ସେଠାରେ 'ଶାନ୍ତି ଓ ଆନ୍ତର୍ଜାତିକ ସହଯୋଗ' ଉପରେ ପୁନର୍ବାର ଗୁରୁତ୍ୱ ଆରୋପ କରାଯାଇଥିଲା । ବିଶ୍ୱ ଉତ୍ତେଜନା ଦୂର କରିବାକୁ ସାମରିକ ମେଣ୍ଟଗୁଡ଼ିକୁ ନଷ୍ଟ କରି ଦେବା ପାଇଁ ଦୃଢ଼ମତ ପ୍ରକାଶ ପାଇଥିଲା । ଉପନିବେଶବାଦକୁ ନିନ୍ଦା କରାଯାଇଥିଲା ଓ ସମସ୍ତ ସଭ୍ୟ ରାଷ୍ଟ୍ରମାନଙ୍କ ମଧ୍ୟରେ ଆର୍ଥନୀତିକ ସହଯୋଗ କାମନା କରାଯାଇଥିଲା ।

### ୪. ଆଲ୍‌ଜିୟର୍ସ ସମ୍ମିଳନୀ (୧୯୭୩):

ଆଫ୍ରିକା ମହାଦେଶସ୍ଥ ଆଲ୍‌ଜେରିଆର ରାଜଧାନୀ ଆଲ୍‌ଜିୟର୍ସଠାରେ ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନର ପରବର୍ତ୍ତୀ ସମ୍ମିଳନୀ ୧୯୭୩ ମସିହା ସେପ୍ଟେମ୍ବର ମାସରେ ଅନୁଷ୍ଠିତ ହୋଇଥିଲା । ସେଥିରେ ୭୬ଟି ରାଷ୍ଟ୍ରର ପ୍ରତିନିଧି ଯୋଗଦାନ କରି ବିଭିନ୍ନ ଆନ୍ତର୍ଜାତିକ ସମସ୍ୟାର ଆଲୋଚନା କରିଥିଲେ ଏବଂ ଅର୍ଥନୈତିକ ଶୋଷଣକୁ ବିରୋଧ କରିଥିଲେ । ପ୍ରତ୍ୟେକ ରାଷ୍ଟ୍ର ତାହାର ପ୍ରାକୃତିକ ସମ୍ପଦକୁ ଜାତୀୟକରଣ କରିବା ଏବଂ ଆଭ୍ୟନ୍ତରୀଣ ଅର୍ଥନୈତିକ କାର୍ଯ୍ୟକୁ ନିୟନ୍ତ୍ରଣ କରିବାର ଅଧିକାର ପାଇବା ଉଚିତ୍ ବୋଲି ମତ ପ୍ରକାଶ ପାଇଥିଲା ।

### ୫. କଲମ୍ବୋ ସମ୍ମିଳନୀ (୧୯୭୬) :

୧୯୭୬ ମସିହା ଅଗଷ୍ଟ ମାସରେ ୮୬ଟି ଦେଶର ପ୍ରତିନିଧିଙ୍କୁ ନେଇ କଲମ୍ବୋଠାରେ ପଞ୍ଚମ ଗୋଷ୍ଠୀ ନିରପେକ୍ଷ ସମ୍ମିଳନୀ ବସିଥିଲା । ଆନ୍ତର୍ଜାତିକ କାରବାରରେ ବିକାଶୋନ୍ମୁଖୀ ରାଷ୍ଟ୍ରମାନେ ନ୍ୟାୟୋଚିତ ଆର୍ଥନୀତିକ ଅଧିକାର ପାଇବା ଉପରେ ଏହି ସମ୍ମିଳନୀରେ ଗୁରୁତ୍ୱ ଆରୋପ କରାଯାଇଥିଲା । ଏହା ବ୍ୟତୀତ ସଂଯୁକ୍ତ ରାଷ୍ଟ୍ର ସଂଘ ନିରାପତ୍ତା ପରିଷଦରେ ସ୍ଥାୟୀ ସଦସ୍ୟମାନଙ୍କର ଥିବା 'ଭିଟୋ' କ୍ଷମତାର ଉଚ୍ଛେଦ ନିମନ୍ତେ ଦାବି ଉପସ୍ଥାପନ କରାଯାଇଥିଲା ।

### ୬. ହାଭାନା ସମ୍ମିଳନୀ (୧୯୭୯) :


ଆମେରିକା ମହାଦେଶସ୍ଥିତ କ୍ୟୁବାର ରାଜଧାନୀ ହାଭାନାଠାରେ ୧୯୭୯ ମସିହା ସେପ୍ଟେମ୍ବର ମାସରେ ଆହୂତ ହୋଇଥିବା ଷଷ୍ଠ ଗୋଷ୍ଠୀ ନିରପେକ୍ଷ ସମ୍ମିଳନୀରେ ୯୪ଟି ରାଷ୍ଟ୍ରର ପ୍ରତିନିଧି ଅଂଶ ଗ୍ରହଣ କରିଥିଲେ । ଏହି ସମ୍ମିଳନୀରେ ବୃହତ୍ ଶକ୍ତିଗୁଡ଼ିକର ଆଧିପତ୍ୟ ବିସ୍ତାର ନୀତିକୁ ନିନ୍ଦା କରାଯାଇଥିଲା । ସାମରିକ ଘାଟିଗୁଡ଼ିକୁ ନଷ୍ଟ କରିଦେବାକୁ ସେମାନଙ୍କୁ ଆହ୍ୱାନ ଦିଆଯାଇଥିଲା । ଭାରତ ମହାସାଗରକୁ ଶାନ୍ତି ଅଞ୍ଚଳରୂପେ ରଖିବା ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା ।

### ୭. ନୂଆଦିଲ୍ଲୀ ସମ୍ମିଳନୀ (୧୯୮୩) :

୧୯୮୩ ମସିହା ମାର୍ଚ୍ଚ ମାସରେ ୭ଦିନ ଧରି ଭାରତର ରାଜଧାନୀ ନୂଆଦିଲ୍ଲୀଠାରେ ୯୯ଟି ଗୋଷ୍ଠୀ ନିରପେକ୍ଷ ରାଷ୍ଟ୍ର ଏକ ଶିଖର ବୈଠକରେ ମିଳିତ ହୋଇଥିଲେ । ଏଠାରେ ଅସ୍ତ୍ରଶସ୍ତ୍ର ପ୍ରତିଯୋଗିତା ଏବଂ ଆଣବିକ ଯୁଦ୍ଧରୁ ନିବୃତ୍ତ ରହିବାକୁ ରାଷ୍ଟ୍ରମାନଙ୍କୁ ନିବେଦନ କରାଯାଇଥିଲା । ଏକ ଆନ୍ତର୍ଜାତିକ ଅର୍ଥବ୍ୟବସ୍ଥା ପ୍ରଚଳନ ପାଇଁ ପଦକ୍ଷେପ ନେବାକୁ ମଧ୍ୟ ସୁପାରିସ କରାଯାଇଥିଲା ।

**ତୁମ ପାଇଁ କାମ :**

***ବିଭିନ୍ନ ଗୋଷ୍ଠୀ ନିରପେକ୍ଷ ସମ୍ମିଳନୀରେ ଭାରତୀୟ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁ, ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଓ ଶ୍ରୀ ରାଜୀବ ଗାନ୍ଧୀଙ୍କର ଭୂମିକା ସମ୍ପର୍କରେ ସହପାଠୀମାନଙ୍କ ସହିତ ବିଶଦ ଭାବରେ ଆଲୋଚନା କର ।***



**(ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନର ସାଙ୍କେତିକ ଚିହ୍ନ)**

### ୮. ହାରାରେ ସମ୍ମିଳନୀ (୧୯୮୬) :

୧୯୮୬ ମସିହା ସେପ୍ଟେମ୍ବର ମାସରେ ଜିମ୍ବାବ୍ୱେର ରାଜଧାନୀ ହାରାରେଠାରେ ଅଷ୍ଟମ ଗୋଷ୍ଠୀ ନିରପେକ୍ଷ ସମ୍ମିଳନୀରେ ୧୦୧ଟି ରାଷ୍ଟ୍ରର ପ୍ରତିନିଧି ଯୋଗଦେଇଥିଲେ । ସେଠାରେ ଦକ୍ଷିଣ ଆଫ୍ରିକାରେ ବର୍ଣ୍ଣବୈଷମ୍ୟ ନୀତିରେ ସମ୍ପୂର୍ଣ୍ଣ ବିଲୋପ ପାଇଁ ବିଶଦ୍ ଆଲୋଚନା କରାଯାଇ ପ୍ରସ୍ତାବ ଗୃହୀତ ହୋଇଥିଲା । ବିଶ୍ୱ ଅର୍ଥନୀତି ବ୍ୟବସ୍ଥା ପରିପ୍ରେକ୍ଷିରେ ଆନ୍ତର୍ଜାତିକ ଅର୍ଥନୈତିକ ସହଯୋଗ ପାଇଁ ସେଠାରେ ଆହ୍ୱାନ ଦିଆଯାଇଥିଲା । ଏହା ବ୍ୟତୀତ ନାମିବିଆର ସ୍ୱାଧୀନତା ଏବଂ କାମ୍ବୋଡିଆ, ଆଫଗାନିସ୍ତାନ୍ ଓ ଇରାନ୍ - ଇରାକ୍ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା ।

### ୯. ବେଲ୍‌ଗ୍ରେଡ୍ ସମ୍ମିଳନୀ (୧୯୮୯) :

ଗୋଷ୍ଠୀ ନିରପେକ୍ଷ ରାଷ୍ଟ୍ରମାନଙ୍କର ନବମ ସମ୍ମିଳନୀ ୧୯୮୯ ମସିହା ସେପ୍ଟେମ୍ବର ମାସରେ ପୁନର୍ବାର ଇଉରୋପସ୍ଥିତ ଯୁଗୋସ୍ଲୋଭିଆର ରାଜଧାନୀ ବେଲ୍‌ଗ୍ରେଡ୍‌ଠାରେ ଅନୁଷ୍ଠିତ ହୋଇଥିଲା । ସେଠାରେ ୯୮ଟି ରାଷ୍ଟ୍ରର ପ୍ରତିନିଧି ଯୋଗଦେଇଥିଲେ । ଉତ୍ତର ଓ ଦକ୍ଷିଣର ରାଷ୍ଟ୍ରମାନଙ୍କ ମଧ୍ୟରେ ଥିବା ଅର୍ଥନୈତିକ ସମ୍ପର୍କ ଏବଂ ନୂତନ ବିଶ୍ୱ ଅର୍ଥନୀତି ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ଓ ସହଯୋଗ ପାଇଁ ଏହି ସମ୍ମିଳନୀରେ ଗୁରୁତ୍ୱ ଦିଆଯାଇଥିଲା ।

### ୧୦. ଜାକର୍ତ୍ତା ସମ୍ମିଳନୀ (୧୯୯୨)

ଦଶମ ଗୋଷ୍ଠୀ ନିରପେକ୍ଷ ସମ୍ମିଳନୀ ୧୯୯୨ ମସିହା ସେପ୍ଟେମ୍ବର ମାସରେ ଇଣ୍ଡୋନେସିଆର ଜାକର୍ତ୍ତାଠାରେ ଅନୁଷ୍ଠିତ ହୋଇଥିଲା ସେଠାରେ ୧୦୮ଟି ସଭ୍ୟ ରାଷ୍ଟ୍ର ଯୋଗ ଦେଇଥିଲେ । ଶୀତଳ ଯୁଦ୍ଧର ଅବସାନ ଏବଂ ସୋଭିଏତ୍ ସଂଘର ବିଲୟ ପରେ ଏହା ପ୍ରଥମ ଗୋଷ୍ଠୀ ନିରପେକ୍ଷ ସମ୍ମିଳନୀ ଅଟେ । ଏଠାରେ ଶୀତଳ ଯୁଦ୍ଧର ଅବସାନ ପରେ ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା ଏବଂ ଗଣତନ୍ତ୍ର ଓ ସମାନତା ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା ।

### ୧୧. କାର୍ଟାଜେନା ସମ୍ମିଳନୀ (୧୯୯୫)

କଲମ୍ବିଆର କାର୍ଟାଜେନା ଡି ଇଣ୍ଡିଆଜ୍‌ଠାରେ ଏକାଦଶ ଗୋଷ୍ଠୀ ନିରପେକ୍ଷ ସମ୍ମିଳନୀ ୧୯୯୫ ମସିହା ଅକ୍ଟୋବର ମାସରେ ୧୧୩ଟି ସଭ୍ୟ ରାଷ୍ଟ୍ରଙ୍କ ପ୍ରତିନିଧିଙ୍କୁ ନେଇ ଅନୁଷ୍ଠିତ ହୋଇଥିଲା । ଏଠାରେ ଆନ୍ତର୍ଜାତିକ ସ୍ତରରେ ଅର୍ଥନୈତିକ, ରାଜନୈତିକ ଓ ସାମାଜିକ କ୍ଷେତ୍ରରେ ସହଯୋଗ ପ୍ରତିଷ୍ଠା ବିଷୟ ଉପସ୍ଥାପନ କରାଯାଇଥିଲା । ବିଶ୍ୱବ୍ୟାଙ୍କ୍ ଓ ଆନ୍ତର୍ଜାତିକ ମୁଦ୍ରାପାଣ୍ଠିର ସଂସ୍କାର ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏହା ବ୍ୟତୀତ ଆନ୍ତର୍ଜାତିକ ନିରାପତ୍ତାରକ୍ଷା, ନିରସ୍ତ୍ରୀକରଣ ଏବଂ ଆତଙ୍କବାଦର ବିଲୋପ ବିଷୟରେ ମଧ୍ୟ ଆଲୋଚନା କରାଯାଇଥିଲା ।

### ୧୨. ଡର୍‌ବାନ୍ ସମ୍ମିଳନୀ (୧୯୯୮)

୧୯୯୮ ମସିହା ସେପ୍ଟେମ୍ବର ମାସରେ ଦକ୍ଷିଣ ଆଫ୍ରିକାର ଡର୍‌ବାନ୍‌ଠାରେ ଦ୍ୱାଦଶ ଗୋଷ୍ଠୀ ନିରପେକ୍ଷ ସମ୍ମିଳନୀରେ ୧୧୪ଟିସଭ୍ୟ ରାଷ୍ଟ୍ରର ପ୍ରତିନିଧି ଏକତ୍ର ହୋଇଥିଲେ । ଯୁକ୍ତରାଷ୍ଟ୍ର ଆମେରିକା ଏହି ସମ୍ମିଳନୀରେ ପର୍ଯ୍ୟବେକ୍ଷକ ରାଷ୍ଟ୍ର ଭାବରେ ଯୋଗଦେଇଥିଲା । ଏହି ସମ୍ମିଳନୀରେ ଆନ୍ତର୍ଜାତୀୟ ସନ୍ତ୍ରାସବାଦ ଓ ଆଣବିକ ଅସ୍ତ୍ରଶସ୍ତ୍ରର ଦୂରୀକରଣ ବିପକ୍ଷରେ ଏକ ନ୍ୟାୟ ସଂଗତ ଆନ୍ତର୍ଜାତିକ ଅର୍ଥନୈତିକ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ଆଲୋଚନା କରାଯାଇଥିଲା । ଇସ୍ରାଏଲ୍‌କୁ ପାଲେଷ୍ଟାଇନ୍

ପ୍ରଥମ ରୁ ଦ୍ୱାଦଶ COMPETITIVE BOOKS ଓଡ଼ିଶା Board and NCERT All Books With Solutions OBS

ଏବଂ ଆରବୀୟ ଅଞ୍ଚଳରୁ ଓହରିଯିବାକୁ ଦାବି କରାଯାଇଥିଲା ।

## ୧୩. କୁଆଲାଲାମ୍ପୁର ସମ୍ମିଳନୀ (୨୦୦୩)

ମାଲୟେସିଆର କୁଆଲାଲାମ୍ପୁରଠାରେ ତ୍ରୟୋଦଶ ଗୋଷ୍ଠୀନିରପେକ୍ଷ ସମ୍ମିଳନୀ ୨୦୦୩ ମସିହା ଫେବୃଆରୀ ମାସରେ ୧୧୪ଟି ମଧ୍ୟରୁ ୧୧୨ଟି ସଭ୍ୟ ରାଷ୍ଟ୍ରର ପ୍ରତିନିଧିଙ୍କୁ ନେଇ ଅନୁଷ୍ଠିତ ହୋଇଥିଲା, ଏଠାରେ ଗୋଷ୍ଠୀନିରପେକ୍ଷ ଆନ୍ଦୋଳନକୁ ଅଧିକ ଶକ୍ତିଶାଳୀ କରିବା ଓ ସଂଯୁକ୍ତ ରାଷ୍ଟ୍ରସଂଘର ଦୃଢ଼ୀକରଣ ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା । ଏହା ବ୍ୟତୀତ ଇରାକ୍ ଓ ଦକ୍ଷିଣ କୋରିଆ ସମସ୍ୟା ଏବଂ ବିଶ୍ୱ ସନ୍ତ୍ରାସବାଦ ମୂଳୋତ୍ପାଟନ ଉପରେ ଆଲୋଚନା ଅନୁଷ୍ଠିତ ହୋଇଥିଲା ।

## ୧୪. ହାଭାନା ସମ୍ମିଳନୀ (୨୦୦୬)

ଚତୁର୍ଦ୍ଦଶ ଗୋଷ୍ଠୀ ନିରପେକ୍ଷ ସମ୍ମିଳନୀ ପୁନର୍ବାର କ୍ୟୁବାର ହାଭାନାଠାରେ ୨୦୦୬ ମସିହା ସେପ୍ଟେମ୍ବର ମାସରେ ଅନୁଷ୍ଠିତ ହୋଇଥିଲା । ଏଠାରେ ୧୧୮ଟି ସଭ୍ୟ ରାଷ୍ଟ୍ରର ପ୍ରତିନିଧି ଯୋଗ ଦେଇ ବିଶ୍ୱର ବିଭିନ୍ନ କ୍ଷେତ୍ରରେ ଯୁକ୍ତରାଷ୍ଟ୍ର ଆମେରିକା ଓ ତା'ର ସହଯୋଗୀ ରାଷ୍ଟ୍ରମାନଙ୍କର ଏକଚାଟିଆ ଆଧିପତ୍ୟ ପ୍ରତିଷ୍ଠାର ପ୍ରଚେଷ୍ଟାକୁ ବିରୋଧ କରିଥିଲେ । ବିଭିନ୍ନ ରାଷ୍ଟ୍ରର ଆଭ୍ୟନ୍ତରୀଣ ବ୍ୟାପାରରେ ବୈଦେଶିକ ହସ୍ତକ୍ଷେପ ଏବଂ ବଳପୂର୍ବକ ଶାସନ ପରିବର୍ତ୍ତନର ମଧ୍ୟ ଏଠାରେ ନିନ୍ଦା କରାଯାଇ ଥିଲା ।

## ୧୫. ଶାର୍ମ ଏଲ୍ ଶେଖ୍ ସମ୍ମିଳନୀ (୨୦୦୯)

ଇଜିପ୍ଟର ଶାର୍ମଏଲ୍ ଶେଖ୍‌ଠାରେ ୧୧୮ଟି ଗୋଷ୍ଠୀ ନିରପେକ୍ଷ ରାଷ୍ଟ୍ରର ପ୍ରତିନିଧି ୨୦୦୯ ମସିହା ଜୁଲାଇ ମାସରେ

ପ୍ରଥମ ରୁ ସ୍ନାତକ COMPETITIVE BOOKS ଓଡ଼ିଶା Board and NCERT All Books With Solution OBS

## ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନ – ସାରଣୀ

| ଆନ୍ଦୋଳନ | ସମୟ (ମସିହା) | ସ୍ଥାନ |
|---|---|---|
| ପ୍ରଥମ | ୧୯୬୧ | ଯୁଗୋସ୍ଲୋଭିଆର ବେଲଗ୍ରେଡ୍ |
| ଦ୍ୱିତୀୟ | ୧୯୬୪ | ଇଜିପ୍ଟର କାଇରୋ |
| ତୃତୀୟ | ୧୯୭୦ | ଜାମ୍ବିଆର ଲୁସାକା |
| ଚତୁର୍ଥ | ୧୯୭୩ | ଆଲ୍‌ଜେରିଆର ଆଲ୍‌ଜିୟର୍ସ |
| ପଞ୍ଚମ | ୧୯୭୬ | ଶ୍ରୀଲଙ୍କାର କଲମ୍ବୋ |
| ଷଷ୍ଠ | ୧୯୭୯ | କ୍ୟୁବାର ହାଭାନା |
| ସପ୍ତମ | ୧୯୮୩ | ଭାରତର ନୂଆଦିଲ୍ଲୀ |
| ଅଷ୍ଟମ | ୧୯୮୬ | ଜିମ୍ବାବ୍ୱେର ହାରାରେ |
| ନବମ | ୧୯୮୯ | ଯୁଗୋସ୍ଲୋଭିଆର ବେଲ୍‌ଗ୍ରେଡ୍ |
| ଦଶମ | ୧୯୯୨ | ଇଣ୍ଡୋନେସିଆର ଜାକର୍ତ୍ତା |
| ଏକାଦଶ | ୧୯୯୫ | କଲମ୍ବିଆର କାର୍ଟାଜେନା ଡି  ଇଣ୍ଡିଆନ୍ |
| ଦ୍ୱାଦଶ | ୧୯୯୮ | ଦକ୍ଷିଣ ଆଫ୍ରିକାର ଡରବାନ୍ |
| ତ୍ରୟୋଦଶ | ୨୦୦୩ | ମାଲୟେସିଆର କୁଆଲାଲାମ୍ପୁର |
| ଚତୁର୍ଦ୍ଦଶ | ୨୦୦୬ | କ୍ୟୁବାର ହାଭାନା |
| ପଞ୍ଚଦଶ | ୨୦୦୯ | ଇଜିପ୍ଟର ଶାର୍ମ ଏଲ୍ ଶେଖ୍ |

ପଞ୍ଚଦଶ ଗୋଷ୍ଠୀ ନିରପେକ୍ଷ ସମ୍ମିଳନୀରେ ଏକତ୍ର ହୋଇ ସେଠାରେ ପୃଥିବୀର ଅର୍ଥନୈତିକ ସଙ୍କଟ ଏବଂ ବିଭିନ୍ନ ରାଷ୍ଟ୍ରଙ୍କ ମଧ୍ୟରେ ଉପୁଜୁଥିବା ରାଜନୈତିକ ଉତ୍ତେଜନା ଓ ଦ୍ୱନ୍ଦ୍ୱ ସମ୍ପର୍କରେ ଆଲୋଚନା କରିଥିଲେ ।

ଏହି ସମୟ ମଧ୍ୟରେ ବିଶ୍ୱରେ ପ୍ରଭୂତ ପରିବର୍ତ୍ତନ ପରିଲକ୍ଷିତ ହୋଇଥିଲା । ସୋଭିଏତ୍ ସଂଘ ଓ ପୂର୍ବ ଇଉରୋପରେ କମ୍ୟୁନିଷ୍ଟବାଦ (ସାମ୍ୟବାଦ)ର ବିଲୋପ ହେବା ସଙ୍ଗେ ସଙ୍ଗେ ସୋଭିଏତ୍ ମହାଶକ୍ତିର ମଧ୍ୟ ବିଲୟ ଘଟିଥିଲା । ସାମରିକ ମେଣ୍ଟମାନ ଭାଙ୍ଗି ଯାଇଥିଲା ଏବଂ ଶୀତଳ ଯୁଦ୍ଧର ଅନ୍ତ ହୋଇଥିଲା । ଏହି ପରିବର୍ତ୍ତିତ ପରିସ୍ଥିତିରେ ଏହି ସମ୍ମିଳନୀ ଗୁଡ଼ିକରେ ଆତଙ୍କବାଦ ଓ ଗଣବିଧ୍ୱଂସି ଅସ୍ତ୍ରଶସ୍ତ୍ର ବିରୋଧରେ ପ୍ରସ୍ତାବମାନ ଗ୍ରହଣ କରାଯାଇଥିଲା । ଏହା ବ୍ୟତୀତ ଜଗତୀକରଣ ଓ ବିଶ୍ୱ ବାଣିଜ୍ୟିକ ସଂଗଠନ (World Trade Organization)ରେ ଅଂଶଗ୍ରହଣ କରିବାର ଧାରା ଚାଲୁ ରଖିବା ଉପରେ ପ୍ରାଧାନ୍ୟ ଦିଆଯାଇଥିଲା ।

## ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନର ଅବଦାନ:

ଶୀତଳ ଯୁଦ୍ଧ, ମହାଶକ୍ତି ମେଣ୍ଟ ଓ ସାମରିକ ଗୋଷ୍ଠୀ ଗଠନ ଯୁଗରେ ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଶୀତଳ ଯୁଦ୍ଧର ଅନ୍ତ ଦିଗରେ ଏହା ସଫଳ ପଦକ୍ଷେପ ନେଇ ପାରିଛି । ଏହା ବିଶ୍ୱରୁ ଉପନିବେଶବାଦର ବିଲୟକୁ ତ୍ୱରାନ୍ୱିତ କରିଛି । ନୂତନ ଭାବରେ ସ୍ୱାଧୀନ ହୋଇଥିବା ରାଷ୍ଟ୍ରଗୁଡ଼ିକ ଏକତ୍ର ହେବାଦ୍ୱାରା ଗୋଟିଏ ତୃତୀୟ ବିଶ୍ୱର ଅଭ୍ୟୁଦୟ ଘଟିଛି । ଦକ୍ଷିଣ ଆଫ୍ରିକାର ଘୃଣ୍ୟ ବର୍ଣ୍ଣବୈଷମ୍ୟବାଦର ଅନ୍ତ ଦିଗରେ ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନର ଉଦ୍ୟମ ପ୍ରଶଂସନୀୟ । ଏହା ଶୀତଳ ଯୁଦ୍ଧ ପରିପ୍ରେକ୍ଷୀରେ ପୃଥିବୀରେ ଗଢ଼ିଉଠିଥିବା ବିଭିନ୍ନ ସାମରିକ ମେଣ୍ଟକୁ ବିରୋଧ କରିବା ସହିତ ନୂତନ ଭାବରେ ସ୍ୱାଧୀନତା ପ୍ରାପ୍ତ ରାଷ୍ଟ୍ରମାନଙ୍କର ସେଗୁଡ଼ିକରେ ଯୋଗଦାନକୁ ନିରୁତ୍ସାହିତ କରିଥିଲା । ଦକ୍ଷିଣ ପୂର୍ବ ଏସିଆ ଚୁକ୍ତି ସଂଗଠନ, କେନ୍ଦ୍ରୀୟ ଚୁକ୍ତି ସଂଗଠନ ଓ ୱାର୍‌ସ ଚୁକ୍ତି ଆଦିର ବିଫଳତା ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନର କାର୍ଯ୍ୟ ଦକ୍ଷତାର ପ୍ରମାଣ ଦିଏ । ଏହାର ପ୍ରଚେଷ୍ଟା ଫଳରେ ପାରମ୍ପରିକ ଓ ଅଣପାରମ୍ପରିକ ଅସ୍ତ୍ରଶସ୍ତ୍ର ପ୍ରତିଯୋଗିତା ସଙ୍କୁଚିତ ହୋଇପାରିଛି । ଏହାଦ୍ୱାରା ସଂଯୁକ୍ତ ରାଷ୍ଟ୍ରସଂଘର କାର୍ଯ୍ୟକ୍ରମକୁ ଅଧିକ ଗଣତାନ୍ତ୍ରିକ କରାଯାଇ ପାରିଛି ଏବଂ ପ୍ରଚଳିତ ରାଜନୀତିର ଗତି ଓ ରୂପରେଖକୁ ସମ୍ପୂର୍ଣ୍ଣ ରୂପେ ବଦଳାଇ ଦିଆଯାଇ ପାରିଛି । ଏହି ଆନ୍ଦୋଳନ ଯୋଗୁଁ ଦୁର୍ବଳ ରାଷ୍ଟ୍ରମାନେ ସ୍ୱତନ୍ତ୍ର ପରିଚୟ ଲାଭ କରିଛନ୍ତି ଏବଂ ତୃତୀୟ ବିଶ୍ୱର ଶକ୍ତିମାନେ ବିଶ୍ୱଶାନ୍ତି ଓ ମାନବୀୟ ଭ୍ରାତୃତ୍ୱର ସଫଳ ପ୍ରସାର କରି ପାରିଛନ୍ତି ।

ପ୍ରଥମ ରୁ ଦ୍ୱାଦଶ COMPETITIVE BOOKS ଓଡ଼ିଶା Board and NCERT All Books With Solutions OBS

ଇତିହାସ

## ପ୍ରଶ୍ନାବଳୀ

**୧. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୬୦ ଗୋଟି ଶବ୍ଦ ମଧ୍ୟରେ ଲେଖ।**

(କ) ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନ କିପରି ଆରମ୍ଭ ହୋଇଥିଲା ?

(ଖ) ଗୋଷ୍ଠୀ ନିରପେକ୍ଷତା କାହାକୁ କୁହାଯାଏ ? ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନର ଲକ୍ଷ୍ୟ କ'ଣ ? ଏହି ଆନ୍ଦୋଳନର ପ୍ରସାରରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ବିଶିଷ୍ଟ ବ୍ୟକ୍ତିମାନେ କିଏ ?

(ଗ) ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନର ରୂପରେଖ କେବେ ଓ କେଉଁଠାରେ ପ୍ରସ୍ତୁତ କରାଯାଇଥିଲା ? ସେଠାରେ କେତୋଟି ଏସୀୟ ଓ ଆଫ୍ରିକୀୟ ରାଷ୍ଟ୍ରର ପ୍ରତିନିଧି ଯୋଗଦେଇଥିଲେ ଓ ସେମାନେ କେଉଁସବୁ ବିଷୟରେ ଆଲୋଚ଼ନା କରିଥିଲେ ?

(ଘ) ବିଶ୍ୱଶାନ୍ତି ପ୍ରତିଷ୍ଠା ଦିଗରେ ଗୋଷ୍ଠୀ ନିରପେକ୍ଷ ଅନ୍ଦୋଳନର ଅବଦାନ ଆଲୋଚ଼ନା କର ।

**୨. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୨୦ ଗୋଟି ଶବ୍ଦ ମଧ୍ୟରେ ଲେଖ।**

(କ) ପ୍ରଥମ ଗୋଷ୍ଠୀ ନିରପେକ୍ଷ ସମ୍ମିଳନୀରେ ଯୋଗଦେଇଥିବା ରାଷ୍ଟ୍ରମାନଙ୍କର ପ୍ରତିନିଧିମାନେ କି' କାର୍ଯ୍ୟ ସମ୍ପାଦନ କରିଥିଲେ ।

(ଖ) ପଞ୍ଚମ ଗୋଷ୍ଠୀ ନିରପେକ୍ଷ ସମ୍ମିଳନୀ କେବେ ଓ କେଉଁଠାରେ ଅନୁଷ୍ଠିତ ହୋଇଥିଲା ? ଏହି ସମ୍ମିଳନୀରେ କେଉଁ ବିଷୟରେ ଗୁରୁତ୍ୱ ଆରୋପ କରାଯାଇଥିଲା ?

(ଗ) ନୂଆଦିଲ୍ଲୀଠାରେ ଗୋଷ୍ଠୀ ନିରପେକ୍ଷ ରାଷ୍ଟ୍ରମାନଙ୍କର ଏକ ଶିଖର ବୈଠକ କେବେ ଅନୁଷ୍ଠିତ ହୋଇଥିଲା ? ଏଠାରେ କି' ପଦକ୍ଷେପ ନିଆଯାଇଥିଲା ।

(ଘ) ଲୁସାକା ଗୋଷ୍ଠୀ ନିରପେକ୍ଷ ସମ୍ମିଳନୀରେ କି କାର୍ଯ୍ୟ ସମ୍ପାଦିତ ହୋଇଥିଲା ?

(ଙ) ବାନ୍ଦୁଙ୍ଗ୍ ସମ୍ମିଳନୀର ଆତ୍ମା କିଏ ଥିଲେ ? ତାଙ୍କର କେଉଁ ନୀତି ସେଠାରେ ଗୃହୀତ ହୋଇଥିଲା ?

(ଚ) ହାରାରେ ଗୋଷ୍ଠୀ ନିରପେକ୍ଷ ସମ୍ମିଳନୀରେ କେତୋଟି ରାଷ୍ଟ୍ରର ପ୍ରତିନିଧି ଯୋଗଦେଇଥିଲେ ? ସେଠାରେ କେଉଁ ଦୁଇଟି କାର୍ଯ୍ୟ ସମ୍ପାଦିତ ହୋଇଥିଲା ?

(ଛ) ୧୯୮୯ ମସିହା ସେପ୍ଟେମ୍ବର ମାସରେ କେଉଁଠାରେ ଗୋଷ୍ଠୀ ନିରପେକ୍ଷ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା ? ସମ୍ମିଳନୀରେ କେଉଁ ବିଷୟରେ ପ୍ରସ୍ତାବ ଆସିଥିଲା ?

(ଜ) ତ୍ରୟୋଦଶ ଗୋଷ୍ଠୀ ନିରପେକ୍ଷ ସମ୍ମିଳନୀରେ ମୁଖ୍ୟତଃ କ'ଣ ଆଲୋଚିତ ହୋଇଥିଲା ?

(ଝ) ଚତୁର୍ଦ୍ଦଶ ଗୋଷ୍ଠୀ ନିରପେକ୍ଷ ସମ୍ମିଳନୀ କେବେ ଓ କେଉଁ ସ୍ଥାନରେ ଅନୁଷ୍ଠିତ ହୋଇଥିଲା ?

(ଞ) ପଞ୍ଚଦଶ ଗୋଷ୍ଠୀ ନିରପେକ୍ଷ ସମ୍ମିଳନୀ କେଉଁଠାରେ ଅନୁଷ୍ଠିତ ହୋଇଥିଲା ? ଏଥିରେ କେତୋଟି ରାଷ୍ଟ୍ରର ପ୍ରତିନିଧି ଯୋଗ ଦେଇଥିଲେ ?

**୩. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ବାକ୍ୟରେ ଲେଖ।**

(କ) କାହା ନେତୃତ୍ୱରେ ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନ ସୁଦୃଢ ହୋଇଥିଲା ?

(ଖ) କେଉଁମାନଙ୍କ ସହଯୋଗ ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନକୁ ପରିପୁଷ୍ଟ କରିଥିଲା ?

(ଗ) କେଉଁମାନଙ୍କୁ ନେଇ ତୃତୀୟ ବିଶ୍ୱର ସୃଷ୍ଟି ହୋଇଥିଲା ?

(ଘ) କେଉଁ ଗୋଷ୍ଠୀ ନିରପେକ୍ଷ ସମ୍ମିଳନୀରେ ବୃହତ୍ ଶକ୍ତିମାନଙ୍କୁ ସେମାନଙ୍କର ସାମରିକ ଘାଟିଗୁଡ଼ିକୁ ନଷ୍ଟ କରିଦେବାକୁ ଆହ୍ୱାନ ଦିଆଯାଇଥିଲା ?

(ଙ) ଆଲ୍‌ଜିୟର୍ସ ଗୋଷ୍ଠୀ ନିରପେକ୍ଷ ସମ୍ମିଳନୀରେ କେତୋଟି ରାଷ୍ଟ୍ରର ପ୍ରତିନିଧି ଯୋଗ ଦେଇଥିଲେ ।

(ଚ) ଲୁସାକା କେଉଁ ଦେଶର ରାଜଧାନୀ ?

(ଛ) ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନର ସପ୍ତମ ସମ୍ମିଳନୀ କେଉଁଠାରେ ଅନୁଷ୍ଠିତ ହୋଇଥିଲା ?

(ଜ) ଦକ୍ଷିଣ ଆଫ୍ରିକାରେ ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନ କେଉଁ ପ୍ରଶଂସନୀୟ ପଦକ୍ଷେପ ନେଇଥିଲା ?

(ଝ) କେଉଁ ଚୁକ୍ତି ଗୁଡ଼ିକର ବିଫଳତା ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନର କାର୍ଯ୍ୟ ଦକ୍ଷତାର ପ୍ରମାଣ ଦିଏ ?

(ଞ) ପଞ୍ଚଦଶ ଗୋଷ୍ଠୀ ନିରପେକ୍ଷ ସମ୍ମିଳନୀ କେଉଁଠାରେ ଅନୁଷ୍ଠିତ ହୋଇଥିଲା ?

**୪. ନିମ୍ନରେ ପ୍ରତ୍ୟେକରେ ତଳେ ଦିଆଯାଇଥିବା ଚାରିଗୋଟି ବିକଳ୍ପ ମଧ୍ୟରୁ ଠିକ୍ ଉତ୍ତରଟି ସଙ୍ଗେ ତା'ର କ୍ରମିକ ନମ୍ବର ବାଛି ଲେଖ ।**

କ. କେଉଁ ଗୋଷ୍ଠୀ ନିରପେକ୍ଷ ସମ୍ମିଳନୀରେ ଆଫଗାନିସ୍ତାନରୁ ରୁଷିଆର ସୈନ୍ୟ ଅପସାରଣ ପାଇଁ ଆହ୍ୱାନ ଦିଆଯାଇଥଲା ?

(i) ହାଭାନା ସମ୍ମିଳନୀ ୧୯୭୯ (ii) ହାରାରେ ସମ୍ମିଳନୀ ୧୯୮୬

(iii) ନୂଆଦିଲ୍ଲୀ ସମ୍ମିଳନୀ ୧୯୮୩ (iv) ବେଲ୍‌ଗ୍ରେଡ୍ ସମ୍ମିଳନୀ ୧୯୮୯

ଖ. ଗୋଷ୍ଠୀ ନିରପେକ୍ଷ ରାଷ୍ଟ୍ରମାନଙ୍କର ପ୍ରଥମ ସମ୍ମିଳନୀ କେଉଁଠାରେ ଅନୁଷ୍ଠିତ ହୋଇଥିଲା ?

(i) ବାନ୍ଦୁଙ୍ଗ (ii) ଲୁସାକା

(iii) କାଇରୋ (iv) ବେଲ୍‌ଗ୍ରେଡ୍

ଗ. କେଉଁ ବିଷୟଟି ୧୯୮୯ ମସିହାରେ ବେଲ୍‌ଗ୍ରେଡ୍ ଗୋଷ୍ଠୀ ନିରପେକ୍ଷ ସମ୍ମିଳନୀରେ ଆଲୋଚିତ ହୋଇଥିଲା ?

(i) ସମ୍ପୂର୍ଣ୍ଣ ଅଣୁ ଅସ୍ତ୍ର ଉଚ୍ଛେଦ (ii) ବିଶ୍ୱ ଅର୍ଥନୀତି ଅବସ୍ଥା

(iii) ଦକ୍ଷିଣ ଆଫ୍ରିକାରେ ବର୍ଣ୍ଣବୈଷମ୍ୟବାଦର ବିଲୋପ (iv) ସାମ୍ରାଜ୍ୟବାଦ ବିରୋଧରେ ସାଧାରଣ ନିନ୍ଦା

ଘ. କେଉଁ ଗୋଷ୍ଠୀ ନିରପେକ୍ଷ ସମ୍ମିଳନୀରେ ବିଶ୍ୱ ଉତ୍ତେଜନା ଦୂର କରିବାକୁ ସାମରିକ ମେଣ୍ଟ ଗୁଡ଼ିକ ନଷ୍ଟ କରିଦେବା ପାଇଁ ମତ ପ୍ରକାଶ ପାଇଥିଲା ?

(i) ଲୁସାକା ସମ୍ମିଳନୀ (୧୯୭୦) (ii) ହାଭାନା ସମ୍ମିଳନୀ (୧୯୭୯)

(iii) କଲମ୍ବୋ ସମ୍ମିଳନୀ (୧୯୭୬) (iv) ହାରାରେ ସମ୍ମିଳନୀ (୧୯୮୬)

**ଙ. କେଉଁ ବିଷୟରେ ୧୯୮୬ ମସିହାର ହାରାରେ ଗୋଷ୍ଠୀ ନିରପେକ୍ଷ ସମ୍ମିଳନୀରେ ଆଲୋଚନା ହୋଇଥିଲା ?**

(i) ଆନ୍ତର୍ଜାତିକ ସନ୍ତ୍ରାସବାଦର ଦୂରୀକରଣ (ii) ବିଶ୍ୱବ୍ୟାଙ୍କର ସଂସ୍କାର

(iii) ସାମରିକ ଘାଟିଗୁଡ଼ିକର ଧ୍ୱଂସ (iv) ବର୍ଣ୍ଣ ବୈଷମ୍ୟ ନୀତିର ବିଲୋପ

**୫. ପାଠରେ ଦିଆଯାଇଥିବା ତୁମ ପାଇଁ କାମଗୁଡ଼ିକ ଶିକ୍ଷକଙ୍କ ସହାୟତା ଓ ନିର୍ଦ୍ଦେଶନାରେ ସମ୍ପାଦନ କର ।**

●●



ପ୍ରଥମ ରୁ ସ୍ୱାଧୀନ COMPETITIVE BOOKS ଓଡ଼ିଶା Board and NCERT OBS

## ଚତୁର୍ଥ ପାଠ

# ସୋଭିଏତ୍ ସଂଘର ବିଖଣ୍ଡୀକରଣ
# (Disintegration of Soviet Union)

ଐତିହାସିକ ଦୃଷ୍ଟିକୋଣରୁ ବିଂଶ ଶତାବ୍ଦୀର ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ହେଉଛି ସୋଭିଏତ୍ ସଂଘର ବିଲୟ ଯାହା ଶୀତଳ ଯୁଦ୍ଧ ଓ ଅସ୍ତ୍ରଶସ୍ତ୍ର ପ୍ରତିଯୋଗିତାର ଅବସାନ ଘଟାଇଥିଲା । ୧୯୧୭ ମସିହାରେ ରୁଷ୍ ଦେଶରେ ଏକଛତ୍ରବାଦୀ ଓ ଅତ୍ୟାଚାରୀ ଜାର୍ ଶାସନ ବିରୋଧରେ ବୋଲ୍‌ସେଭିକ୍ ଆନ୍ଦୋଳନ ସଂଘଟିତ ହେବାଦ୍ୱାରା ଜାର୍ ଶାସନର ପତନ ହୋଇଥିଲା । ୧୯୨୩ ମସିହାରେ ଭ୍ଲାଡିମିର୍ ଲେନିନ୍‌ଙ୍କ (Vladimir Lenin) ନେତୃତ୍ୱରେ ୧୫ଟି ରାଜ୍ୟର ସମାହାରରେ ସାମ୍ୟବାଦୀ ସୋଭିଏତ୍ ସଂଘ ଆତ୍ମପ୍ରକାଶ କରିଥିଲା । ଲେନିନ୍‌ଙ୍କର ନୂତନ ଅର୍ଥନୈତିକ ନୀତି ଦ୍ୱାରା ୧୯୨୧ ମସିହାରୁ ସୋଭିଏତ୍ ସଂଘରେ ଅର୍ଥନୈତିକ ସଂସ୍କାର ଆରମ୍ଭ ହୋଇଥିଲା । ୧୯୨୮ ମସିହାରେ ଯୋସେଫ୍ ଷ୍ଟାଲିନ୍ (Joseph Stalin)ଙ୍କ ଦ୍ୱାରା ପଞ୍ଚବାର୍ଷିକ ଯୋଜନାର ପ୍ରବର୍ତ୍ତନ ଫଳରେ ଖୁବ୍ କମ୍ ସମୟ ମଧ୍ୟରେ ସୋଭିଏତ୍ ସଂଘ ଏକ କୃଷିପ୍ରଧାନ ରାଷ୍ଟ୍ରରୁ ଶକ୍ତିଶାଳୀ ଶିଳ୍ପୋନ୍ନତ ରାଷ୍ଟ୍ରରୂପେ ବିଶ୍ୱରେ ନିଜର ପରିଚୟ ସୃଷ୍ଟି କରିପାରିଥିଲା ।



(ଯୋସେଫ୍ ଷ୍ଟାଲିନ)

**ତୁମେ ଜାଣିଛ କି ?**

*ରୁଷର ସମ୍ରାଟମାନେ ୧୫୪୭ ମସିହାରୁ ଜାର୍ ଉପାଧି ଧାରଣ କରୁଥିଲେ । ୧୫୪୭ ମସିହାରେ ଚତୁର୍ଥ ଇଭାନ୍ (Ivan IV) ୧୭ ବର୍ଷ ବୟସରେ ରୁଷର ପ୍ରଥମ ଜାର୍ ହୋଇଥିଲେ । ଶେଷ ଜାର୍ ଦ୍ୱିତୀୟ ନିକୋଲାସ୍ (Nicholas II) ୧୯୧୭ ମସିହା ଫେବ୍ରୁଆରୀ ବିପ୍ଳବ ଦ୍ୱାରା ଗାଦିଚ୍ୟୁତ ହୋଇଥିଲେ ।*

ଦ୍ୱିତୀୟ ବିଶ୍ୱଯୁଦ୍ଧ ଶେଷ ବେଳକୁ ସୋଭିଏତ୍ ସଂଘ ପୃଥିବୀର ଦ୍ୱିତୀୟ ବୃହତ୍ ଅର୍ଥନୈତିକ ଶକ୍ତିରେ ପରିଣତ ହୋଇ ଯୁକ୍ତରାଷ୍ଟ୍ର ଆମେରିକା ପରେ ପୃଥିବୀର ଅନ୍ୟତମ ବୃହତ୍‌ଶକ୍ତି ଭାବରେ ପ୍ରତିଷ୍ଠିତ ହୋଇଥିଲା । ଷ୍ଟାଲିନ୍‌ଙ୍କର ବଳିଷ୍ଠ ନେତୃତ୍ୱ ସୋଭିଏତ୍ ସଂଘର ଚତୁଃପାର୍ଶ୍ୱରେ ସାମ୍ୟବାଦର ଲୌହ ପରଦାକୁ ସୁଦୃଢ଼ କରିବା ସଙ୍ଗେ ସଙ୍ଗେ ଆନ୍ତର୍ଜାତିକ କ୍ଷେତ୍ରରେ ଏହାର ପ୍ରଭାବ ଓ ପ୍ରତିପତ୍ତିକୁ ବୃଦ୍ଧି କରିଥିଲା । ୧୯୪୯ ମସିହା ବେଳକୁ ସୋଭିଏତ୍ ସଂଘ ପୂର୍ବ ଇଉରୋପୀୟ ଦେଶ ଯଥା ପୋଲାଣ୍ଡ, ହଙ୍ଗେରୀ, ଚେକୋସ୍ଲୋଭାକିଆ, ରୁମାନିଆ, ବୁଲ୍‌ଗେରିଆ, ଆଲବାନିଆ, ପୂର୍ବ ଜର୍ମାନୀ ପ୍ରଭୃତିରେ ସାମ୍ୟବାଦୀ ଶାସନ ପ୍ରତିଷ୍ଠା କରିଥିଲା । ଷ୍ଟାଲିନ୍ ୧୯୫୩ ମସିହା ପର୍ଯ୍ୟନ୍ତ ସୋଭିଏତ୍ ସଂଘର ଶାସନ ଦୃଢ଼ ହସ୍ତରେ ପରିଚାଳନା କରିଥିଲେ ।

COMPETITIVE BOOKS
ଓଡ଼ିଶା Board and NCERT
All Books With Solutions
OBS

**ତୁମେ ଜାଣିଛ କି ?**

*୧୯୨୩ ମସିହାରେ ସୋଭିଏତ୍ ସଂଘ ନିମ୍ନଲିଖିତ ୧୫ଟି ରାଜ୍ୟକୁ ନେଇ ଗଠିତ ହୋଇଥିଲା :-*

| | | |
|---|---|---|
| ରୁଷିଆ | କାଜାଖସ୍ତାନ୍ | ଉଜ୍‌ବେକିସ୍ତାନ୍ |
| ବେଲାରୁଷ୍ | କିରଗୀଜ୍‌ସ୍ତାନ | ଜର୍ଜିଆ |
| ୟୁକ୍ରେନ୍ | ମୋଲଡୋଭା | ଲିଥୁଆନିଆ |
| ଆର୍ମେନିଆ | ତୁର୍କମେନିସ୍ତାନ୍ | ଲାଟ୍‌ଭିଆ |
| ଆଜରବାଇଜାନ୍ | ତାଜିକିସ୍ତାନ୍ | ଇସ୍ତୋନିଆ |

**ତୁମ ପାଇଁ କାମ :**

***ଯୋସେଫ୍ ଷ୍ଟାଲିନ୍‌ଙ୍କ ସମୟରେ ସୋଭିଏତ୍ ସଂଘରେ କିପରି ଦ୍ରୁତ ଅର୍ଥନୈତିକ ଓ ସାମରିକ ଅଭିବୃଦ୍ଧି ଘଟିଥିଲା ସେ ସମ୍ପର୍କରେ ବିଭିନ୍ନ ବହି ପଢ଼ି ଏକ ସନ୍ଦର୍ଭ ଲେଖ ।***

ଷ୍ଟାଲିନ୍‌ଙ୍କର ମୃତ୍ୟୁପରେ ନିକିତା କୃଶ୍ଚେଭ୍ (Nikita Khrushchev) ସୋଭିଏତ୍ ସଂଘର ପ୍ରଧାନମନ୍ତ୍ରୀ ହେଲେ ।



**(ନିକିତା କୃଶ୍ଚେଭ୍)**

ସେ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ନୀତିରେ ବିଶ୍ୱାସ କରୁଥିଲେ ଏବଂ ତାଙ୍କ ସମୟରେ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ସହିତ ସୋଭିଏତ୍ ସଂଘର ସମ୍ପର୍କରେ ସାମାନ୍ୟ ଉନ୍ନତି ଘଟିଥିଲା । କିନ୍ତୁ ଚୀନ୍‌ର ଶାସକ ମାଓ-ସେ-ତୁଙ୍ଗଙ୍କ ସହ ସୋଭିଏତ୍ ସଂଘର ସମ୍ପର୍କ ତିକ୍ତ ହୋଇଥିଲା । ସୋଭିଏତ୍ ସଂଘ ଏବଂ ସାମ୍ୟବାଦୀ ଚୀନ୍ ମଧ୍ୟରେ ତୀବ୍ର ମତଭେଦ ଘଟି ବିଶ୍ୱରେ ସୋଭିଏତ୍ ସଂଘର ପ୍ରାଧାନ୍ୟ କ୍ଷୁଣ୍ଣ ହୋଇଥିଲା । କୃଶ୍ଚେଭ୍ ତାଙ୍କର ଉଦାରବାଦୀ ମନୋଭାବ ଯୋଗୁଁ କଠୋରପନ୍ଥୀଙ୍କ ଦ୍ୱାରା ନିନ୍ଦିତ ହେଲେ ଏବଂ ୧୯୬୪ ମସିହାରେ କ୍ଷମତାରୁ ଅପସରି ଗଲେ । କୃଶ୍ଚେଭ୍‌ଙ୍କ ପରେ ପରେ ଆଲେକ୍ସି କୋସିଜିନ୍ (Alexei Kosygin) ଏବଂ ଲିଓନିଡ୍



**(ଆଲେକ୍ସି କୋସିଜିନ୍ )**

ବ୍ରେଜ୍‌ନେଭଙ୍କ (Leonide Breznev) ସମୟରେ ଯୁକ୍ତରାଷ୍ଟ୍ର ଆମେରିକା ସହିତ ସୋଭିଏତ୍ ସଂଘର ଅସ୍ତ୍ରଶସ୍ତ୍ର ପ୍ରତିଯୋଗିତା ଓ ଶୀତଳ ଯୁଦ୍ଧ ଯୋଗୁଁ ଏହାର ସାମରିକ ଖର୍ଚ୍ଚ ଯଥେଷ୍ଟ ବୃଦ୍ଧି ପାଇଥିଲା ।



**(ଲିଓନିଡ୍ ବ୍ରେଜ୍‌ନେଭ)**

ଅଶୀଦଶକର ଆରମ୍ଭରୁ ମୁଦ୍ରାସ୍ଫୀତି, ଆବଶ୍ୟକ ସାମଗ୍ରୀର ଅଭାବ, କୃଷି ଉତ୍ପାଦନ ହ୍ରାସ ଏବଂ କଳାବଜାରର ପ୍ରଭାବରୁ ଦେଶର ଅର୍ଥନୀତି ସମ୍ପୂର୍ଣ୍ଣ ଦୁର୍ବଳ ହୋଇପଡ଼ିଲା । ଏତଦ୍‌ବ୍ୟତୀତ ସାମ୍ୟବାଦୀ ଲୌହପରଦା ନୀତି ଯୋଗୁଁ ବିଶ୍ୱସ୍ତରୀୟ ସୂଚନା ପ୍ରଯୁକ୍ତିବିଦ୍ୟାର ଶିଳ୍ପାୟନ ସୁଫଳରୁ ସୋଭିଏତ୍ ସଂଘ ବଞ୍ଚିତ ହୋଇ ଅନଗ୍ରସରତାର ଶିକାର ହୋଇଥିଲା । ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ରୋନାଲଡ୍ ରିଗାନ୍‌ଙ୍କ (Ronald Reagan) ଦ୍ୱାରା ଘୋଷିତ ତାରକା ଯୁଦ୍ଧ

COMPETITIVE BOOKS ଓଡ଼ିଶା Board and NCERT All Books With Solutions OBS

ଯୋଜନା ସୋଭିଏତ୍ ସଂଘର ଦୁର୍ବଳ ଅର୍ଥନୀତି ଉପରେ ଅତ୍ୟଧିକ ସାମରିକ ଖର୍ଚ୍ଚର ବୋଝ ଲଦି ଦେଇଥିଲା । ୧୯୮୬ ମସିହାର ଚେର୍ଣ୍ଣୋବିଲ୍ ଆଣବିକ ଶକ୍ତି କେନ୍ଦ୍ରରେ ଦୁର୍ଘଟଣା ହେତୁ ସୋଭିଏତ୍ ସଂଘର ବିପର୍ଯ୍ୟସ୍ତ ଆର୍ଥନୀତିକ ଅବସ୍ଥା ବିଶ୍ୱବାସୀଙ୍କୁ ଦୃଷ୍ଟିଗୋଚ଼ର ହୋଇଥିଲା ।



(ରୋନାଲଡ୍ ରିଗାନ୍)

ସୋଭିଏତ୍ ସଂଘର ଏହିପରି ସ୍ଥାଣୁ ଅବସ୍ଥା ଅବସରରେ କେତେକ ଯୁବ ସାମ୍ୟବାଦୀଙ୍କ ମଧ୍ୟରେ ନୂତନ ଚିନ୍ତାଧାରାର ଅଭ୍ୟୁଦୟ ଘଟି ରାଜନୈତିକ ଓ ଆର୍ଥନୀତିକ ଉଦାରୀକରଣ ଏବଂ ପାଶ୍ଚାତ୍ୟ ଦେଶଗୁଡ଼ିକ ସହିତ ସୁସମ୍ପର୍କର ଏକ ନୂତନ ଅଧ୍ୟାୟର ସୂତ୍ରପାତ ହୋଇଥିଲା । ୧୯୮୫ ମସିହା ମାର୍ଚ୍ଚ ମାସରେ ମିଖାଇଲ୍ ଗୋର୍ବାଚେଭ୍ (Mikhail Gorbachev) ସୋଭିଏତ୍ ପଲିଟିବ୍ୟୁରୋର ସାଧାରଣ ସଂପାଦକ ଭାବେ ନିର୍ବାଚିତ ହେଲେ। ତାଙ୍କ ନେତୃତ୍ୱରେ ନିକିତା କୃଶ୍ଚେଭଙ୍କ ଅଧୀନରେ କାର୍ଯ୍ୟ କରିଥିବା ଷ୍ଟାଲିନ୍ ବିରୋଧୀ ତଥା ଉଦାରପନ୍ଥୀ ଓ ସଂସ୍କାରବାଦୀ ଯୁବ ବୈଷୟିକ ବିଜ୍ଞାନୀଗଣ ସୋଭିଏତ୍ କମ୍ୟୁନିଷ୍ଟ ଦଳରେ ନିଜର ସ୍ଥିତି ଦୃଢ଼ କରିଥିଲେ । ସେମାନଙ୍କ ସହାୟତାରେ ବିପର୍ଯ୍ୟସ୍ତ ରାଜନୈତିକ ଓ ଆର୍ଥନୀତିକ ଅବସ୍ଥାକୁ ସୁଧାରିବା ପାଇଁ ଗୋର୍ବାଚେଭ୍ଙ୍କ ଦ୍ୱାରା ଗ୍ଲାସ୍‌ନସ୍ତ (GLASNOST-Political openness) ବା ମୁକ୍ତ ରାଜନୈତିକ କାର୍ଯ୍ୟ କଳାପ, ପେରିସ୍ତୋଇକା (PERESTROIKA - Economic Restructuring)- ବା ଆର୍ଥନୀତିକ ପୁନର୍ବିନ୍ୟାସ; ଏବଂ ଉସ୍କୋରେନିୟେ (USKORENIYE - speed up of economic development) - ବା ଦ୍ରୁତ ଆର୍ଥନୀତିକ ବିକାଶ ପରି କେତେକ ନୂତନ ନୀତି ୧୯୮୬ ମସିହାରେ ଘୋଷିତ ହୋଇଥିଲା ।

ଗ୍ଲାସ୍‌ନସ୍ତ ନୀତିଦ୍ୱାରା ସୋଭିଏତ୍ ସଂଘରେ ମତବ୍ୟକ୍ତ କରିବାର ସ୍ୱାଧୀନତା ଏବଂ ସମ୍ବାଦପତ୍ରର ସ୍ୱାଧୀନତା ସମ୍ଭବ ହୋଇଥିଲା । ସହସ୍ରାଧିକ ରାଜନୈତିକ ବନ୍ଦୀ ଏବଂ ବିରୋଧୀମାନଙ୍କୁ କାରାମୁକ୍ତ କରାଗଲା । ସୋଭିଏତ୍ ସମାଜ ସଂପର୍କିତ ଅଧ୍ୟୟନ ବ୍ୟାପକ ହେଲା ଏବଂ ବହୁ ଗୋପନୀୟ ତଥ୍ୟ ଲୋକଲୋଚନକୁ ଆସିଲା । ୧୯୮୭ ମସିହା ଜାନୁଆରୀ ମାସରେ ଗୋର୍ବାଚେଭ୍ ଗଣତାନ୍ତ୍ରିକ ପ୍ରକ୍ରିୟା ଆରମ୍ଭ କରିଥିଲେ । ୧୯୯୦ ମସିହା ମାର୍ଚ୍ଚ ମାସ ୧୫ ତାରିଖରେ ସେ ସୋଭିଏତ୍ ସଂଘର ପ୍ରଥମ କାର୍ଯ୍ୟନିର୍ବାହୀ ରାଷ୍ଟ୍ରପତି ରୂପେ ନିର୍ବାଚିତ ହେଲେ । ଗ୍ଲାସ୍‌ନସ୍ତ ନୀତି ପ୍ରଣୟନ କରି ସୋଭିଏତ୍ ସାମ୍ୟବାଦୀ ବ୍ୟବସ୍ଥାରେ ଉନ୍ନତି ସାଧନ କରିବା ଗୋର୍ବାଚେଭ୍ଙ୍କର ଲକ୍ଷ୍ୟ ଥିଲା । କିନ୍ତୁ ଗଣମାଧ୍ୟମ ଉପରେ ନିୟନ୍ତ୍ରଣ କୋହଳ ହେବାଦ୍ୱାରା ସୋଭିଏତ୍ ସଂଘର ଦୁର୍ବଳତା ଲୋକଲୋଚନକୁ ଆସିଲା ଏବଂ ସରକାର ଜନସାଧାରଣଙ୍କର ଆସ୍ଥା ଓ ବିଶ୍ୱାସ ହରାଇଲେ । ୱାରସ ଚୁକ୍ତି ଅନ୍ତର୍ଭୁକ୍ତ ପୂର୍ବ ଇଉରୋପୀୟ ରାଷ୍ଟ୍ରସମୂହର ଆଭ୍ୟନ୍ତରୀଣ ବ୍ୟାପାରରେ ସୋଭିଏତ୍ ସଂଘର ହସ୍ତକ୍ଷେପ ବନ୍ଦକରି ନିୟନ୍ତ୍ରଣ କୋହଳ କରିଦିଆଯିବାରୁ ସେହି ସବୁ ରାଷ୍ଟ୍ରରେ ସାମ୍ୟବାଦୀ ସରକାରଙ୍କର ପତନ ଘଟିଲା ।

ଆର୍ଥନୀତିକ ପୁନର୍ଗଠନ ଓ ଦ୍ରୁତ ଆର୍ଥନୀତିକ ବିକାଶ ନିମନ୍ତେ ଗୋର୍ବାଚେଭଙ୍କ ଦ୍ୱାରା ପ୍ରଣୀତ ପେରିସ୍ତୋଇକା ଏବଂ ଉସ୍କୋରେନିୟେ ନୀତି ଦ୍ୱାରା ସୋଭିଏତ୍ ସଂଘର ବହୁବର୍ଷ ଧରି ମନ୍ଥର ହୋଇଯାଇଥିବା ଅର୍ଥନୀତିରେ କୌଣସି ଉନ୍ନତି ହୋଇ ପାରି ନଥିଲା । ୧୯୯୦ ମସିହା ସୁଦ୍ଧା ସୋଭିଏତ୍ ସରକାର ଦେଶର ଅର୍ଥନୀତି ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ହରାଇଲେ । ଲାଭ ହେଉ ନଥିବା ଉଦ୍ୟୋଗଗୁଡ଼ିକୁ

ବଞ୍ଚାଇବାକୁ ଯାଇ ସରକାରୀ ଖର୍ଚ୍ଚ ବଢ଼ି ଚାଲିଲା । ସୋଭିଏତ୍ ସଂଘ ଅନ୍ତର୍ଭୁକ୍ତ ରାଷ୍ଟ୍ରମାନେ ସଂଘୀୟ ସରକାରକୁ ରାଜସ୍ୱ ଦେବାକୁ ମନାକରିଦେଲେ । ଫଳରେ ସୋଭିଏତ୍ ସଂଘର ଅର୍ଥନୀତି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଲା ।

କ୍ରମଶଃ ସୋଭିଏତ୍ ସଂଘ ଅନ୍ତର୍ଭୁକ୍ତ ରାଷ୍ଟ୍ରଗୁଡ଼ିକରେ ସାମାଜିକ ଓ ସାଂସ୍କୃତିକ ବିଭେଦ ତୀବ୍ରତର ହେଲା । ସେହି ରାଷ୍ଟ୍ରଗୁଡ଼ିକର ନିର୍ବାଚନରେ ସାମ୍ୟବାଦୀ ଦଳ ପରାଜିତ ହୋଇ ଆଞ୍ଚଳିକ ଦଳମାନ କ୍ଷମତାକୁ ଆସିଲେ । ଏହାଦ୍ୱାରା ସୋଭିଏତ୍ ସଂଘର କେନ୍ଦ୍ରୀୟ କ୍ଷମତା ଦୁର୍ବଳ ହୋଇଗଲା । ରାଷ୍ଟ୍ରମାନେ ବହୁଦଳୀୟ ବ୍ୟବସ୍ଥା ପ୍ରବର୍ତ୍ତନ କରି ସମାଜବାଦୀ ଓ ଗଣତାନ୍ତ୍ରିକ ଦଳ ଗଠନ କଲେ । ଉଦାରୀକରଣ ପ୍ରକ୍ରିୟାର ପ୍ରଭାବରେ ସୋଭିଏତ୍ ସଂଘ ଅନ୍ତର୍ଭୁକ୍ତ ଲିଥୁଆନିଆ, ଇସ୍ତୋନିଆ, ଲାଟ୍‌ଭିଆ, ବେଲାରୁଷ୍, ଇଉକ୍ରେନ୍, ମୋଲ୍‌ଡାଭିଆ, ଉଜ୍‌ବେକିସ୍ତାନ, ଜର୍ଜିଆ, ଆର୍ମେନିଆ, ଆଜର୍‌ବାଇଜାନ୍ ତୁର୍କମେନିସ୍ତାନ ଓ କାଜାଖସ୍ତାନ୍ ପ୍ରଭୃତି ରାଜ୍ୟ ସ୍ୱାଧୀନତା ଘୋଷଣା କଲେ । ସାମ୍ୟବଦୀ ଦଳକୁ ବାସନ୍ଦ କରାଗଲା ଓ ୱାର୍‌ସ ଚୁକ୍ତିକୁ ଭାଙ୍ଗି ଦିଆଗଲା । କ୍ଷମତା ଦଖଲ କରିବାପାଇଁ କଠୋରପନ୍ଥୀ ସାମ୍ୟବାଦୀମାନଙ୍କର ସମସ୍ତ ଚେଷ୍ଟା ରୁଷ୍ ସାଧାରଣତନ୍ତ୍ରର ରାଷ୍ଟ୍ରପତି ବୋରିସ୍ ୟେଲ୍‌ତ୍‌ସିନ୍ (Boris Yeltsin) ଙ୍କର ଦୃଢ଼ ପଦକ୍ଷେପ ଯୋଗୁଁ ପଣ୍ଡ ହୋଇଗଲା । ୧୯୯୧ ମସିହା ଡିସେମ୍ବର ୨୫ ତାରିଖ ଦିନ ଗୋର୍ବାଚେଭ୍ ସୋଭିଏତ୍ ସଂଘର ରାଷ୍ଟ୍ରପତି ପଦରୁ ଇସ୍ତଫା ପ୍ରଦାନ କଲେ । ତା'ପର ଦିନ ଅର୍ଥାତ୍ ୧୯୯୧ ମସିହା ଡିସେମ୍ବର ୨୬ ତାରିଖ ଦିନ ସୋଭିଏତ୍ ସଂଘର ଅସ୍ତିତ୍ୱ ଲୋପ ପାଇଲା । ଏହା ପୂର୍ବରୁ ୨୧ ଡିସେମ୍ବର ୧୯୯୧ ମସିହା



(ବୋରିସ୍ ୟେଲ୍‌ତ୍‌ସିନ୍)

ସୁଦ୍ଧା ୧୧ ଗୋଟି ରାଜ୍ୟଙ୍କୁ ନେଇ ସ୍ୱାଧୀନ ରାଜ୍ୟମାନଙ୍କର ଏକ ରାଜ୍ୟଗୋଷ୍ଠୀ (Commonwealth of Independent States-CIS) ଗଠିତ ହୋଇ ସାରିଥିଲା । ସେହି ୧୧ଗୋଟି ରାଜ୍ୟ ହେଲେ ବେଲାରୁଷ (Belarus), କେନ୍ଦ୍ର ରୁଷ୍ ମଣ୍ଡଳ (Russian Federation), ୟୁକ୍ରେନ୍ (Ukraine), ଆର୍ମେନିଆ (Armenia), ଆଜର୍‌ବାଇଜାନ୍ (Azerbaijan), କାଜାଖସ୍ତାନ୍ (Kazakhstan), କିର୍ଗୀଜସ୍ତାନ୍ (Kyrgyzstan), ମୋଲ୍‌ଡୋଭା (Moldova), ତୁର୍କମେନିସ୍ତାନ୍ (Turkmenistan), ତାଜିକିସ୍ତାନ୍ (Tajikistan) ଏବଂ ଉଜ୍‌ବେକିସ୍ତାନ୍ (Uzbekistan) । ଡିସେମ୍ବର ୧୯୯୩ ରେ ଜର୍ଜିଆ (Georgia) ସେମାନଙ୍କ ସହିତ ମିଶିବାରୁ ରାଜ୍ୟ ସଂଖ୍ୟା ୧୨ ହେଲା । ରାଜ୍ୟଗୁଡ଼ିକ ସ୍ୱାଧୀନ ହେଲେ ମଧ୍ୟ ପ୍ରତିରକ୍ଷା, ରାଜସ୍ୱ ଆଦାୟ, ଅସ୍ତ୍ରଶସ୍ତ୍ର ଓ ଆଣବିକ ନିୟନ୍ତ୍ରଣ କ୍ଷେତ୍ରରେ କେନ୍ଦ୍ରୀୟ ରୁଷ୍ ସରକାର ଉପରେ ନିର୍ଭରଶୀଳ ରହିଲେ ।

## ପ୍ରଶ୍ନାବଳୀ

**୧. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୬୦ ଗୋଟି ଶବ୍ଦ ମଧ୍ୟରେ ଲେଖ ।**

(କ) କାହା ନେତୃତ୍ୱରେ ସୋଭିଏତ୍ ସଂଘ ପୃଥିବୀର ଦ୍ୱିତୀୟ ବୃହତ୍ ଅର୍ଥନୈତିକ ଶକ୍ତିରେ ପରିଣତ ହୋଇଥିଲା ? କେଉଁ ସବୁ କାରଣରୁ ଏହାର ଅର୍ଥନୀତି ବିପର୍ଯ୍ୟସ୍ତ ହୋଇଥିଲା ?

(ଖ) ସୋଭିଏତ୍ ସଂଘର ବିପର୍ଯ୍ୟସ୍ତ ରାଜନୈତିକ ଅବସ୍ଥାକୁ ସୁଧାରିବା ପାଇଁ ଗୋର୍ବାଚେଭ୍‌ଙ୍କ ଦ୍ୱାରା କେଉଁ ନୂତନ ନୀତି ଘୋଷିତ ହୋଇଥିଲା ? ଏହାର ପରିଣତି କ'ଣ ହେଲା ?

(ଗ) ସୋଭିଏତ୍ ସଂଘର ଆର୍ଥନୀତିକ ଅବସ୍ଥାକୁ ସୁଧାରିବା ପାଇଁ ଗୋର୍ବାଚେଭ୍ କେଉଁ ଦୁଇଟି ନୀତି ଘୋଷଣା କରିଥିଲେ । ସୋଭିଏତ୍ ଅର୍ଥନୀତି ସେଗୁଡ଼ିକ ଦ୍ୱାରା କିପରି ପ୍ରଭାବିତ ହୋଇଥିଲା ?

(ଘ) ସୋଭିଏତ୍ ସଂଘ ଅନ୍ତର୍ଭୁକ୍ତ ରାଷ୍ଟ୍ରଗୁଡ଼ିକରେ ସାମାଜିକ ଓ ସାଂସ୍କୃତିକ ବିଭେଦ ତୀବ୍ରତର ହେବାର ପରିଣତି କ'ଣ ହେଲା ?

**୨. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୨୦ ଗୋଟି ଶବ୍ଦ ମଧ୍ୟରେ ଲେଖ ।**

(କ) ଦ୍ୱିତୀୟ ବିଶ୍ୱଯୁଦ୍ଧପରେ ସୋଭିଏତ୍ ସଂଘ କିପରି ପୃଥିବୀର ଦ୍ୱିତୀୟ ବୃହତ୍ ଶକ୍ତି ଭାବରେ ପ୍ରତିଷ୍ଠିତ ହୋଇଥିଲା ?

(ଖ) ଯୋସେଫ୍ ଷ୍ଟାଲିନ୍ ସୋଭିଏତ୍ ସଂଘକୁ କିପରି ଏକ ଶକ୍ତିଶାଳୀ ରାଷ୍ଟ୍ରରେ ପରିଣତ କରିଥିଲେ ?

(ଗ) କିଏ ତାରକାଯୁଦ୍ଧ ଯୋଜନା ଘୋଷଣା କରିଥିଲେ ? ସୋଭିଏତ୍ ସଂଘର ଅର୍ଥନୀତି ଉପରେ ଏହାର କି' ପ୍ରଭାବ ପଡ଼ିଥିଲା ?

(ଘ) ୧୯୮୬ ମସିହାରେ ମିଖାଇଲ୍ ଗୋର୍ବାଚେଭ୍‌ଙ୍କ ଦ୍ୱାରା ଘୋଷିତ ନୀତିଗୁଡିକ ଲେଖ ।

(ଙ) ଗ୍ଲାସ୍‌ନସ୍ତ୍ ନୀତିର ପ୍ରଚଳନ ଫଳରେ ସୋଭିଏତ୍ ସଂଘରେ କି ସୁବିଧା ହେଲା ?

(ଚ) ପେରିସ୍ତୋଇକା ଓ ଉସ୍କୋରେନିୟେ ନୀତିର ଲକ୍ଷ୍ୟ କ'ଣ ଥିଲା ?

(ଛ) ଗ୍ଲାସ୍‌ନସ୍ତ୍ ନୀତି ପ୍ରଣୟନର କୁପରିଣତିଗୁଡ଼ିକ ଲେଖ ।

(ଜ) କେଉଁ ସବୁ କାରଣ ଯୋଗୁଁ ୧୯୯୦ ମସିହା ସୁଦ୍ଧା ସୋଭିଏତ୍ ସଂଘର ଅର୍ଥନୀତି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଥିଲା ?

(ଝ) ଉଦାରୀକରଣ ପ୍ରକ୍ରିୟାର ପ୍ରଭାବରେ ସୋଭିଏତ୍ ସଂଘରେ କି ପରିବର୍ତ୍ତନ ଘଟିଥିଲା ?

(ଞ) ରୁଷୀୟ ରାଜ୍ୟଗୁଡ଼ିକ ସ୍ୱାଧୀନ ହୋଇଥିଲେ ସୁଦ୍ଧା କେଉଁ ବିଷୟଗୁଡ଼ିକରେ କେନ୍ଦ୍ରୀୟ ଋଷ ସରକାର ଉପରେ ନିର୍ଭରଶୀଳ ରହିଲେ ?

**୩. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ବାକ୍ୟରେ ଲେଖ ।**

(କ) କେବେ ଋଷ୍ ଦେଶରେ ଜାର୍ ଶାସନ ବିରୋଧରେ ବୋଲ୍‌ସେଭିକ୍ ଆନ୍ଦୋଳନ ସଂଘଟିତ ହୋଇଥିଲା ?

(ଖ) କେବେଠାରୁ ସୋଭିଏତ୍ ସଂଘରେ ଅର୍ଥନୈତିକ ସଂସ୍କାର ଆରମ୍ଭ ହୋଇଥିଲା ?

(ଗ) ଯୋସେଫ ଷ୍ଟାଲିନ୍‌ଙ୍କର କେଉଁ ପଦକ୍ଷେପ ଫଳରେ ସୋଭିଏତ୍ ସଂଘ ଏକ ଶକ୍ତିଶାଳୀ ଶିଳ୍ପୋନ୍ନତ ରାଷ୍ଟ୍ରରେ ପରିଣତ ହୋଇଥିଲା ?

(ଘ) ଷ୍ଟାଲିନ୍‌ଙ୍କର ବଳିଷ୍ଠ ନେତୃତ୍ୱର କି ପ୍ରଭାବ ସୋଭିଏତ୍ ସଂଘ ଉପରେ ପଡ଼ିଥିଲା ?

(ଙ) ସାମ୍ୟବାଦୀ ଲୌହ ପରଦା ନୀତି ଯୋଗୁଁ ସୋଭିଏତ୍ ସଂଘ କିପରି କ୍ଷତିଗ୍ରସ୍ତ ହେଲା ?

(ଚ) ଗୋର୍ବାଚେଭ କେବେ ସୋଭିଏତ୍ ସଂଘର ପ୍ରଥମ କାର୍ଯ୍ୟନିର୍ବାହୀ ରାଷ୍ଟ୍ରପତି ରୂପେ ନିର୍ବାଚିତ ହେଲେ ?

(ଛ) ବୋରିସ୍ ୟେଲ୍‌ତ୍‌ସିନ୍ କିଏ ?

(ଜ) କେବେ ସୋଭିଏତ୍ ସଂଘର ଅସ୍ତିତ୍ୱ ଲୋପ ପାଇଲା ?

(ଝ) କୃଶ୍ଚେଭ୍‌ଙ୍କର କେଉଁ ମନୋଭାବ ଯୋଗୁଁ ସେ ଉଦାରପନ୍ଥୀଙ୍କ ଦ୍ୱାରା ନିନ୍ଦିତ ହେଲେ ?

(ଞ) କେଉଁ କାରଣ ଯୋଗୁଁ ପୂର୍ବ ଇଉରୋପୀୟ ୱାର୍‌ସ ଚୁକ୍ତି ଅନ୍ତର୍ଭୁକ୍ତ ରାଷ୍ଟ୍ର ସମୂହରେ ସାମ୍ୟବାଦୀ ସରକାରର ପତନ ଘଟିଥିଲା ?

**୪. ନିମ୍ନରେ ପ୍ରତ୍ୟେକ ପ୍ରଶ୍ନରେ ଦିଆଯାଇଥିବା ଚାରିଗୋଟି ବିକଳ୍ପ ମଧ୍ୟରୁ ଠିକ୍ ଉତ୍ତରଟି ସଙ୍ଗେ ତା'ର କ୍ରମିକ ନମ୍ବର ବାଛି ଲେଖ ।**

କ. କେଉଁ ସୋଭିଏତ୍ ପ୍ରଧାନମନ୍ତ୍ରୀଙ୍କ ସମୟରେ ଚୀନ୍‌ର ଶାସକ ମାଓ-ସେ-ତୁଙ୍ଗ୍‌ଙ୍କ ସହିତ ସୋଭିଏତ୍ ସଂଘର ସମ୍ପର୍କ ତିକ୍ତ ହୋଇଥିଲା ?

(i) ଲେନିନ୍ (ii) କୃଶ୍ଚେଭ୍ (iii) ଷ୍ଟାଲିନ୍ (iv) ବ୍ରେଜନେଭ୍

ଖ. ଚେର୍ଣ୍ଣୋବିଲ୍ ଆଣବିକ ଶକ୍ତି କେନ୍ଦ୍ରର ଦୁର୍ଘଟଣା କେଉଁ ମସିହାରେ ଘଟିଥିଲା ?

(i) ୧୯୮୫ (ii) ୧୯୯୦ (iii) ୧୯୮୬ (iv) ୧୯୯୧

ଗ. କିଏ ୧୯୮୫ ମସିହା ମାର୍ଚ୍ଚ ମାସରେ ସୋଭିଏତ୍ ପଲିଟିବ୍ୟୁରୋର ସାଧାରଣ ସମ୍ପାଦକ ଭାବରେ ନିର୍ବାଚିତ ହୋଇଥିଲେ ?

(i) ନିକିତା କୃଶ୍ଚେଭ୍ (ii) ଆଲେକ୍ସି କୋସିଜିନ୍ (iii) ଲିଓନିଡ୍ ବ୍ରେଜ୍‌ନେଭ (iv) ମିଖାଇଲ୍ ଗୋର୍ବାଚେଭ୍

ଘ. କାହାଦ୍ୱାରା ସୋଭିଏତ୍ ସଂଘରେ ପଞ୍ଚବାର୍ଷିକ ଯୋଜନାର ପ୍ରବର୍ତ୍ତନ ହୋଇଥିଲା ?

(i) ଭ୍ଲାଡିମିର ଲେନିନ୍ (ii) ଯୋଶେଫ୍ ଷ୍ଟାଲିନ୍ (iii) ନିକିତା କୃଶ୍ଚେଭ୍ (iv) ଆଲେକ୍ସି କୋସିଜିନ୍

ଙ. ଜର୍ଜିଆ କେବେ ସ୍ୱାଧୀନ ରାଜ୍ୟମାନଙ୍କର ରାଜ୍ୟ ଗୋଷ୍ଠୀ ସହିତ ମିଶିଥିଲା ।

(i) ୧୯୯୦ (ii) ୧୯୯୧ (iii) ୧୯୯୨ (iv) ୧୯୯୩

**୫. ପାଠରେ ଦିଆଯାଇଥିବା ତୁମ ପାଇଁ କାମ ଗୁଡିକ ଶିକ୍ଷକଙ୍କ ନିର୍ଦ୍ଦେଶନା ଓ ସହାୟତାରେ ସମ୍ପାଦନ କର ।**

●●

ପ୍ରଥମ ରୁ ଦ୍ୱାଦଶ
COMPETITIVE BOOKS
ଓଡ଼ିଶା Board and NCERT
All Books With Solution
CBS

## ପାଠ୍ୟପୁସ୍ତକସ୍ଥ ପ୍ରଶ୍ନାବଳୀର ଉତ୍ତର



**୧ । ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୬୦ ଗୋଟି ଶବ୍ଦ ମଧ୍ୟରେ ଲେଖ ।**

**(କ) ଶୀତଳ ଯୁଦ୍ଧର କାରଣଗୁଡ଼ିକ ଲେଖ ।**

ଉ– (i) ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଦୁଇ ବୃହତ୍ ଶକ୍ତି ଯୁକ୍ତରାଷ୍ଟ୍ର ଆମେରିକା ଓ ସୋଭିଏତ୍ ରୁଷ୍ ଦୁଇଗୋଟି ବିପରୀତ ଆଦର୍ଶରେ ବିଶ୍ୱାସ କରୁଥିଲେ ।

ସୋଭିଏତ୍ ରୁଷ୍ ସାମ୍ୟବାଦର ସମର୍ଥକ ଥିବାବେଳେ ଯୁକ୍ତରାଷ୍ଟ୍ର ଆମେରିକା ଗଣତନ୍ତ୍ର ତଥା ପୁଞ୍ଜିବାଦର ସମର୍ଥକ ଥିଲା ।

(ii) ଯୁକ୍ତରାଷ୍ଟ୍ର ଆମେରିକା ଇଂଲାଣ୍ଡ, ଫ୍ରାନ୍ସ, ଇଟାଲୀ, ଜର୍ମାନୀ, ଜାପାନ ପ୍ରଭୃତି ଯୁଦ୍ଧ ବିଧ୍ୱସ୍ତ ରାଷ୍ଟ୍ରମାନଙ୍କୁ ଆର୍ଥିକ ଓ ସାମରିକ ସାହାଯ୍ୟ ଯୋଗାଇଥିଲା ।

(iii) ସେହିପରି ସୋଭିଏତ୍ ରୁଷ୍ ପୂର୍ବ ଇଉରୋପୀୟ ଦେଶ (ପୋଲାଣ୍ଡ, ହଙ୍ଗେରୀ, ରୁମାନିଆ, ଯୁଗୋସ୍ଲୋଭିଆ, ବୁଲ୍‌ଗେରିଆ, ଆଲ୍‌ବାନିଆ, ଚେକୋସ୍ଲୋଭାକିଆ ଆଦି) ଏବଂ ଚୀନ୍‌ରେ ସାମ୍ୟବାଦ ସରକାର ଗଠନରେ ସହାୟତା କରି ତା'ର ପ୍ରଭାବ ବୃଦ୍ଧିକଲା ।

(iv) ବିଶ୍ୱ ରାଜନୀତିରେ ଉଭୟ ଦେଶ ପ୍ରଭାବ ବିସ୍ତାର ପାଇଁ ପ୍ରବଳ ପ୍ରତିଦ୍ୱନ୍ଦ୍ୱିତା କଲେ; ଫଳରେ ଈର୍ଷା, ଶତ୍ରୁତା ଓ ସନ୍ଦେହ ବୃଦ୍ଧିପାଇଲା ।

(v) ଉଭୟ ରାଷ୍ଟ୍ର ପରସ୍ପର ମଧ୍ୟରେ ଯୁଦ୍ଧ ନ କରି କୂଟନୈତିକ ସ୍ତରରେ ଯୁଦ୍ଧ ଆରମ୍ଭ କରି ଅନୁଗତ ରାଷ୍ଟ୍ରମାନଙ୍କୁ ଆର୍ଥିକ ଓ ସାମରିକ ସାହାଯ୍ୟ ଯୋଗାଇଲେ । ଏହା ହିଁ ଶୀତଳ ଯୁଦ୍ଧର କାରଣ ଥିଲା ।

ପ୍ରଥମ ରୁ ଦ୍ୱାଦଶ
COMPETITIVE BOOKS
ଓଡ଼ିଶା Board and NCERT
All Books With Solutions

**(ଖ) ଶୀତଳ ଯୁଦ୍ଧ କିପରି ପ୍ରସାରଲାଭ କରିଥିଲା ?**

ଉ – (i) ପୂର୍ବ ଇଉରୋପୀୟ ରାଷ୍ଟ୍ର ଓ ଚୀନ୍‌ରେ ସାମ୍ୟବାଦ ଶାସନ ପ୍ରତିଷ୍ଠା ପରେ ସୋଭିଏତ୍ ରୁଷ୍ ପଶ୍ଚିମ ଇଉରୋପରେ ସାମ୍ୟବାଦ ପ୍ରତିଷ୍ଠାପାଇଁ ଚେଷ୍ଟାକଲା ।

(ii) ଯୁଦ୍ଧ ପରବର୍ତ୍ତୀ ଗ୍ରୀସ୍‌ରେ ପଡ଼ୋଶୀ ସାମ୍ୟବାଦୀ ରାଷ୍ଟ୍ର ଯୁଗୋସ୍ଲୋଭିଆ, ବୁଲ୍‌ଗେରିଆ ଏବଂ ଆଲ୍‌ବାନିଆର ସହଯୋଗରେ ଗ୍ରୀସ୍‌ରେ ସାମ୍ୟବାଦୀ ସମର୍ଥକ ପ୍ରାୟ ୧୩,୦୦୦ ଗ୍ରୀକ୍ ଗରିଲା ଗୃହଯୁଦ୍ଧର ସୂତ୍ରପାତ କରାଇଲେ । ୧୯୪୬ରେ ସଂଯୁକ୍ତ ରାଷ୍ଟ୍ରସଂଘର ନିରାପତ୍ତା ପରିଷଦରେ ଗ୍ରୀସ୍ ଏହା ବିରୋଧରେ ଅଭିଯୋଗ ଆଣିଲା ।

(iii) ସେହିପରି ତୁର୍କୀରେ ଦୁଇଟି ବୃହତ୍ ପ୍ରଦେଶ ଉପରେ କର୍ତ୍ତୃତ୍ୱ ଜାହିର ଉଦ୍ୟମ ଏବଂ ସାଧାରଣ ଜନତାଙ୍କୁ ସରକାରଙ୍କ ବିରୋଧରେ ବିଦ୍ରୋହ କରିବାକୁ ସୋଭିଏତ୍ ରୁଷ୍‌ର ଉତ୍ସାହ ପ୍ରଦାନ ବିରୋଧରେ ତୁର୍କୀ ଯୁକ୍ତରାଷ୍ଟ୍ର ଆମେରିକାର ସାହାଯ୍ୟ ଲୋଡ଼ିଲା ।

(iv) ସୋଭିଏତ୍ ରୁଷ୍ ତଥା ସାମ୍ୟବାଦର ପ୍ରଭାବକୁ ପ୍ରତିହତ କରିବା ଉଦ୍ଦେଶ୍ୟରେ ଯୁକ୍ତରାଷ୍ଟ୍ର ଆମେରିକା ଟ୍ରୁମାନ୍ ନୀତି ପ୍ରଣୟନକଲା ଏବଂ ତୁର୍କୀ ଓ ଗ୍ରୀସ୍‌କୁ ୪୦୦ ନିୟୁତ ଡଲାର ସାହାଯ୍ୟ ମଞ୍ଜୁରକଲା ।

(v) ଅନ୍ୟାନ୍ୟ ଇଉରୋପୀୟ ରାଷ୍ଟ୍ରମାନଙ୍କରେ ସାମ୍ୟବାଦର ପ୍ରସାରକୁ ରୋକିବାପାଇଁ ଯୁକ୍ତରାଷ୍ଟ୍ର ଆମେରିକା ମାର୍ଶାଲ ଯୋଜନା ପ୍ରବର୍ତ୍ତନ କରିଥିଲା ।

ଏହିପରି ଭାବରେ ଉଭୟ ଦେଶ ନିଜ ଅନୁଗତ ରାଷ୍ଟ୍ରମାନଙ୍କୁ ଆର୍ଥିକ ଓ ସାମରିକ ସାହାଯ୍ୟ ଯୋଗାଇ ଶୀତଳ ଯୁଦ୍ଧର ପ୍ରସାର କରାଇଥିଲେ ।

ପ୍ରଥମରୁ ଦ୍ୱାଦଶ
COMPETITIVE
BOOKS
All Books With Solutions
OBS

**(ଗ) ଟ୍ରୁମାନ୍ ନୀତି କ'ଣ ? ଏହି ନୀତିଦ୍ୱାରା ଯୁକ୍ତରାଷ୍ଟ୍ର ଆମେରିକା କିପରି ଗ୍ରୀସ୍ ଓ ତୁର୍କୀରେ ସାମ୍ୟବାଦର ପ୍ରସାରକୁ ପ୍ରତିହତ କରିଥିଲା ?**

ଉ – (i) ୧୯୪୭ ମସିହା ମାର୍ଚ୍ଚ ୧୨ ତାରିଖ ଦିନ ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଟ୍ରୁମାନ୍ ଆମେରିକୀୟ କଂଗ୍ରେସର ମିଳିତ ଅଧିବେଶନରେ ଏକ ଅଭିଭାଷଣ ଦେଇଥିଲେ ଯାହା ପରବର୍ତ୍ତୀ କାଳରେ ଟ୍ରୁମାନ୍ ନୀତି ଭାବରେ ପରିଚିତ ହେଲା ।

(ii) ଏହି ନୀତିଦ୍ୱାରା ଯୁକ୍ତରାଷ୍ଟ୍ର ଆମେରିକାର କଂଗ୍ରେସ ୧୯୪୮ ଜୁନ୍ ସୁଦ୍ଧା ଗ୍ରୀସ୍ ଓ ତୁର୍କୀକୁ ୪୦୦ ନିୟୁତ ଡଲାର ଆର୍ଥିକ ଓ ସାମରିକ ସାହାଯ୍ୟ ମଞ୍ଜୁର କରିଥିଲା ।

(iii) ୧୯୫୦ ମସିହା ସୁଦ୍ଧା ଗ୍ରୀସ୍ ଓ ତୁର୍କୀର ପରିସ୍ଥିତି ସଂପୂର୍ଣ୍ଣ ବଦଳିଯାଇଥିଲା ।

(iv) ଗ୍ରୀସ୍‌ରୁ ଗରିଲାମାନେ ପ୍ରତିହତ ହୋଇଥିଲେ ଓ ଦେଶରେ ଶାନ୍ତି ପ୍ରତିଷ୍ଠିତ ହୋଇଥିଲା ।

(v) ତୁର୍କୀରେ ମଧ୍ୟ ଶାନ୍ତି ପ୍ରତିଷ୍ଠା ହୋଇ ସେଠାରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେଲା ଓ ଦୀର୍ଘ ୨୭ ବର୍ଷ ଧରି ଶାସନ କରୁଥିବା ଦଳ କ୍ଷମତାଚ୍ୟୁତ ହୋଇଥିଲା ।

**(ଘ) ଯୁକ୍ତରାଷ୍ଟ୍ର ଆମେରିକା କେବେ ଓ କାହିଁକି ମାର୍ଶାଲ ଯୋଜନାର ପ୍ରବର୍ତ୍ତନ କରିଥିଲା ? ଏହାଦ୍ୱାରା ତାକୁ କି ସଫଳତା ମିଳିଥିଲା ?**

ଉ – (i) ୧୯୪୭ ମସିହା ଜୁନ୍ ୫ ତାରିଖରେ ଯୁକ୍ତରାଷ୍ଟ୍ର ଆମେରିକା ମାର୍ଶାଲ ଯୋଜନା ପ୍ରବର୍ତ୍ତନ କରିଥିଲା ।

(ii) ଏହି ଯୋଜନାର ଉଦ୍ଦେଶ୍ୟ ଥିଲା ଦ୍ୱିତୀୟ ବିଶ୍ୱଯୁଦ୍ଧରେ ବିଧ୍ୱସ୍ତ ଇଉରୋପୀୟ ରାଷ୍ଟ୍ରମାନଙ୍କର ସାମାଜିକ ତଥା ଅର୍ଥନୈତିକ ପରିସ୍ଥିତିରେ ଉନ୍ନତି ଆଣିବା ଏବଂ ସେହି ଦେଶଗୁଡ଼ିକରେ ସାମ୍ୟବାଦର ପ୍ରସାରକୁ ପ୍ରତିହତ କରିବା ।

(iii) ଏହା ସମଗ୍ର ଇଉରୋପର ଉନ୍ନତି ନିମନ୍ତେ କାର୍ଯ୍ୟକାରୀ କରାଯାଇଥିଲା ।

(iv) ଲକ୍ଷ୍ୟହାସଲ ଦିଗରେ ମାର୍ଶାଲ ଯୋଜନା ବିପୁଳ ସଫଳତା ହାସଲ କରିଥିଲା ।

(v) ଏହା ମାଧ୍ୟମରେ ଯୁକ୍ତରାଷ୍ଟ୍ର ଆମେରିକା ଇଉରୋପୀୟ ଦେଶଗୁଡ଼ିକୁ ଯଥେଷ୍ଟ ଆର୍ଥିକ ସହାୟତା ପ୍ରଦାନ କରି ସେଗୁଡ଼ିକୁ ଅର୍ଥନୈତିକ ବିପର୍ଯ୍ୟୟ ତଥା ସାମ୍ୟବାଦର ପ୍ରଭାବରୁ ରକ୍ଷାକରିଥିଲା ।

**୨ । ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୨୦ ଗୋଟି ଶବ୍ଦ ମଧ୍ୟରେ ଲେଖ ।**

**(କ) କେଉଁ ଉଦ୍ଦେଶ୍ୟରେ 'ଶୀତଳ ଯୁଦ୍ଧ' ଶବ୍ଦ ବ୍ୟବହାର କରାଯାଇଥିଲା ?**

ଉ– ଦ୍ୱିତୀୟ ବିଶ୍ୱଯୁଦ୍ଧପରେ ସୋଭିଏତ୍ ରୁଷ୍ ଏବଂ ପାଶ୍ଚାତ୍ୟ ରାଷ୍ଟ୍ରମାନଙ୍କ ମଧ୍ୟରେ ସଂପର୍କକୁ ବର୍ଣ୍ଣନାକରିବା ଉଦ୍ଦେଶ୍ୟରେ 'ଶୀତଳ ଯୁଦ୍ଧ' ଶବ୍ଦ ବ୍ୟବହାର କରାଯାଇଥିଲା ।

**(ଖ) ଶୀତଳ ଯୁଦ୍ଧ କାହାକୁ କୁହାଯାଏ ?**

ଉ– ସାମ୍ୟବାଦୀ ସୋଭିଏତ୍ ରୁଷ୍ ଏବଂ ଗଣତନ୍ତ୍ରବାଦୀ ତଥା ପୁଞ୍ଜିବାଦୀ ଯୁକ୍ତରାଷ୍ଟ୍ର ଆମେରିକା ମଧ୍ୟରେ କ୍ରମାଗତ ଉତ୍ତେଜନା ଓ ଦ୍ୱନ୍ଦ୍ୱର ଆନ୍ତର୍ଜାତିକ ରାଜନୈତିକ ପରିବେଶ ଉପରେ ପ୍ରଭାବକୁ ଶୀତଳ ଯୁଦ୍ଧ କୁହାଯାଏ ।

**(ଗ) ଦ୍ୱିତୀୟ ବିଶ୍ୱଯୁଦ୍ଧପରେ କେଉଁସବୁ ଦେଶରେ ସାମ୍ୟବାଦୀ ସରକାର ପ୍ରତିଷ୍ଠିତ ହୋଇଥିଲା ?**

ଉ– ଦ୍ୱିତୀୟ ବିଶ୍ୱଯୁଦ୍ଧପରେ ପୂର୍ବ ଇଉରୋପୀୟ ଦେଶ; ଯଥା – ପୋଲାଣ୍ଡ, ହଙ୍ଗେରୀ, ରୁମାନିଆ, ବୁଲ୍‌ଗେରିଆ, ଆଲ୍‌ବାନିଆ, ଚେକୋସ୍ଲୋଭାକିଆ, ଯୁଗୋସ୍ଲୋଭିଆ ଏବଂ ଏସିଆର ଚୀନ୍‌ରେ ସାମ୍ୟବାଦୀ ସରକାର ପ୍ରତିଷ୍ଠିତ ହୋଇଥିଲା ।

**(ଘ) ୧୯୪୯ ମସିହାରେ କେଉଁ ଦେଶରେ ଓ କାହା ନେତୃତ୍ୱରେ ସାମ୍ୟବାଦୀ ସରକାର ଗଠିତ ହୋଇଥିଲା ?**

ଉ– (i) ୧୯୪୯ ମସିହାରେ ଚୀନ୍ ଦେଶରେ ସାମ୍ୟବାଦୀ ସରକାର ଗଠିତ ହୋଇଥିଲା ।

(ii) ମାଓ ସେ ତୁଙ୍ଗଙ୍କ ନେତୃତ୍ୱରେ ଗଣବିପ୍ଳବ ମାଧ୍ୟମରେ ସାମ୍ୟବାଦୀ ସରକାର ଗଠିତ ହୋଇଥିଲା ।

COMPETITIVE BOOKS ଓଡ଼ିଶା Board and NCERT All Books With Solutions SBS

**(ଙ) ସୋଭିଏତ୍ ରୁଷ୍‌ର କେଉଁ ପ୍ରକାର ପ୍ରଭାବ ବିସ୍ତାରରେ ଯୁକ୍ତରାଷ୍ଟ୍ର ଆମେରିକା ଓ ପାଶ୍ଚାତ୍ୟ ପୁଞ୍ଜିବାଦୀ ରାଷ୍ଟ୍ରମାନେ ଆଶଙ୍କା ପ୍ରକାଶ କରିଥିଲେ ?**

ଉ– ପୂର୍ବ ଇଉରୋପକୁ ସାମ୍ୟବାଦର ଲୌହ ପରଦାରେ ଆଚ୍ଛାଦିତ କରିବାପରେ ସୋଭିଏତ୍ ରୁଷ୍‌ର ପଶ୍ଚିମ ଇଉରୋପରେ ସାମ୍ୟବାଦର ବିସ୍ତାରପାଇଁ ଦୃଷ୍ଟି ନିକ୍ଷେପକୁ ଯୁକ୍ତରାଷ୍ଟ୍ର ଆମେରିକା ଓ ପାଶ୍ଚାତ୍ୟ ପୁଞ୍ଜିବାଦୀ ରାଷ୍ଟ୍ରମାନେ ଆଶଙ୍କା ପ୍ରକାଶ କରିଥିଲେ ।

**(ଚ) ୧୯୪୬ ମସିହା ଡିସେମ୍ବର ମାସରେ ଗ୍ରୀସ୍ ତାହାର ପଡ଼ୋଶୀ ରାଷ୍ଟ୍ରମାନଙ୍କ ବିରୋଧରେ କେଉଁଠାରେ ଓ କାହିଁକି ଅଭିଯୋଗ ଉପସ୍ଥାପନ କରିଥିଲା ?**

ଉ– (i) ୧୯୪୬ ମସିହା ଡିସେମ୍ବର ମାସରେ ଗ୍ରୀସ୍ ତାହାର ପଡ଼ୋଶୀ ରାଷ୍ଟ୍ରମାନଙ୍କ ବିରୋଧରେ ସଂଯୁକ୍ତ ରାଷ୍ଟ୍ରସଂଘ ନିରାପତ୍ତା ପରିଷଦରେ ଅଭିଯୋଗ ଉପସ୍ଥାପନ କରିଥିଲା ।

(ii) କାରଣ – ପଡ଼ୋଶୀ ରାଷ୍ଟ୍ରମାନେ ସାମ୍ୟବାଦକୁ ସମର୍ଥନ କରୁଥିବା ୧୩,୦୦୦ ଗ୍ରୀକ୍ ଗରିଲାଙ୍କୁ ଅସ୍ତ୍ରଶସ୍ତ୍ର ଓ ଅନ୍ୟାନ୍ୟ ଯୁଦ୍ଧୋପକରଣ ଯୋଗାଇ ଗ୍ରୀସ୍‌ରେ ଗୃହଯୁଦ୍ଧର ସୂତ୍ରପାତ କରାଇଥିଲେ ।

**(ଛ) ଦ୍ୱିତୀୟ ବିଶ୍ୱଯୁଦ୍ଧପରେ ତୁର୍କୀର ଅବସ୍ଥା ଉଦ୍‌ବେଗଜନକ ହୋଇପଡ଼ିଥିଲା କାହିଁକି ?**

ଉ– (i) ୧୯୪୫ରେ ସୋଭିଏତ୍ ରୁଷ୍ ତୁର୍କୀ ସହିତ ପୁରାତନ ବନ୍ଧୁତ୍ୱ ଚୁକ୍ତି ନବୀକରଣ ପାଇଁ ମନାକରିଦେଇଥିଲା ଓ ପୂର୍ବ ତୁର୍କୀର ଦୁଇଟି ପ୍ରଦେଶ ଉପରେ କର୍ତ୍ତୃତ୍ୱ ଜାହିର କରିବାକୁ ଉଦ୍ୟମ କରିଥିଲା ।

(ii) ତୁର୍କୀ ସରକାରଙ୍କୁ ଫାସୀବାଦରୂପେ ପ୍ରଚାରସହ ସୋଭିଏତ୍ ରୁଷ୍ ଏହାର ଜନସାଧାରଣଙ୍କୁ ସରକାରଙ୍କ ବିରୋଧରେ ବିଦ୍ରୋହ କରିବାକୁ ଉତ୍ସାହିତ କଲା; ଫଳରେ ତୁର୍କୀର ଅବସ୍ଥା ଉଦ୍‌ବେଗଜନକ ହୋଇପଡ଼ିଲା ।

**(ଙ) ଟ୍ରୁମାନ୍ ନୀତି କେବେ ଓ କେଉଁଠାରେ ଉପସ୍ଥାପିତ ହୋଇଥିଲା ?**

ଉ – (i) ୧୯୪୭ ମସିହା ମାର୍ଚ୍ଚ ୧୨ ତାରିଖ ଦିନ।

(ii) ଆମେରିକୀୟ କଂଗ୍ରେସର ମିଳିତ ଅଧିବେଶନରେ ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଟ୍ରୁମାନଙ୍କ ଦ୍ୱାରା ଏକ ଅଭିଭାଷଣ ଉପସ୍ଥାପନ କରାଯାଇଥିଲା । ଏହାକୁ ଟ୍ରୁମାନ୍ ନୀତି କୁହାଯାଏ ।

**(ଚ) ଗ୍ରୀସ୍ ଓ ତୁର୍କୀରେ ଟ୍ରୁମାନ୍ ନୀତିର କି ପ୍ରଭାବ ପଡ଼ିଥିଲା ?**

ଉ – (i) ଟ୍ରୁମାନ୍ ନୀତି ଅନୁଯାୟୀ ଯୁକ୍ତରାଷ୍ଟ୍ର ଆମେରିକାର କଂଗ୍ରେସ୍ ଗ୍ରୀସ୍ ଓ ତୁର୍କୀକୁ ୪୦୦ ନିୟୁତ ଡଲାରର ଆର୍ଥିକ ଓ ସାମରିକ ସାହାଯ୍ୟ ମଞ୍ଜୁର କରିଥିଲେ ।

(ii) ଏହି ସହାୟତାଦ୍ୱାରା ୧୯୫୦ ସୁଦ୍ଧା ଗ୍ରୀସ୍ ଓ ତୁର୍କୀର ପରିସ୍ଥିତି ସଂପୂର୍ଣ୍ଣ ବଦଳିଯାଇଥିଲା ।

**(ଛ) ସୋଭିଏତ୍ ରୁଷ୍ ମାର୍ଶାଲ୍ ଯୋଜନା ସଂପର୍କରେ କି ପ୍ରତିକ୍ରିୟା ପ୍ରକାଶ କରିଥିଲା ?**

ଉ – (i) ମାର୍ଶାଲ ଯୋଜନାକୁ ଇଉରୋପୀୟ ରାଷ୍ଟ୍ରଗୁଡ଼ିକର ଆଭ୍ୟନ୍ତରୀଣ ବ୍ୟାପାରରେ ଯୁକ୍ତରାଷ୍ଟ୍ର ଆମେରିକାର ହସ୍ତକ୍ଷେପ ବୋଲି ଅଭିହିତ କରି ସୋଭିଏତ୍ ରୁଷ୍ ତାହାର ତୀବ୍ର ନିନ୍ଦା କରିଥିଲା ।

(ii) ଏହାକୁ ଯୁକ୍ତରାଷ୍ଟ୍ର ଆମେରିକାର ସଂଯୁକ୍ତ ରାଷ୍ଟ୍ରସଂଘପ୍ରତି ବିଶ୍ୱାସଘାତକତା ଏବଂ ସାମ୍ରାଜ୍ୟବାଦର ଏକ ନମୁନାରୂପେ ସୋଭିଏତ୍ ରୁଷ୍ ଚିତ୍ରିତ କରିଥିଲା ।

ପ୍ରଥମ ରୁ ଦ୍ୱାଦଶ
COMPETITIVE BOOKS
ଓଡ଼ିଶା Board and NCERT
All Books With Solutions
OBS

**୩ । ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ବାକ୍ୟରେ ଲେଖ ।**

**(କ) ଶୀତଳ ଯୁଦ୍ଧ ଶବ୍ଦକୁ ପ୍ରଥମେ କିଏ ଓ କେବେ ବ୍ୟବହାର କରିଥିଲେ ?**

ଉ – ଶୀତଳ ଯୁଦ୍ଧ ଶବ୍ଦକୁ ପ୍ରଥମେ ଆମେରିକୀୟ ରାଜନୀତିଜ୍ଞ ବର୍ଣ୍ଣାଡ଼ ବାରୁକ୍ ୧୯୪୭ ଏପ୍ରିଲ ୧୬ ତାରିଖରେ ବ୍ୟବହାର କରିଥିଲେ ।

**(ଖ) ଶୀତଳ ଯୁଦ୍ଧ ଶବ୍ଦକୁ କିଏ କିପରି ଲୋକପ୍ରିୟ କରାଇଥିଲେ ?**

ଉ – ଶୀତଳ ଯୁଦ୍ଧ ଶବ୍ଦକୁ ଆମେରିକାର ବୁଦ୍ଧିଜୀବୀ ଓ ସାମ୍ବାଦିକ ଓ୍ୱାଲ୍‌ଟର୍ ଲିପ୍‌ମାନ୍ ତାଙ୍କ ପୁସ୍ତକରେ ଏ ଶବ୍ଦଟିକୁ ବ୍ୟବହାର କରି ଏହାକୁ ଜନପ୍ରିୟ କରାଇଥିଲେ ।

**(ଗ) ଅଧିକାଂଶ ଐତିହାସିକ ଶୀତଳ ଯୁଦ୍ଧ କେବେ ଆରମ୍ଭ ହୋଇଥିଲା ବୋଲି ସହମତ ହୁଅନ୍ତି ?**

ଉ – ଅଧିକାଂଶ ଐତିହାସିକ ଶୀତଳ ଯୁଦ୍ଧ ଦ୍ୱିତୀୟ ବିଶ୍ୱଯୁଦ୍ଧପରେ ଆରମ୍ଭ ହୋଇଥିଲା ବୋଲି ସହମତ ହୁଅନ୍ତି ।

**(ଘ) ଶୀତଳ ଯୁଦ୍ଧର ନେତୃତ୍ୱ ନେଇଥିବା ଦେଶ ଦୁଇଟିର ନାମ ଲେଖ ।**

ଉ – ଶୀତଳ ଯୁଦ୍ଧର ନେତୃତ୍ୱ ନେଇଥିବା ଦେଶ ଦୁଇଟିର ନାମ ହେଲା – ଯୁକ୍ତରାଷ୍ଟ୍ର ଆମେରିକା ଓ ସୋଭିଏତ୍ ରୁଷ୍ ।

**(ଙ) ଦ୍ୱିତୀୟ ବିଶ୍ୱଯୁଦ୍ଧପରେ ପୂର୍ବ ଜର୍ମାନୀରେ କି ପ୍ରକାର ଶାସନ ପ୍ରତିଷ୍ଠିତ ହେଲା ?**

ଉ – ଦ୍ୱିତୀୟ ବିଶ୍ୱଯୁଦ୍ଧପରେ ପୂର୍ବ ଜର୍ମାନୀରେ ସାମ୍ୟବାଦୀ ଶାସନ ପ୍ରତିଷ୍ଠା ହେଲା ।

**(ଚ) ଗ୍ରୀସ୍‌ର କେଉଁସବୁ ପଡ଼ୋଶୀ ରାଷ୍ଟ୍ର ସେଠାରେ ଗୃହଯୁଦ୍ଧର ସୂତ୍ରପାତ କରାଇଥିଲେ ?**

ଉ – ଯୁଗୋସ୍ଲୋଭିଆ, ବୁଲ୍‌ଗେରିଆ ଏବଂ ଆଲ୍‌ବାନିଆ ଆଦି ପଡ଼ୋଶୀ ରାଷ୍ଟ୍ର ଗ୍ରୀସ୍‌ରେ ଗୃହଯୁଦ୍ଧର ସୂତ୍ରପାତ କରାଇଥିଲେ ।

**(ଛ) କେବେ ଯୁକ୍ତରାଷ୍ଟ୍ର ଆମେରିକା ଏକ ଅର୍ଥନୈତିକ ଅନୁଧାନକାରୀ ଦଳକୁ ଗ୍ରୀସ୍ ପଠାଇଥିଲା ?**

ଉ – ୧୯୪୭ ମସିହା ଜାନୁୟାରୀ ମାସରେ ଯୁକ୍ତରାଷ୍ଟ୍ର ଆମେରିକା ଏକ ଅର୍ଥନୈତିକ ଅନୁଧାନକାରୀ ଦଳକୁ ଗ୍ରୀସ୍ ପଠାଇଥିଲା ।

**(ଜ) ଟ୍ରୁମାନ୍ ନୀତିଦ୍ୱାରା ଯୁକ୍ତରାଷ୍ଟ୍ର ଆମେରିକାର କଂଗ୍ରେସ ଗ୍ରୀସ୍ ଓ ତୁର୍କୀ ପାଇଁ ମଞ୍ଜୁର କରିଥିବା ଆର୍ଥିକ ସହାୟତାର ପରିମାଣ କେତେ ଥିଲା ?**

ଉ – ଟ୍ରୁମାନ୍ ନୀତିଦ୍ୱାରା ଯୁକ୍ତରାଷ୍ଟ୍ର ଆମେରିକାର କଂଗ୍ରେସ ଗ୍ରୀସ୍ ଓ ତୁର୍କୀ ପାଇଁ ମଞ୍ଜୁର କରିଥିବା ଆର୍ଥିକ ସହାୟତାର ପରିମାଣ ଥିଲା ୪୦୦ ନିୟୁତ ଡଲାର ।

**(ଝ) କେଉଁ ଦେଶ ଓ କେବେ ମାର୍ଶାଲ ଯୋଜନା ପ୍ରବର୍ତ୍ତନ କରିଥିଲା ?**

ଉ – ଯୁକ୍ତରାଷ୍ଟ୍ର ଆମେରିକା ୧୯୪୭ ମସିହା ଜୁନ୍ ୫ ତାରିଖରେ ମାର୍ଶାଲ ଯୋଜନା ପ୍ରବର୍ତ୍ତନ କରିଥିଲା ।

**(ଞ) ଶୀତଳ ଯୁଦ୍ଧ ତୀବ୍ରରୂପ ଧାରଣ କରିବାରୁ କେଉଁସବୁ ଦେଶରେ ସଂଘର୍ଷ ଉପୁଜିଲା ?**

ଉ – ଶୀତଳ ଯୁଦ୍ଧ ତୀବ୍ରରୂପ ଧାରଣ କରିବାରୁ ଜର୍ମାନୀ, କ୍ୟୁବା ଓ କୋରିଆ ଆଦି ଦେଶରେ ସଂଘର୍ଷ ଉପୁଜିଲା ।

**୪ । ନିମ୍ନରେ ପ୍ରତ୍ୟେକ ପ୍ରଶ୍ନରେ ଦିଆଯାଇଥିବା ଚାରିଗୋଟି ବିକଳ୍ପ ମଧ୍ୟରୁ ଠିକ୍ ଉତ୍ତରଟି ତା'ର କ୍ରମିକ ନମ୍ବର ସହିତ ବାଛି ଲେଖ ।**

**(କ)** କେଉଁ ଦେଶରେ ୧୯୧୭ ମସିହାରେ କୃଷକ ଓ ଶ୍ରମିକ ଆନ୍ଦୋଳନ ସଂଘଟିତ ହୋଇଥିଲା ?

(i) ଫ୍ରାନ୍ସ (ii) ଇଟାଲୀ (iii) ରୁଷ୍ (iv) ଜର୍ମାନୀ

**(ଖ)** କେଉଁ ମସିହାରେ ଚୀନ୍ ଦେଶରେ ମାଓ ସେ ତୁଙ୍ଗଙ୍କ ନେତୃତ୍ୱରେ ସାମ୍ୟବାଦୀ ସରକାର ଗଠିତ ହୋଇଥିଲା ?

(i) ୧୯୪୭ (ii) ୧୯୪୮ (iii) ୧୯୪୯ (iv) ୧୯୫୦

**(ଗ)** କେଉଁଟି ଗ୍ରୀସ୍‌ରେ ଗୃହଯୁଦ୍ଧର ସୂତ୍ରପାତ କରାଇବାରେ ଦାୟୀ ଦେଶ ଥିଲା ?

(i) ତୁର୍କୀ (ii) ଜର୍ମାନୀ (iii) ଫ୍ରାନ୍ସ (iv) ବୁଲଗେରିଆ

**(ଘ)** ଗ୍ରୀସ୍ କେବେ ସଂଯୁକ୍ତ ରାଷ୍ଟ୍ରସଂଘର ନିରାପତ୍ତା ପରିଷଦରେ ତାହାର ପଡ଼ୋଶୀ ରାଷ୍ଟ୍ରମାନଙ୍କ ବିରୋଧରେ ଅଭିଯୋଗ କରିଥିଲା ?

(i) ୧୯୪୬ ଡିସେମ୍ବର (ii) ୧୯୪୭ ଜାନୁୟାରୀ (iii) ୧୯୪୭ ମାର୍ଚ୍ଚ (iv) ୧୯୪୭ ଜୁନ୍

**(ଙ)** କେଉଁ ଦେଶ ମାର୍ଶାଲ ଯୋଜନାର ତୀବ୍ର ନିନ୍ଦା କରିଥିଲା ?

(i) ଚୀନ୍ (ii) ସୋଭିଏତ୍ ରୁଷ୍ (iii) ବୁଲ୍‌ଗେରିଆ (iv) ଯୁଗୋସ୍ଲୋଭିଆ

**ଉତ୍ତର**

**(କ)** (iii) ରୁଷ୍ **(ଖ)** (iii) ୧୯୪୯ **(ଗ)** (iv) ବୁଲ୍‌ଗେରିଆ **(ଘ)** (i) ୧୯୪୬ ଡିସେମ୍ବର **(ଙ)** (ii) ସୋଭିଏତ୍ ରୁଷ୍ ।

COMPETITIVE BOOKS
ଓଡ଼ିଶା Board and NCERT
Books With Solutions
OBS

# ପାଠ୍ୟପୁସ୍ତକସ୍ଥ ପ୍ରଶ୍ନାବଳୀର ଉତ୍ତର



**୧ । ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୬୦ ଗୋଟି ଶବ୍ଦ ମଧ୍ୟରେ ଲେଖ ।**

**(କ) ସମଗ୍ର ପୃଥିବୀରେ ଶୀତଳ ଯୁଦ୍ଧର କି ପ୍ରଭାବ ପଡ଼ିଥିଲା ?**

ଉ– ଶୀତଳ ଯୁଦ୍ଧର ନିମ୍ନୋକ୍ତ ପ୍ରଭାବଗୁଡ଼ିକ ପରିଲକ୍ଷିତ ହୋଇଥିଲା :

(i) ସମଗ୍ର ବିଶ୍ୱରେ ଏକ ଅଜଣା ଯୁଦ୍ଧ ଆତଙ୍କ ଖେଳିଯାଇଥିଲା ।

(ii) ଅନୁନ୍ନତ ଓ ବିକାଶଶୀଳ ଦେଶଗୁଡ଼ିକର ସାମାଜିକ ଓ ଅର୍ଥନୈତିକ ପ୍ରଗତି ବ୍ୟାହତ ହୋଇଥିଲା ।

(iii) ସମଗ୍ର ପୃଥିବୀ ଦୁଇଟି ଗୋଷ୍ଠୀରେ ବିଭକ୍ତ ହୋଇଥିଲା; ଯଥା – ସୋଭିଏତ୍ ରୁଷ୍ ନେତୃତ୍ୱରେ ସାମ୍ୟବାଦୀଗୋଷ୍ଠୀ ଓ ଯୁକ୍ତରାଷ୍ଟ୍ର ଆମେରିକା ନେତୃତ୍ୱାଧୀନ ପୁଞ୍ଜିବାଦୀଗୋଷ୍ଠୀ ।

(iv) ଦୁଇ ମହାଶକ୍ତିଙ୍କର ବିରୋଧାତ୍ମକ କାର୍ଯ୍ୟକଳାପ ସମଗ୍ର ବିଶ୍ୱରେ ତୀବ୍ର ଉତ୍ତେଜନା ସୃଷ୍ଟି କରିଥିଲା ଏବଂ ତୃତୀୟ ବିଶ୍ୱଯୁଦ୍ଧର ସମ୍ଭାବନାର ଆଶଙ୍କା ଦେଖାଦେଇଥିଲା ।

(v) ଉଭୟ ଗୋଷ୍ଠୀ ପରସ୍ପର ସପକ୍ଷରେ ସାମରିକ ମେଣ୍ଟମାନ ଗଠନ କରିଥିଲେ ଓ ମେଣ୍ଟଭୁକ୍ତ ରାଷ୍ଟ୍ରଗୁଡ଼ିକ ସାମରିକ ଶକ୍ତି ବୃଦ୍ଧିପାଇ ଅସ୍ତ୍ରଶସ୍ତ୍ର ସଂଗ୍ରହ କରିବାରେ ଲାଗିଥିଲେ ।

(v) ଦୁଇ ପକ୍ଷ ମଧ୍ୟରେ ଆଣବିକ ଅସ୍ତ୍ର ପ୍ରସ୍ତୁତ କରିବାର ପ୍ରତିଦ୍ୱନ୍ଦ୍ୱିତା ଚାଲିଲା ଏବଂ ଏହା ସହିତ ସୋଭିଏତ୍ ରୁଷ୍ ଓ ଯୁକ୍ତରାଷ୍ଟ୍ର ଆମେରିକା ମଧ୍ୟରେ ମହାକାଶ ଗବେଷଣା, ଚନ୍ଦ୍ରପୃଷ୍ଠରେ ମାନବର ଅବତରଣ ଏବଂ ବିଜ୍ଞାନ ଓ କାରିଗରୀ ବିଦ୍ୟାର ପ୍ରତିଯୋଗିତାମୂଳକ ଉନ୍ନତି ଏକ ନୂତନ ପ୍ରଯୁକ୍ତି ବିଦ୍ୟାର ଯୁଗ ଆରମ୍ଭ କରିଥିଲା ।

BOOKS
ଓଡ଼ିଶା Board
All Books With Solutions

**(ଖ) ସାମ୍ୟବାଦର ପ୍ରସାରକୁ ପ୍ରତିରୋଧ କରିବା ନିମନ୍ତେ ଯୁକ୍ତରାଷ୍ଟ୍ର ଆମେରିକା ନେତୃତ୍ୱରେ ଗଠିତ ହୋଇଥିବା ସାମରିକ ଚୁକ୍ତିଗୁଡ଼ିକ ସଂପର୍କରେ ସଂକ୍ଷେପରେ ଉଲ୍ଲେଖ କର ।**

ଉ – (i) ସାମ୍ୟବାଦର ପ୍ରସାରକୁ ପ୍ରତିରୋଧ କରିବାନିମନ୍ତେ ଯୁକ୍ତରାଷ୍ଟ୍ର ଆମେରିକା ନେତୃତ୍ୱରେ ୧୯୪୯ ମସିହା ଏପ୍ରିଲ ୪ ତାରିଖରେ ଉତ୍ତର ଆଟ୍‌ଲାଣ୍ଟିକ୍ ଚୁକ୍ତି ସଂଗଠନ ବା ନାଟୋ (NATO) ଗଠନ କରାଗଲା ।

(ii) ଏଥିରେ ଯୁକ୍ତରାଷ୍ଟ୍ର ଆମେରିକା ସମେତ କାନାଡ଼ା, ବେଲ୍‌ଜିୟମ୍, ହଲାଣ୍ଡ, ଲକ୍‌ସେମବର୍ଗ, ଡେନ୍‌ମାର୍କ, ନରୱେ, ଆଇସ୍‌ଲ୍ୟାଣ୍ଡ, ବ୍ରିଟେନ୍, ଫ୍ରାନ୍‌ସ, ପର୍ତ୍ତୁଗାଲ ଓ ଇଟାଲୀ ପ୍ରତିଷ୍ଠିତ ସଭ୍ୟ ଦେଶ ଥିଲେ । ପରେ ୧୯୫୨ରେ ଗ୍ରୀସ୍ ଓ ତୁର୍କୀ ଏବଂ ୧୯୫୫ରେ ପଶ୍ଚିମ ଜର୍ମାନୀ ଏହି ମେଣ୍ଟରେ ଯୋଗଦେଲେ ।

(iii) ଫଳରେ ସାମ୍ୟବାଦୀମାନେ ପଶ୍ଚିମ ଇଉରୋପ ଓ ଆଟ୍‌ଲାଣ୍ଟିକ୍ ଅଞ୍ଚଳରେ କ୍ଷମତାବିସ୍ତାର କରି ପାରିଲେ ନାହିଁ ।

(iv) ୧୯୫୧ରେ ଅଷ୍ଟ୍ରେଲିଆ, ନିଉଜିଲାଣ୍ଡ ଓ ଯୁକ୍ତରାଷ୍ଟ୍ର ଆମେରିକା ମଧ୍ୟରେ ଆନ୍‌ଜସ୍ ରାଜିନାମା ସ୍ୱାକ୍ଷରିତ ହେଲା; ଫଳରେ ପ୍ରଶାନ୍ତ ମହାସାଗର ଅଞ୍ଚଳରେ ଶାନ୍ତି ପ୍ରତିଷ୍ଠା କରାଯାଇପାରିଲା ।

(v) ୧୯୫୪ ମସିହା ସେପ୍ଟେମ୍ବର ୮ ତାରିଖରେ ଯୁକ୍ତରାଷ୍ଟ୍ର ଆମେରିକା ନେତୃତ୍ୱରେ ବ୍ରିଟେନ୍, ଫ୍ରାନ୍‌ସ, ଅଷ୍ଟ୍ରେଲିଆ, ନିଉଜିଲାଣ୍ଡ, ଥାଇଲାଣ୍ଡ, ପାକିସ୍ତାନ ଓ ଫିଲିପାଇନ୍‌ସ ଆଦି ରାଷ୍ଟ୍ରଙ୍କୁ ନେଇ ଦକ୍ଷିଣ-ପୂର୍ବ ଏସିଆ ଚୁକ୍ତି ସଂଗଠନ ଗଠିତ ହୋଇଥିଲା ।

ଏହି ଚୁକ୍ତିର ଲକ୍ଷ୍ୟ ଥିଲା ଦକ୍ଷିଣ-ପୂର୍ବ ଏସିଆରେ ରୁଷ୍ ଓ ସାମ୍ୟବାଦୀ ଚୀନ୍‌ର ପ୍ରଭାବ ହ୍ରାସକରିବା ।

**(ଗ) ଇଉରୋପୀୟ ରାଷ୍ଟ୍ରମାନେ ସେମାନଙ୍କର ସୁରକ୍ଷା ନିମନ୍ତେ କି ପଦକ୍ଷେପ ନେଇଥିଲେ ?**

ଉ – (i) ୧୯୫୨ ମସିହା ମେ ୨୭ ତାରିଖରେ ପ୍ୟାରିସ୍‌ଠାରେ ଇଉରୋପୀୟ ପ୍ରତିରକ୍ଷାଗୋଷ୍ଠୀ ପ୍ରତିଷ୍ଠା ନିମନ୍ତେ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା ।

(ii) ଚୁକ୍ତି ଅନୁସାରେ ସମଗ୍ର ଇଉରୋପପାଇଁ ଏକ ସାଧାରଣ ରାଜନୈତିକ ଅନୁଷ୍ଠାନ, ସଶସ୍ତ୍ରବାହିନୀ, ବଜେଟ୍ ଏବଂ ଅସ୍ତ୍ରଶସ୍ତ୍ର ନିର୍ମାଣ ନିମନ୍ତେ ବ୍ୟବସ୍ଥା ଥିଲା ।

ଏଥିରେ ନେଦରଲାଣ୍ଡ ଓ ପଶ୍ଚିମ ଜର୍ମାନୀ ସ୍ୱାକ୍ଷର କରିଥିଲେ ମଧ୍ୟ ଫ୍ରାନ୍‌ସ ସମର୍ଥନ କରି ନଥିଲା ।

(iii) ୧୯୫୪ ମସିହା ସେପ୍ଟେମ୍ବର ୨୮ ରୁ ଅକ୍ଟୋବର ୩ ତାରିଖ ପର୍ଯ୍ୟନ୍ତ ଲଣ୍ଡନଠାରେ ପଶ୍ଚିମ ଇଉରୋପୀୟ ରାଷ୍ଟ୍ରମାନଙ୍କ ମଧ୍ୟରେ ବୁଝାମଣାପାଇଁ ଏକ ସମ୍ମିଳନୀର ଆୟୋଜନ କରାଯାଇଥିଲା ।

(iv) ୧୯୪୮ ର ବ୍ରସେଲସ୍ ଚୁକ୍ତି ଆଧାରରେ ପଶ୍ଚିମ ଇଉରୋପୀୟ ଐକ୍ୟପ୍ରତିଷ୍ଠା ନିମନ୍ତେ ଏକ ଯୋଜନା ପ୍ରଣୟନ କରାଯାଇ ପଶ୍ଚିମ ଇଉରୋପୀୟ ସଂଘ ପ୍ରତିଷ୍ଠା ହେଲା ।

(v) ଉକ୍ତ ସଂଘ ପରିଷଦକୁ ସଂଖ୍ୟାଗରିଷ୍ଠ ବହୁମତ ମାଧ୍ୟମରେ ବିଭିନ୍ନ ମୁଖ୍ୟ ପଦକ୍ଷେପ ସଂପର୍କରେ ନିଷ୍ପତ୍ତି ନେବାକୁ କ୍ଷମତା ଅର୍ପଣ କରାଯାଇଥିଲା । ଫଳରେ ଏହା ଏକ ଆନ୍ତର୍ଜାତିକ ଅନୁଷ୍ଠାନରେ ପରିଣତ ହେଲା ।

**(ଘ) କିପରି ଶୀତଳ ଯୁଦ୍ଧର ଅବସାନ ଘଟିଲା ?**

ଉ – (i) ୧୯୮୫ ମସିହାରେ ସୋଭିଏତ୍ ପଲିଟିବ୍ୟୁରୋର ସାଧାରଣ ସଂପାଦକ ରୂପେ ମିଖାଇଲ ଗୋର୍ବାଚେଭ୍ ନିର୍ବାଚିତ ହେବାପରେ କେତେକ ସଂସ୍କାରମୂଳକ ନୀତି ପ୍ରଣୟନକଲେ ।

(ii) ଏହି ନୀତିଦ୍ୱାରା ସୋଭିଏତ୍ ରୁଷ୍ ଓ ଯୁକ୍ତରାଷ୍ଟ୍ର ଆମେରିକା ମଧ୍ୟରେ ଲାଗିଥିବା ସଂଘର୍ଷର ଗତି ପରିବର୍ତ୍ତନ କରିଥିଲା ।

(iii) ଉଭୟ ମହାଶକ୍ତି ମଧ୍ୟରେ ଶାନ୍ତିପୂର୍ଣ୍ଣ ଓ ସହାବସ୍ଥାନ ଭାବ ଜାଗ୍ରତ ହୋଇଥିଲା ଏବଂ ସୌହାର୍ଦ୍ଦ୍ୟପୂର୍ଣ୍ଣ ସଂପର୍କ ବୃଦ୍ଧିପାଇଥିଲା; ଫଳରେ ଅସ୍ତ୍ରଶସ୍ତ୍ର ପ୍ରତିଯୋଗିତା ହ୍ରାସପାଇଥିଲା ।

COMPETITIVE BOOKS ଓଡ଼ିଶା Board and NCERT

(iv) ପୂର୍ବ ଇଉରୋପୀୟ ଦେଶଗୁଡ଼ିକରୁ ସାମ୍ୟବାଦର ବିଲୋପ ଘଟିଲା ଓ ୧୯୯୧ ମସିହା ଡିସେମ୍ବର ମାସରେ ସୋଭିଏତ୍ ସଂଘର ବିଲୋପ ଘଟି ସ୍ୱାଧୀନ ରାଷ୍ଟ୍ରମାନଙ୍କର ରାଷ୍ଟ୍ରମଣ୍ଡଳ ଗଠିତ ହେଲା ।

(v) ୧୯୯୨ ମସିହାରେ ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଜର୍ଜ ବୁଶ୍ ଓ କେନ୍ଦ୍ର ରୁଷ୍ ମଣ୍ଡଳର ରାଷ୍ଟ୍ରପତି ବୋରିସ୍ ୟେଲ୍ତ୍ସିନ୍ ଶୀତଳ ଯୁଦ୍ଧର ସମାପ୍ତି ଘୋଷଣାକଲେ ।

୨ । ***ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୨୦ ଗୋଟି ଶବ୍ଦ ମଧ୍ୟରେ ଲେଖ ।***

**(କ) *କେଉଁ ଚୁକ୍ତି ଆଧାରରେ ପଶ୍ଚିମ ଇଉରୋପୀୟ ସଂଘ ପ୍ରତିଷ୍ଠିତ ହେଲା ଓ କେବେ ?***

ଉ– (i) ୧୯୪୮ ମସିହାର ବ୍ରସେଲସ୍ ଚୁକ୍ତି ଆଧାରରେ ପଶ୍ଚିମ ଇଉରୋପୀୟ ସଂଘ ପ୍ରତିଷ୍ଠିତ ହେଲା ।

(ii) ଏହା ୧୯୫୪ ମସିହାରେ ଗଠିତ ହୋଇଥିଲା ।

**(ଖ) *ଆନ୍‌ଜସ୍ ରାଜିନାମା କ'ଣ ? ଏଥିରେ କି ବ୍ୟବସ୍ଥା କରାଯାଇଥିଲା ?***

ଉ– (i) ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ମିଳିତ ପ୍ରତିରକ୍ଷା ବ୍ୟବସ୍ଥା ନିମନ୍ତେ ଅଷ୍ଟ୍ରେଲିଆ, ନିଉଜିଲାଣ୍ଡ ଏବଂ ଯୁକ୍ତରାଷ୍ଟ୍ର ଆମେରିକା ମଧ୍ୟରେ ୧୯୫୧ରେ ଆନ୍‌ଜସ୍ ରାଜିନାମା ସ୍ୱାକ୍ଷରିତ ହୋଇଥିଲା ।

(ii) ଏଥିରେ ପ୍ରଶାନ୍ତ ମହାସାଗର ଅଞ୍ଚଳରେ ଶାନ୍ତି ପ୍ରତିଷ୍ଠା ଓ ବାହ୍ୟ ଶତ୍ରୁ ଆକ୍ରମଣର ପ୍ରତିରୋଧ ନିମନ୍ତେ ଚୁକ୍ତିବଦ୍ଧ ଦେଶଗୁଡ଼ିକ ପରସ୍ପରକୁ ସାହାଯ୍ୟ ଓ ସହଯୋଗ କରିବାର ବ୍ୟବସ୍ଥା ଥିଲା ।

**(ଗ) *ଦକ୍ଷିଣପୂର୍ବ ଏସିଆ ଚୁକ୍ତି ସଂଗଠନର ପରିସମାପ୍ତି କିପରି ଘଟିଲା ?***

ଉ– (i) ୧୯୭୫ରେ ଭିଏତ୍‌ନାମ ଯୁଦ୍ଧରେ ଯୁକ୍ତରାଷ୍ଟ୍ର ଆମେରିକା ସମର୍ଥିତ ଦକ୍ଷିଣ ଭିଏତ୍‌ନାମ୍ ସୋଭିଏତ୍ ରୁଷ୍ ସମର୍ଥିତ ଉତ୍ତର ଭିଏତ୍‌ନାମ୍‌ଠାରୁ ପରାଜୟବରଣ କଲା ।

(ii) ଏହାଦ୍ୱାରା ଯୁକ୍ତରାଷ୍ଟ୍ର ଆମେରିକାର ମର୍ଯ୍ୟାଦା କ୍ଷୁଣ୍ଣ ହୋଇଥିଲା; ଫଳରେ ଦକ୍ଷିଣ ପୂର୍ବ ଏସିଆ ଚୁକ୍ତି ସଂଗଠନର ପରିସମାପ୍ତି ଘଟିଲା ।

COMPETITIVE BOOKS
ଓଡ଼ିଶା Board and NCERT
All Books With Solutions
OBJ

**(ଘ) *କେଉଁ ଦେଶଗୁଡ଼ିକ ମଧ୍ୟରେ 'ବାଗ୍‌ଦାଦ୍ ଚୁକ୍ତି' ସ୍ୱାକ୍ଷରିତ ହୋଇଥିଲା ?***

ଉ– ବ୍ରିଟେନ୍, ତୁର୍କୀ, ଇରାକ୍, ଇରାନ୍ ଓ ପାକିସ୍ତାନ ମଧ୍ୟରେ ବାଗ୍‌ଦାଦ୍ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା ।

**(ଙ) *କେନ୍ଦ୍ରୀୟ ଚୁକ୍ତି ସଂଗଠନ କେବେ ଓ କିପରି ଗଠିତ ହୋଇଥିଲା ?***

ଉ– (i) ୧୯୫୮ ମସିହାରେ ରାଜତନ୍ତ୍ରର ପତନ ଫଳରେ ଇରାକ୍ ଏହି ମେଣ୍ଟରୁ ଓହରିଗଲା ।

(ii) ତେଣୁ ଏହି ଚୁକ୍ତିର ନାମ 'କେନ୍ଦ୍ରୀୟ ଚୁକ୍ତି ସଂଗଠନ' ରଖାଗଲା ଓ ଏଥିରେ ଯୁକ୍ତରାଷ୍ଟ୍ର ଆମେରିକା ସଭ୍ୟରୂପେ ଯୋଗଦେଲା ।

**(ଚ) *ୱାରସ୍ ଚୁକ୍ତି ସଂପର୍କରେ ସଂକ୍ଷେପରେ ଲେଖ ।***

ଉ– (i) ଯୁକ୍ତରାଷ୍ଟ୍ର ଆମେରିକାର ସାମରିକ ମେଣ୍ଟ ଗଠନ ବିରୋଧରେ ସୋଭିଏତ୍ ରୁଷ୍ ନେତୃତ୍ୱରେ ୧୯୫୫ ମସିହା ମେ ୧ ତାରିଖରେ ପୋଲାଣ୍ଡର ରାଜଧାନୀ ୱାରସ୍‌ଠାରେ 'ୱାରସ୍ ଚୁକ୍ତି' ସ୍ୱାକ୍ଷରିତ ହୋଇଥିଲା ।

(ii) ଏଥିରେ ସୋଭିଏତ୍ ରୁଷ୍, ପୋଲାଣ୍ଡ, ହଙ୍ଗେରୀ, ରୁମାନିଆ, ବୁଲ୍‌ଗେରିଆ, ଆଲ୍‌ବାନିଆ, ଚେକୋସ୍ଲୋଭାକିଆ ଓ ପୂର୍ବ ଜର୍ମାନୀ ଆଦି ସଭ୍ୟ ଥିଲେ ।

**(ଛ) *ଦେତାଁ କ'ଣ ?***

ଉ– (i) ୧୯୬୯ ମସିହାରୁ ୧୯୭୮ ମସିହା ମଧ୍ୟରେ ସୋଭିଏତ୍ ରୁଷ୍ ଓ ଯୁକ୍ତରାଷ୍ଟ୍ର ଆମେରିକା ମଧ୍ୟରେ କ୍ରମାଗତ ଉତ୍ତେଜନା ଫଳରେ ଆଣବିକ ଯୁଦ୍ଧର ଆଶଙ୍କା ଦେଖାଗଲା ।

(ii) ଏହି ଆଶଙ୍କା ଦୁଇ ବୃହତ୍ ଶକ୍ତି ମଧ୍ୟରେ ଉତ୍ତେଜନା ହ୍ରାସ କରାଇଲା ଓ ଶୀତଳ ଯୁଦ୍ଧ ଦେତାଁ ନାମରେ ପରିଚିତ ହେଲା ।

**(ଜ) ଦେତାଁ ସମୟରେ ଦୁଇ ମହାଶକ୍ତି ମଧ୍ୟରେ ସଂପର୍କରେ କି ପରିବର୍ତ୍ତନ ହୋଇଥିଲା ?**

ଉ – (i) ଦେତାଁ ସମୟରେ ଦୁଇ ମହାଶକ୍ତି ମଧ୍ୟରେ ଆଣବିକ ଅସ୍ତ୍ରର ପ୍ରସ୍ତୁତି, ପରୀକ୍ଷଣ ଓ ପ୍ରୟୋଗ ନିୟନ୍ତ୍ରଣପାଇଁ ଅନେକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା ।

(ii) ଅସ୍ତ୍ର ପ୍ରତିଯୋଗିତା ହ୍ରାସପାଇଁ ଚୁକ୍ତିହେବା ସହିତ ଉଭୟ ଦେଶ ମଧ୍ୟରେ ସାଂସ୍କୃତିକ ବିନିମୟ, ଉଚ୍ଚସ୍ତରୀୟ ପରିଦର୍ଶନ, ବାଣିଜ୍ୟ ଚୁକ୍ତି ଓ ଔଦ୍ୟୋଗିକ କ୍ଷେତ୍ରରେ ସହଯୋଗିତା ଆରମ୍ଭ ହେଲା ।

**(ଝ) ନୂତନ ଶୀତଳ ଯୁଦ୍ଧ କ'ଣ ?**

ଉ – (i) ୧୯୭୯ ମସିହାରେ ଇରାନ୍ ବିଦ୍ରୋହ, ଚୀନ୍-ଭିଏତ୍‌ନାମ ଯୁଦ୍ଧ, ଏଲ୍‌ସାଲଭେଡ଼ର୍‌ରେ ଯୁକ୍ତରାଷ୍ଟ୍ର ଆମେରିକାର ସଂପୃକ୍ତି, ଆଫଗାନିସ୍ତାନରେ ରୁଷ୍‌ର ସାମରିକ ହସ୍ତକ୍ଷେପ ଯୋଗୁଁ ଯୁକ୍ତରାଷ୍ଟ୍ର ଆମେରିକା ଓ ସୋଭିଏତ୍ ରୁଷ୍ ମଧ୍ୟରେ ପୁରୁଣା ଉତ୍ତେଜନା ପ୍ରକାଶପାଇଲା ।

(ii) ଫଳରେ ଦେତାଁର ଅବସାନ ଘଟି ନୂତନ ଶୀତଳ ଯୁଦ୍ଧର ସୂତ୍ରପାତ ହେଲା ।

**(ଞ) ନୂତନ ଶୀତଳ ଯୁଦ୍ଧ ଓ ପୁରାତନ ଶୀତଳ ଯୁଦ୍ଧ ମଧ୍ୟରେ କି ତାରତମ୍ୟ ଥିଲା ?**

ଉ – (i) ନୂତନ ଶୀତଳ ଯୁଦ୍ଧରେ ଦୁଇ ମହାଶକ୍ତିର ସହଯୋଗୀ ରାଷ୍ଟ୍ରମାନେ ଜଡ଼ିତ ହୋଇ ନଥିଲେ; ମାତ୍ର ଦୁଇ ମହାଶକ୍ତିଙ୍କ ମଧ୍ୟରେ ଉତ୍ତେଜନା ଓ ଦ୍ୱନ୍ଦ୍ୱ ପ୍ରକାଶପାଇଲା ଓ ପରମାଣୁ ଅସ୍ତ୍ର ପ୍ରତିଯୋଗିତା ଏବଂ ପାରମ୍ପରିକ ଅସ୍ତ୍ରଶସ୍ତ୍ରରେ ଅଧିକ ଦକ୍ଷହାସଲ କରିବାକୁ ଚେଷ୍ଟାକରିଥିଲେ ।

(ii) ପୁରାତନ ଶୀତଳ ଯୁଦ୍ଧ ଅପେକ୍ଷା ନୂତନ ଶୀତଳ ଯୁଦ୍ଧ ଅଧିକ ଭୟଙ୍କର ଜଣାପଡୁଥିଲା ।

COMPETITIVE BOOKS
ଓଡ଼ିଶା Board and NCERT
All Books With Solutions
OBS

**୩ । ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ବାକ୍ୟରେ ଲେଖ ।**

**(କ) ଶୀତଳ ଯୁଦ୍ଧ ଯୋଗୁଁ ପୃଥିବୀ କେଉଁ ଦୁଇଟି ଗୋଷ୍ଠୀରେ ବିଭକ୍ତ ହୋଇଥିଲା ?**

ଉ – ଶୀତଳ ଯୁଦ୍ଧ ଯୋଗୁଁ ପୃଥିବୀ ସାମ୍ୟବାଦୀ ଗୋଷ୍ଠୀ ଓ ପୁଞ୍ଜିବାଦୀ ଗୋଷ୍ଠୀରେ ବିଭକ୍ତ ହୋଇଥିଲା ।

**(ଖ) ଶୀତଳ ଯୁଦ୍ଧ କିପରି ଏକ ନୂତନ ପ୍ରଯୁକ୍ତି ବିଦ୍ୟାର ଯୁଗ ଆରମ୍ଭ କରିଥିଲା ?**

ଉ – ଶୀତଳ ଯୁଦ୍ଧ ସମୟରେ ସୋଭିଏତ୍ ରୁଷ୍ ଓ ଯୁକ୍ତରାଷ୍ଟ୍ର ଆମେରିକା ମଧ୍ୟରେ ମହାକାଶ ଗବେଷଣା, ଚନ୍ଦ୍ରପୃଷ୍ଠରେ ମାନବର ଅବତରଣ ଏବଂ ବିଜ୍ଞାନ ଓ କାରିଗରୀ ବିଦ୍ୟାର ପ୍ରତିଯୋଗିତାମୂଳକ ଉନ୍ନତି ଏକ ନୂତନ ପ୍ରଯୁକ୍ତି ବିଦ୍ୟାର ଯୁଗ ଆରମ୍ଭ କରିଥିଲା ।

**(ଗ) ଉତ୍ତର ଆଟ୍‌ଲାଣ୍ଟିକ୍ ଚୁକ୍ତି ସଂଗଠନ କେବେ ସ୍ୱାକ୍ଷରିତ ହୋଇଥିଲା ?**

ଉ – ଉତ୍ତର ଆଟ୍‌ଲାଣ୍ଟିକ୍ ଚୁକ୍ତି ସଂଗଠନ ୧୯୪୯ ମସିହା ଏପ୍ରିଲ୍ ୪ ତାରିଖରେ ସ୍ୱାକ୍ଷରିତ ହୋଇଥିଲା ।

**(ଘ) କେବେ ଲଣ୍ଡନଠାରେ ପଶ୍ଚିମ ଇଉରୋପୀୟ ରାଷ୍ଟ୍ରମାନଙ୍କ ମଧ୍ୟରେ ବୁଝାମଣା ନିମନ୍ତେ ଏକ ସମ୍ମିଳନୀର ଆୟୋଜନ କରାଯାଇଥିଲା ?**

ଉ – ୧୯୫୪ ମସିହା ସେପ୍ଟେମ୍ବର ୨୮ ତାରିଖରୁ ଅକ୍ଟୋବର ୩ ତାରିଖ ପର୍ଯ୍ୟନ୍ତ ଲଣ୍ଡନଠାରେ ପଶ୍ଚିମ ଇଉରୋପୀୟ ରାଷ୍ଟ୍ରମାନଙ୍କ ମଧ୍ୟରେ ବୁଝାମଣା ନିମନ୍ତେ ଏକ ସମ୍ମିଳନୀର ଆୟୋଜନ କରାଯାଇଥିଲା ।

**(ଙ) କେଉଁସବୁ ରାଷ୍ଟ୍ରଙ୍କ ମଧ୍ୟରେ ଆନ୍‌ଜସ୍ ରାଜିନାମା ସ୍ୱାକ୍ଷରିତ ହୋଇଥିଲା ?**

ଉ – ଅଷ୍ଟ୍ରେଲିଆ, ନିଉଜିଲାଣ୍ଡ ଏବଂ ଯୁକ୍ତରାଷ୍ଟ୍ର ଆମେରିକା ମଧ୍ୟରେ ଆନ୍‌ଜସ୍ ରାଜିନାମା ସ୍ୱାକ୍ଷରିତ ହୋଇଥିଲା ।

**(ଚ) ବାଗଦାଦ୍ ଚୁକ୍ତିର ପରିବର୍ତ୍ତିତ ନାମ କ'ଣ ?**

ଉ – ବାଗ୍‌ଦାଦ୍ ଚୁକ୍ତିର ପରିବର୍ତ୍ତିତ ନାମ କେନ୍ଦ୍ରୀୟ ଚୁକ୍ତି ସଂଗଠନ ।

**(ଛ) ୱାରସ୍ ଚୁକ୍ତି କେବେ ଓ କେଉଁଠାରେ ସଂପାଦିତ ହୋଇଥିଲା ?**

ଉ – ୱାରସ୍ ଚୁକ୍ତି ୧୯୫୫ ମସିହା ମେ ୧ ତାରିଖରେ ପୋଲାଣ୍ଡର ରାଜଧାନୀ ୱାରସ୍‌ଠାରେ ସଂପାଦିତ ହୋଇଥିଲା ।

**(ଜ) କେଉଁ ମସିହାରେ ଦେତାଁର ସହସା ଅବସାନ ଘଟିଲା ?**

ଉ – ୧୯୭୯ ମସିହାରେ ଦେତାଁର ଅବସାନ ଘଟିଲା ।

**(ଝ) ମିଖାଇଲ୍ ଗୋର୍ବାଚେଭ୍ କେବେ ସୋଭିଏତ୍ ପଲିଟିବ୍ୟୁରୋର ସାଧାରଣ ସଂପାଦକ ହେଲେ ?**

ଉ – ୧୯୮୫ ମସିହାରେ ମିଖାଇଲ୍ ଗୋର୍ବାଚେଭ୍ ସୋଭିଏତ୍ ପଲିଟିବ୍ୟୁରୋର ସାଧାରଣ ସଂପାଦକ ହେଲେ ।

**(ଞ) ଶୀତଳ ଯୁଦ୍ଧର ଅବସାନ ହେଲା ବୋଲି କେଉଁ ଦୁଇଜଣ ଘୋଷଣାକଲେ ?**

ଉ – ଶୀତଳ ଯୁଦ୍ଧର ଅବସାନ ହେଲା ବୋଲି ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଜର୍ଜ ବୁଶ୍ ଓ କେନ୍ଦ୍ର ରୁଷ ମଣ୍ଡଳର ରାଷ୍ଟ୍ରପତି ବୋରିସ୍ ୟେଲତ୍‌ସିନ୍ ଘୋଷଣାକଲେ ।

**୪ । ନିମ୍ନରେ ପ୍ରତ୍ୟେକ ପ୍ରଶ୍ନରେ ଦିଆଯାଇଥିବା ଚାରିଗୋଟି ବିକଳ୍ପ ମଧ୍ୟରୁ ଠିକ୍ ଉତ୍ତରଟି ସଙ୍ଗେ ତା'ର କ୍ରମିକ ନମ୍ବର ବାଛି ଲେଖ ।**

**(କ)** ଉତ୍ତର ଆଟ୍‌ଲାଣ୍ଟିକ୍ ଚୁକ୍ତି ସଂଗଠନରେ ପଶ୍ଚିମ ଜର୍ମାନୀ କେବେ ଯୋଗଦେଇଥିଲା ?

(i) ଫେବୃଆରୀ ୧୯୫୨ (ii) ମେ ୧୯୫୨

(iii) ଫେବୃଆରୀ ୧୯୫୫ (iv) ମେ ୧୯୫୫

**(ଖ)** କିଏ ଆନ୍‌ଜସ୍‌ର ସଭ୍ୟ ନଥିଲା ?

(i) ଅଷ୍ଟ୍ରେଲିଆ (ii) ନେଦରଲାଣ୍ଡ

(iii) ନିଉଜିଲାଣ୍ଡ (iv) ଯୁକ୍ତରାଷ୍ଟ୍ର ଆମେରିକା

**(ଗ)** କେବେ ବାଗ୍‌ଦାଦ୍ ଚୁକ୍ତି କେନ୍ଦ୍ରୀୟ ଚୁକ୍ତି ସଂଗଠନ ନାମରେ ନାମିତ ହେଲା ?

(i) ୧୯୪୯ ମସିହା (ii) ୧୯୫୨ ମସିହା

(iii) ୧୯୫୫ ସସିହା (iv) ୧୯୫୮ ମସିହା

**(ଘ)** କେବେ ଦେତାଁର ଅବସାନ ଘଟିଲା ?

(i) ୧୯୭୮ ମସିହା (ii) ୧୯୭୯ ମସିହା

(iii) ୧୯୮୫ ମସିହା (iv) ୧୯୯୦ ମସିହା

**(ଙ)** କାହାର ସଂସ୍କାରମୂଳକ ନୀତି ଶୀତଳ ଯୁଦ୍ଧର ଅବସାନ ନିମନ୍ତେ ମାର୍ଗ ପ୍ରସ୍ତୁତ କରିଥିଲା ?

(i) ୱାଲଟର୍ ଲିପ୍‌ମାନ୍ (ii) ମିଖାଇଲ୍ ଗୋର୍ବାଚେଭ୍

(iii) ଜର୍ଜ ବୁଶ୍ (iv) ବୋରିସ୍ ୟେଲତ୍‌ସିନ୍

**ଉତ୍ତର**

**(କ)** (iv) ମେ ୧୯୫୫ **(ଖ)** (ii) ନେଦରଲାଣ୍ଡ **(ଗ)** (iv) ୧୯୫୮ ମସିହା **(ଘ)** (ii) ୧୯୭୯ ମସିହା
**(ଙ)** (ii) ମିଖାଇଲ୍ ଗୋର୍ବାଚେଭ୍

COMPETITIVE BOOKS
ଓଡ଼ିଶା Board and NCERT
All Books With Solution



## ପାଠ୍ୟପୁସ୍ତକସ୍ଥ ପ୍ରଶ୍ନାବଳୀର ଉତ୍ତର

**୧ । ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୬୦ ଗୋଟି ଶବ୍ଦ ମଧ୍ୟରେ ଲେଖ ।**

**(କ) ଗୋଷ୍ଠୀନିରପେକ୍ଷ ଆନ୍ଦୋଳନ କିପରି ଆରମ୍ଭ ହୋଇଥିଲା ?**

ଉ– (i) ଦ୍ୱିତୀୟ ବିଶ୍ୱଯୁଦ୍ଧରେ ନୂତନଭାବେ ସ୍ୱାଧୀନତାଲାଭ କରିଥିବା ଅଧିକାଂଶ ଏସୀୟ ଓ ଆଫ୍ରିକୀୟ ରାଷ୍ଟ୍ର ସେମାନଙ୍କର ଆର୍ଥିକ ଉନ୍ନତି ଓ ଦେଶର ସୁରକ୍ଷାପାଇଁ ବିତ୍ତଶାଳୀ ରାଷ୍ଟ୍ରର ସାହାଯ୍ୟ ଆଶା କରିଥିଲେ; ମାତ୍ର ସେମାନେ ସାହାଯ୍ୟ ପ୍ରତିବଦଳରେ ସେସବୁ ରାଷ୍ଟ୍ରର ରାଜନୈତିକ ବ୍ୟାପାରରେ ପ୍ରଭାବ ବିସ୍ତାର କରିବାକୁ ଚାହିଁଲେ ।

ପ୍ରଥମ ରୁ ଦ୍ୱାଦଶ
COMPETITIVE BOOKS
and NCERT
OBS

(ii) ଏଥି ସହିତ ଶୀତଳ ଯୁଦ୍ଧର ବାତାବରଣ ଯୋଗୁଁ ସମଗ୍ର ବିଶ୍ୱ ଦୁଇଟି ବିବଦମାନ ଗୋଷ୍ଠୀରେ ବିଭାଜିତ ହୋଇଥିଲା; ଯଥା – ସାମ୍ୟବାଦୀ ରାଷ୍ଟ୍ର ସୋଭିଏତ୍ ରୁଷ୍ ନେତୃତ୍ୱାଧୀନ ଗୋଷ୍ଠୀ ଏବଂ ପୁଞ୍ଜିବାଦୀ ରାଷ୍ଟ୍ର ଯୁକ୍ତରାଷ୍ଟ୍ର ଆମେରିକା ନେତୃତ୍ୱାଧୀନ ଗୋଷ୍ଠୀ ।

(iii) ଏସିଆ ଓ ଆଫ୍ରିକାର ନୂତନଭାବେ ସ୍ୱାଧୀନତାଲାଭ କରିଥିବା ଅଧିକାଂଶ ଦେଶ ଦୁଇ ପ୍ରମୁଖ ଗୋଷ୍ଠୀରେ ଯୋଗ ନ ଦେଇ ନିରାପଦ ଦୂରତ୍ୱ ରକ୍ଷା କରି ନିରପେକ୍ଷ ରହିବାକୁ ଚାହିଁଲେ ।

(iv) ସେହିସବୁ ରାଷ୍ଟ୍ରମାନଙ୍କର ଜାତୀୟ ପୁନର୍ଗଠନ ଓ ଅର୍ଥନୈତିକ ଉନ୍ନତି ନିମନ୍ତେ ପରସ୍ପରସହ ସହଯୋଗ ସ୍ଥାପନକଲେ ।

(v) ସେମାନଙ୍କ ମଧ୍ୟରେ ଉତ୍ତମ ବୁଝାମଣା ଓ ସହଯୋଗ ବୃଦ୍ଧିପାଇ ଗୋଷ୍ଠୀନିରପେକ୍ଷ ଆନ୍ଦୋଳନର ଆରମ୍ଭ ହୋଇଥିଲା ।

**(ଖ) *ଗୋଷ୍ଠୀନିରପେକ୍ଷତା କାହାକୁ କୁହାଯାଏ ? ଗୋଷ୍ଠୀନିରପେକ୍ଷ ଆନ୍ଦୋଳନର ଲକ୍ଷ୍ୟ କ'ଣ ? ଏହି ଆନ୍ଦୋଳନର ପ୍ରସାରରେ ମୁଖ୍ୟ ଭୂମିକା ଗ୍ରହଣକରିଥିବା ବିଶିଷ୍ଟ ବ୍ୟକ୍ତିମାନେ କିଏ ?***

ଉ – (i) ସାମ୍ୟବାଦୀ ବା ପୁଞ୍ଜିବାଦୀ ଗୋଷ୍ଠୀମଧ୍ୟରୁ କୌଣସି ଗୋଷ୍ଠୀରେ ଯୋଗ ନ ଦେଇ ନିରପେକ୍ଷ ଭାବରେ କାର୍ଯ୍ୟ କରିବାକୁ ଗୋଷ୍ଠୀନିରପେକ୍ଷତା କୁହାଯାଏ ।

(ii) ସ୍ୱାଧୀନତାର ସୁରକ୍ଷା, ସାମ୍ରାଜ୍ୟବାଦ ଓ ଉପନିବେଶବାଦର ବିଲୋପ, ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଓ ବିଶ୍ୱ ଶାନ୍ତି ପ୍ରତିଷ୍ଠା ଗୋଷ୍ଠୀନିରପେକ୍ଷ ଆନ୍ଦୋଳନର ଲକ୍ଷ୍ୟ ଅଟେ ।

(iii) ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ୍ ନେହେରୁ, ଇଣ୍ଡୋନେସିଆର ରାଷ୍ଟ୍ରପତି ସୁକର୍ଣ୍ଣୋ, ଯୁଗୋସ୍ଲୋଭିଆର ରାଷ୍ଟ୍ରପତି ମାର୍ଶାଲ ଟିଟୋ ଓ ଇଜିପ୍ଟ ରାଷ୍ଟ୍ରପତି ଅବଦୁଲ୍ ନାସେର ଆଦି ବିଶିଷ୍ଟ ବ୍ୟକ୍ତିଗଣ ଗୋଷ୍ଠୀନିରପେକ୍ଷ ଆନ୍ଦୋଳନର ପ୍ରସାରରେ ମୁଖ୍ୟ ଭୂମିକା ଗ୍ରହଣକରିଥିଲେ ।

**(ଗ) *ଗୋଷ୍ଠୀନିରପେକ୍ଷ ଆନ୍ଦୋଳନର ରୂପରେଖ କେବେ ଓ କେଉଁଠାରେ ପ୍ରସ୍ତୁତ କରାଯାଇଥିଲା ? ସେଠାରେ କେତୋଟି ଏସୀୟ ଓ ଆଫ୍ରିକୀୟ ରାଷ୍ଟ୍ରର ପ୍ରତିନିଧି ଯୋଗଦେଇଥିଲେ ଓ ସେମାନେ କେଉଁସବୁ ବିଷୟରେ ଆଲୋଚନା କରିଥିଲେ ?***

ଉ – (i) ୧୯୫୫ ମସିହା ଏପ୍ରିଲ୍ ମାସରେ ଇଣ୍ଡୋନେସିଆର ପଶ୍ଚିମ ଜାଭାର ବାନ୍ଦୁଙ୍ଗଠାରେ ଗୋଷ୍ଠୀନିରପେକ୍ଷ ଆନ୍ଦୋଳନର ରୂପରେଖ ପ୍ରସ୍ତୁତ କରାଯାଇଥିଲା ।

(ii) ସେଠାରେ ୨୩ ଟି ଏସୀୟ ଓ ୬ଟି ଆଫ୍ରିକୀୟ ରାଷ୍ଟ୍ରର ପ୍ରତିନିଧି ଯୋଗଦେଇଥିଲେ ।

(iii) ସେମାନେ ଗୋଷ୍ଠୀନିରପେକ୍ଷ ଆନ୍ଦୋଳନର କାର୍ଯ୍ୟକାରିତା ବିଷୟରେ ବିସ୍ତାରିତ ରୂପେ ଆଲୋଚନା କରିଥିଲେ ।

(iv) ସେମାନେ ସ୍ପଷ୍ଟ କରିଥିଲେ ଯେ ଗୋଷ୍ଠୀନିରପେକ୍ଷ ନୀତି ଅବଲମ୍ବନ କରୁଥିବା ରାଷ୍ଟ୍ରମାନେ ଶକ୍ତି ପ୍ରଦର୍ଶନକାରୀ ରାଷ୍ଟ୍ରମାନଙ୍କର ଅନୁଗାମୀ ନୁହଁନ୍ତି ।

(v) ପଣ୍ଡିତ ଜବାହରଲାଲ ନେହେରୁଙ୍କ ପଞ୍ଚଶୀଳ ବା ସମସ୍ତ ଜାତିର ଶାନ୍ତିପୂର୍ଣ୍ଣ ସହାବସ୍ଥାନ ନୀତି ସେଠାରେ ଉପସ୍ଥାପିତ ହୋଇ ଗୃହୀତ ହୋଇଥିଲା ।

**(ଘ) *ବିଶ୍ୱଶାନ୍ତି ପ୍ରତିଷ୍ଠା ଦିଗରେ ଗୋଷ୍ଠୀନିରପେକ୍ଷ ଆନ୍ଦୋଳନର ଅବଦାନ ଆଲୋଚନା କର ।***

ଉ – ବିଶ୍ୱଶାନ୍ତି ପ୍ରତିଷ୍ଠା ଦିଗରେ ଗୋଷ୍ଠୀନିରପେକ୍ଷ ଆନ୍ଦୋଳନର ଅବଦାନ ନିମ୍ନମତେ ଆଲୋଚନା କରାଯାଇଛି :

(i) ଶୀତଳ ଯୁଦ୍ଧର ଅନ୍ତ ଦିଗରେ ଏହା ସଫଳ ପଦକ୍ଷେପ ନେଇପାରିଛି ।

(ii) ଏହା ବିଶ୍ୱରୁ ଉପନିବେଶବାଦର ବିଲୟକୁ ତ୍ୱରାନ୍ୱିତ କରିଛି ।

(iii) ନୂତନଭାବେ ସ୍ୱାଧୀନ ହୋଇଥିବା ରାଷ୍ଟ୍ରଗୁଡ଼ିକ ଏକତ୍ରିତ ହେବାଦ୍ୱାରା 'ତୃତୀୟ ବିଶ୍ୱ'ର ଅଭ୍ୟୁଦୟ ଘଟିଛି ।

(iv) ଶୀତଳ ଯୁଦ୍ଧ ପରିପ୍ରେକ୍ଷୀରେ ଗଢ଼ିଉଠିଥିବା ବିଭିନ୍ନ ସାମରିକ ମେଣ୍ଟରେ ନବ୍ୟ ସ୍ୱାଧୀନତାପ୍ରାପ୍ତ ରାଷ୍ଟ୍ରମାନଙ୍କ ଯୋଗଦାନକୁ ନିରୁତ୍ସାହିତ କରିଛି ।

(v) ଦକ୍ଷିଣ ଆଫ୍ରିକାର ବର୍ଣ୍ଣବୈଷମ୍ୟବାଦର ଅନ୍ତ ଦିଗରେ ସଫଳ ପଦକ୍ଷେପ ଗ୍ରହଣ କରି ପାରିଛି ।

(vi) ଦକ୍ଷିଣ-ପୂର୍ବ ଏସିଆ ଚୁକ୍ତି ସଂଗଠନ, କେନ୍ଦ୍ରୀୟ ଚୁକ୍ତି ସଂଗଠନ ଓ ୱାରସ୍ ଚୁକ୍ତି ଆଦିର ବିଲୁପ୍ତ କରିବାରେ ମୁଖ୍ୟ ଭୂମିକା ଗ୍ରହଣକରିଛି ।

(vii) ପାରମ୍ପରିକ ଓ ଅଣପାରମ୍ପରିକ ଅସ୍ତ୍ରଶସ୍ତ୍ର ପ୍ରତିଯୋଗିତା ସଙ୍କୁଚିତ ହୋଇପାରିଛି ।

(viii) ସଂଯୁକ୍ତ ରାଷ୍ଟ୍ରସଂଘର କାର୍ଯ୍ୟକ୍ରମକୁ ଅଧିକ ଗଣତାନ୍ତ୍ରିକ କରାଯାଇପାରିଛି ଓ ପ୍ରଚଳିତ ରାଜନୀତିର ଗତି ଓ ରୂପରେଖ ବଦଳିଯାଇଛି ।

(ix) ଦୁର୍ବଳ ରାଷ୍ଟ୍ରମାନଙ୍କୁ ସ୍ୱତନ୍ତ୍ର ପରିଚୟ ମିଳିପାରିଛି ଏବଂ ବିଶ୍ୱଶାନ୍ତି ଓ ମାନବୀୟ ଭ୍ରାତୃତ୍ୱର ସଫଳ ପ୍ରଚାର ଓ ପ୍ରସାର ହୋଇପାରିଛି ।

**୨ । ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୨୦ ଗୋଟି ଶବ୍ଦ ମଧ୍ୟରେ ଲେଖ ।**

**(କ) ପ୍ରଥମ ଗୋଷ୍ଠୀନିରପେକ୍ଷ ସମ୍ମିଳନୀରେ ଯୋଗଦେଇଥିବା ରାଷ୍ଟ୍ରମାନଙ୍କର ପ୍ରତିନିଧିମାନେ କି' କାର୍ଯ୍ୟ ସଂପାଦନ କରିଥିଲେ ?**

ପ୍ରଥମ ରୁ ଦ୍ୱାଦଶ
Competitive Books
Odisha Board and NCERT
OBS

ଉ– (i) ପ୍ରଥମ ଗୋଷ୍ଠୀନିରପେକ୍ଷ ସମ୍ମିଳନୀର ପ୍ରତିନିଧିମାନେ ବିଶ୍ୱଶାନ୍ତି ଓ ନିରପେକ୍ଷ ନୀତି ଉପରେ ଗୁରୁତ୍ୱଦେଇଥିଲେ, ଅଣୁଅସ୍ତ୍ରର ପ୍ରସ୍ତୁତି ଓ ପ୍ରୟୋଗକୁ ବିରୋଧ କରିଥିଲେ ଓ ନିରସ୍ତ୍ରୀକରଣ ସପକ୍ଷରେ ମତପ୍ରକାଶ କରିଥିଲେ ।

(ii) ସେମାନେ ଉପନିବେଶବାଦ ଓ ସାମ୍ରାଜ୍ୟବାଦ ବିରୋଧରେ ଏକ ସାଧାରଣ ନିନ୍ଦା ପ୍ରସ୍ତାବ ଗୃହୀତ କରାଇବାସହ ସଂଯୁକ୍ତ ରାଷ୍ଟ୍ରସଂଘ ସନନ୍ଦରେ ଆସ୍ଥା ପ୍ରକଟ କରିଥିଲେ ।

**(ଖ) ପଞ୍ଚମ ଗୋଷ୍ଠୀନିରପେକ୍ଷ ସମ୍ମିଳନୀ କେବେ ଓ କେଉଁଠାରେ ଅନୁଷ୍ଠିତ ହୋଇଥିଲା ? ଏହି ସମ୍ମିଳନୀରେ କେଉଁ ବିଷୟରେ ଗୁରୁତ୍ୱଆରୋପ କରାଯାଇଥିଲା ?**

ଉ– (i) ୧୯୭୬ ମସିହା ଅଗଷ୍ଟ ମାସରେ ଶ୍ରୀଲଙ୍କାର ରାଜଧାନୀ କଲମ୍ବୋଠାରେ ପଞ୍ଚମ ଗୋଷ୍ଠୀନିରପେକ୍ଷ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା ।

(ii) ଆନ୍ତର୍ଜାତିକ କାରବାରରେ ବିକାଶୋନ୍ମୁଖୀ ରାଷ୍ଟ୍ରମାନେ ନ୍ୟାୟୋଚିତ ଆର୍ଥନୀତିକ ଅଧିକାର ପାଇବା ଉପରେ ଏହି ସମ୍ମିଳନୀରେ ଗୁରୁତ୍ୱଆରୋପ କରାଯାଇଥିଲା ।

**(ଗ) ନୂଆଦିଲ୍ଲୀଠାରେ ଗୋଷ୍ଠୀନିରପେକ୍ଷ ରାଷ୍ଟ୍ରମାନଙ୍କର ଏକ ଶିଖର ବୈଠକ କେବେ ଅନୁଷ୍ଠିତ ହୋଇଥିଲା ? ଏଠାରେ କି' ପଦକ୍ଷେପ ନିଆଯାଇଥିଲା ?**

ଉ– (i) ୧୯୮୩ ମସିହା ମାର୍ଚ୍ଚ ମାସରେ ନୂଆଦିଲ୍ଲୀଠାରେ ଗୋଷ୍ଠୀନିରପେକ୍ଷ ରାଷ୍ଟ୍ରମାନଙ୍କର ଏକ ଶିଖର ବୈଠକ ଅନୁଷ୍ଠିତ ହୋଇଥିଲା ।

(ii) ଏଠାରେ ଏକ ଆନ୍ତର୍ଜାତିକ ଅର୍ଥବ୍ୟବସ୍ଥା ପ୍ରଚଳନପାଇଁ ପଦକ୍ଷେପ ନିଆଯାଇଥିଲା ।

**(ଘ) ଲୁସାକା ଗୋଷ୍ଠୀନିରପେକ୍ଷ ସମ୍ମିଳନୀରେ କି କାର୍ଯ୍ୟ ସମ୍ପାଦିତ ହୋଇଥିଲା ?**

ଉ– (i) ଲୁସାକା ଗୋଷ୍ଠୀନିରପେକ୍ଷ ସମ୍ମିଳନୀରେ ଶାନ୍ତି ଓ ଆନ୍ତର୍ଜାତିକ ସହଯୋଗ ଉପରେ ଗୁରୁତ୍ୱଆରୋପ କରିବାସହ ସାମରିକ ମେଣ୍ଟଗୁଡ଼ିକୁ ଭାଙ୍ଗିଦେବା ପାଇଁ ଦୃଢ଼ ମତପ୍ରକାଶ ପାଇଥିଲା ।

(ii) ଉପନିବେଶବାଦକୁ ନିନ୍ଦା କରାଯାଇଥିଲା ଓ ସମସ୍ତ ସଭ୍ୟ ରାଷ୍ଟ୍ରମାନଙ୍କ ମଧ୍ୟରେ ଆର୍ଥନୀତିକ ସହଯୋଗ କାମନା କରାଯାଇଥିଲା ।

**(ଙ) ବାନ୍ଦୁଙ୍ଗ୍ ସମ୍ମିଳନୀର ଆତ୍ମା କିଏ ଥିଲେ ? ତାଙ୍କର କେଉଁ ନୀତି ସେଠାରେ ଗୃହୀତ ହୋଇଥିଲା ?**

ଉ – (i) ବାନ୍ଦୁଙ୍ଗ୍ ସମ୍ମିଳନୀର ଆତ୍ମା ଥିଲେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ ।

(ii) ତାଙ୍କର ପଞ୍ଚଶୀଳ ବା ସମସ୍ତ ଜାତିର ଶାନ୍ତିପୂର୍ଣ୍ଣ ସହାବସ୍ଥାନ ନୀତି ସେଠାରେ ଗୃହୀତ ହୋଇଥିଲା ।

**(ଚ) ହାରାରେ ଗୋଷ୍ଠୀନିରପେକ୍ଷ ସମ୍ମିଳନୀରେ କେତୋଟି ରାଷ୍ଟ୍ରର ପ୍ରତିନିଧି ଯୋଗଦେଇଥିଲେ ? ସେଠାରେ କେଉଁ ଦୁଇଟି କାର୍ଯ୍ୟ ସଂପାଦିତ ହୋଇଥିଲା ?**

ଉ – (i) ହାରାରେ ଗୋଷ୍ଠୀନିରପେକ୍ଷ ସମ୍ମିଳନୀରେ ୧୦୧ ଟି ରାଷ୍ଟ୍ରର ପ୍ରତିନିଧି ଯୋଗଦେଇଥିଲେ ।

(ii) ସେଠାରେ ଦକ୍ଷିଣ ଆଫ୍ରିକାରେ ବର୍ଣ୍ଣବୈଷମ୍ୟ ନୀତିର ସଂପୂର୍ଣ୍ଣ ବିଲୋପପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା ଏବଂ ବିଶ୍ୱ ଅର୍ଥନୀତି ବ୍ୟବସ୍ଥା ପରିପ୍ରେକ୍ଷୀରେ ଆନ୍ତର୍ଜାତିକ ଅର୍ଥନୈତିକ ସହଯୋଗପାଇଁ ଆହ୍ୱାନ ଦିଆଯାଇଥିଲା ।

**(ଛ) ୧୯୮୯ ମସିହା ସେପ୍ଟେମ୍ବର ମାସରେ କେଉଁଠାରେ ଗୋଷ୍ଠୀନିରପେକ୍ଷ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା ? ସମ୍ମିଳନୀରେ କେଉଁ ବିଷୟରେ ପ୍ରସ୍ତାବ ଆସିଥିଲା ?**

ଉ – (i) ୧୯୮୯ ମସିହା ସେପ୍ଟେମ୍ବର ମାସରେ ଯୁଗୋସ୍ଲୋଭିଆର ରାଜଧାନୀ ବେଲଗ୍ରେଡ୍‌ଠାରେ ଗୋଷ୍ଠୀନିରପେକ୍ଷ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା ।

ପ୍ରଥମ ରୁ ଦ୍ୱାଦଶ COMPETITIVE BOOKS ଓଡ଼ିଶା Board and NCERT

(ii) ଉତ୍ତର ଓ ଦକ୍ଷିଣର ରାଷ୍ଟ୍ରମାନଙ୍କ ମଧ୍ୟରେ ଥିବା ଅର୍ଥନୈତିକ ସଂପର୍କ ଏବଂ ନୂତନ ବିଶ୍ୱ ଅର୍ଥନୀତି ବ୍ୟବସ୍ଥା ସଂପର୍କରେ ଆଲୋଚନା ଓ ସହଯୋଗପାଇଁ ଗୁରୁତ୍ୱ ଦିଆଯାଇଥିଲା ।

**(ଜ) ତ୍ରୟୋଦଶ ଗୋଷ୍ଠୀନିରପେକ୍ଷ ସମ୍ମିଳନୀରେ ମୁଖ୍ୟତଃ କ'ଣ ଆଲୋଚିତ ହୋଇଥିଲା ?**

ଉ – (i) କୁଆଲାଲାମ୍ପୁରଠାରେ ତ୍ରୟୋଦଶ ଗୋଷ୍ଠୀନିରପେକ୍ଷ ସମ୍ମିଳନୀରେ ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନକୁ ଅଧିକ ଶକ୍ତିଶାଳୀ କରିବା ଓ ସଂଯୁକ୍ତ ରାଷ୍ଟ୍ରସଂଘର ଦୃଢ଼ୀକରଣ ଉପରେ ଗୁରୁତ୍ୱଆରୋପ କରାଯାଇଥିଲା ।

(ii) ଇରାକ୍ ଓ ଦକ୍ଷିଣ କୋରିଆ ସମସ୍ୟା ଏବଂ ବିଶ୍ୱ ସନ୍ତ୍ରାସବାଦର ମୂଳୋତ୍ପାଟନ ଉପରେ ଆଲୋଚନା ମଧ୍ୟ ଅନୁଷ୍ଠିତ ହୋଇଥିଲା ।

**(ଝ) ଚତୁର୍ଦ୍ଦଶ ଗୋଷ୍ଠୀନିରପେକ୍ଷ ସମ୍ମିଳନୀ କେବେ ଓ କେଉଁ ସ୍ଥାନରେ ଅନୁଷ୍ଠିତ ହୋଇଥିଲା ?**

ଉ – (i) ଚତୁର୍ଦ୍ଦଶ ଗୋଷ୍ଠୀନିରପେକ୍ଷ ସମ୍ମିଳନୀ ୨୦୦୬ ମସିହା ସେପ୍ଟେମ୍ବର ମାସରେ ଅନୁଷ୍ଠିତ ହୋଇଥିଲା ।

(ii) ଏହା କ୍ୟୁବାର ରାଜଧାନୀ ହାଭାନାରେ ଅନୁଷ୍ଠିତ ହୋଇଥିଲା ।

**(ଞ) ପଞ୍ଚଦଶ ଗୋଷ୍ଠୀନିରପେକ୍ଷ ସମ୍ମିଳନୀ କେଉଁଠାରେ ଅନୁଷ୍ଠିତ ହୋଇଥିଲା ? ଏଥିରେ କେତୋଟି ରାଷ୍ଟ୍ରର ପ୍ରତିନିଧି ଯୋଗଦେଇଥିଲେ ?**

ଉ – (i) ପଞ୍ଚଦଶ ଗୋଷ୍ଠୀନିରପେକ୍ଷ ସମ୍ମିଳନୀ ଇଜିପ୍ଟର ଶାର୍ମ ଏଲ୍ ଶେଖ୍ ଠାରେ ଅନୁଷ୍ଠିତ ହୋଇଥିଲା ।

(ii) ଏଠାରେ ୧୧୮ ଟି ରାଷ୍ଟ୍ରର ପ୍ରତିନିଧି ଯୋଗଦେଇଥିଲେ ।

**୩ । ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ବାକ୍ୟରେ ଲେଖ ।**

**(କ) କାହା ନେତୃତ୍ୱରେ ଗୋଷ୍ଠୀନିରପେକ୍ଷ ଆନ୍ଦୋଳନ ସୁଦୃଢ଼ ହୋଇଥିଲା ?**

ଉ – ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ନେତୃତ୍ୱରେ ଗୋଷ୍ଠୀନିରପେକ୍ଷ ଆନ୍ଦୋଳନ ସୁଦୃଢ଼ ହୋଇଥିଲା ।

**(ଖ) କେଉଁମାନଙ୍କ ସହଯୋଗ ଗୋଷ୍ଠୀନିରପେକ୍ଷ ଆନ୍ଦୋଳନକୁ ପରିପୁଷ୍ଟ କରିଥିଲା ?**

ଉ – ଇଣ୍ଡୋନେସିଆର ରାଷ୍ଟ୍ରପତି ସୁକର୍ଣ୍ଣୋ, ଯୁଗୋସ୍ଲୋଭିଆର ରାଷ୍ଟ୍ରପତି ମାର୍ଶାଲ ଟିଟୋ ଏବଂ ଇଜିପ୍ଟର ରାଷ୍ଟ୍ରପତି ଅବଦୁଲ୍ ନାସେର୍‌ଙ୍କ ସହଯୋଗ ଗୋଷ୍ଠୀନିରପେକ୍ଷ ଆନ୍ଦୋଳନକୁ ପରିପୁଷ୍ଟ କରିଥିଲା ।

**(ଗ) କେଉଁମାନଙ୍କୁ ନେଇ ତୃତୀୟ ବିଶ୍ୱର ସୃଷ୍ଟି ହୋଇଥିଲା ?**

ଉ – ଗୋଷ୍ଠୀ ନିରପେକ୍ଷ ରାଷ୍ଟ୍ରମାନଙ୍କୁ ନେଇ ତୃତୀୟ ବିଶ୍ୱର ସୃଷ୍ଟି ହୋଇଥିଲା ।

**(ଘ) କେଉଁ ଗୋଷ୍ଠୀନିରପେକ୍ଷ ସମ୍ମିଳନୀରେ ବୃହତ୍ ଶକ୍ତିମାନଙ୍କୁ ସେମାନଙ୍କର ସାମରିକ ଘାଟିଗୁଡ଼ିକୁ ନଷ୍ଟ କରିଦେବାକୁ ଆହ୍ୱାନ ଦିଆଯାଇଥିଲା ?**

ଉ – ୧୯୭୯ ର ହାଭାନାଠାରେ ଅନୁଷ୍ଠିତ ଗୋଷ୍ଠୀନିରପେକ୍ଷ ସମ୍ମିଳନୀରେ ବୃହତ୍ ଶକ୍ତିମାନଙ୍କୁ ସେମାନଙ୍କର ସାମରିକ ଘାଟିଗୁଡ଼ିକୁ ନଷ୍ଟ କରିଦେବାକୁ ଆହ୍ୱାନ ଦିଆଯାଇଥିଲା ।

**(ଙ) ଆଲ୍‌ଜିୟର୍ସ ଗୋଷ୍ଠୀନିରପେକ୍ଷ ସମ୍ମିଳନୀରେ କେତୋଟି ରାଷ୍ଟ୍ରର ପ୍ରତିନିଧି ଯୋଗଦେଇଥିଲେ ?**

ଉ – ଆଲ୍‌ଜିୟର୍ସ ଗୋଷ୍ଠୀନିରପେକ୍ଷ ସମ୍ମିଳନୀରେ ୭୬ଟି ରାଷ୍ଟ୍ରର ପ୍ରତିନିଧି ଯୋଗଦେଇଥିଲେ ।

**(ଚ) ଲୁସାକା କେଉଁ ଦେଶର ରାଜଧାନୀ ?**

ଉ – ଲୁସାକା ଜାମ୍ବିଆର ରାଜଧାନୀ ।

**(ଛ) ଗୋଷ୍ଠୀନିରପେକ୍ଷ ଆନ୍ଦୋଳନର ସପ୍ତମ ସମ୍ମିଳନୀ କେଉଁଠାରେ ଅନୁଷ୍ଠିତ ହୋଇଥିଲା ?**

ଉ – ଗୋଷ୍ଠୀନିରପେକ୍ଷ ଆନ୍ଦୋଳନର ସପ୍ତମ ସମ୍ମିଳନୀ ଭାରତର ରାଜଧାନୀ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହୋଇଥିଲା ।

**(ଜ) ଦକ୍ଷିଣ ଆଫ୍ରିକାରେ ଗୋଷ୍ଠୀନିରପେକ୍ଷ ଆନ୍ଦୋଳନ କେଉଁ ପ୍ରଶଂସନୀୟ ପଦକ୍ଷେପ ନେଇଥିଲା ?**

ଉ – ଦକ୍ଷିଣ ଆଫ୍ରିକାରେ ଗୋଷ୍ଠୀନିରପେକ୍ଷ ଆନ୍ଦୋଳନ ବର୍ଣ୍ଣବୈଷମ୍ୟବାଦର ଅନ୍ତ ଦିଗରେ ପ୍ରଶଂସନୀୟ ପଦକ୍ଷେପ ନେଇଥିଲା ।

ପ୍ରଥମରୁ ଦ୍ୱାଦଶ
COMPETITIVE BOOKS
Odisha Board and NCERT
All Books With Solutions
OBS

**(ଝ) କେଉଁ ଚୁକ୍ତିଗୁଡ଼ିକର ବିଫଳତା ଗୋଷ୍ଠୀନିରପେକ୍ଷ ଆନ୍ଦୋଳନର କାର୍ଯ୍ୟ ଦକ୍ଷତାର ପ୍ରମାଣ ଦିଏ ?**

ଉ – ଦକ୍ଷିଣ-ପୂର୍ବ ଏସିଆ ଚୁକ୍ତି ସଂଗଠନ, କେନ୍ଦ୍ରୀୟ ଚୁକ୍ତି ସଂଗଠନ ଓ ୱାରସ୍ ଚୁକ୍ତି ଆଦିର ବିଫଳତା ଗୋଷ୍ଠୀନିରପେକ୍ଷ ଆନ୍ଦୋଳନର କାର୍ଯ୍ୟ ଦକ୍ଷତାର ପ୍ରମାଣ ଦିଏ ।

**(ଞ) ପଞ୍ଚଦଶ ଗୋଷ୍ଠୀନିରପେକ୍ଷ ସମ୍ମିଳନୀ କେଉଁଠାରେ ଅନୁଷ୍ଠିତ ହୋଇଥିଲା ?**

ଉ – ପଞ୍ଚଦଶ ଗୋଷ୍ଠୀନିରପେକ୍ଷ ସମ୍ମିଳନୀ ଇଜିପ୍ଟର ଶାର୍ମ ଏଲ୍ ଶେଖ୍ ଠାରେ ଅନୁଷ୍ଠିତ ହୋଇଥିଲା ।

୪ । **ନିମ୍ନରେ ପ୍ରତ୍ୟେକର ତଳେ ଦିଆଯାଇଥିବା ଚାରିଗୋଟି ବିକଳ୍ପ ମଧ୍ୟରୁ ଠିକ୍ ଉତ୍ତରଟି ସଙ୍ଗେ ତା'ର କ୍ରମିକ ନମ୍ବର ବାଛି ଲେଖ ।**

(କ) କେଉଁ ଗୋଷ୍ଠୀନିରପେକ୍ଷ ସମ୍ମିଳନୀରେ ଆଫଗାନିସ୍ତାନରୁ ରୁଷିଆର ସୈନ୍ୟ ଅପସାରଣ ପାଇଁ ଆହ୍ୱାନ ଦିଆଯାଇଥିଲା ?

(i) ହାଭାନା ସମ୍ମିଳନୀ ୧୯୭୯ (ii) ହାରାରେ ସମ୍ମିଳନୀ ୧୯୮୬

(iii) ନୂଆଦିଲ୍ଲୀ ସମ୍ମିଳନୀ ୧୯୮୩ (iv) ବେଲ୍‌ଗ୍ରେଡ୍ ସମ୍ମିଳନୀ ୧୯୮୯

(ଖ) ଗୋଷ୍ଠୀନିରପେକ୍ଷ ରାଷ୍ଟ୍ରମାନଙ୍କର ପ୍ରଥମ ସମ୍ମିଳନୀ କେଉଁଠାରେ ଅନୁଷ୍ଠିତ ହୋଇଥିଲା ?

(i) ବାନ୍ଦୁଙ୍ଗ (ii) ଲୁସାକା (iii) କାଇରୋ (iv) ବେଲ୍‌ଗ୍ରେଡ୍

(ଗ) କେଉଁ ବିଷୟଟି ୧୯୮୯ ମସିହାରେ ବେଲ୍‌ଗ୍ରେଡ୍ ଗୋଷ୍ଠୀନିରପେକ୍ଷ ସମ୍ମିଳନୀରେ ଆଲୋଚିତ ହୋଇଥିଲା ?

(i) ସଂପୂର୍ଣ୍ଣ ଅଣୁଅସ୍ତ୍ର ଉଚ୍ଛେଦ (ii) ବିଶ୍ୱ ଅର୍ଥନୀତି ଅବସ୍ଥା

(iii) ଦକ୍ଷିଣ ଆଫ୍ରିକାରେ ବର୍ଣ୍ଣବୈଷମ୍ୟବାଦର ବିଲୋପ

(iv) ସାମ୍ରାଜ୍ୟବାଦ ବିରୋଧରେ ସାଧାରଣ ନିନ୍ଦା

(ଘ) କେଉଁ ଗୋଷ୍ଠୀନିରପେକ୍ଷ ସମ୍ମିଳନୀରେ ବିଶ୍ୱ ଉତ୍ତେଜନା ଦୂରକରିବାକୁ ସାମରିକ ମେଣ୍ଟଗୁଡ଼ିକ ନଷ୍ଟ କରିଦେବା ପାଇଁ ମତ ପ୍ରକାଶପାଇଥିଲା ?

(i) ଲୁସାକା ସମ୍ମିଳନୀ (୧୯୭୦) (ii) ହାଭାନା ସମ୍ମିଳନୀ (୧୯୭୯)

(iii) କଲମ୍ବୋ ସମ୍ମିଳନୀ (୧୯୭୬) (iv) ହାରାରେ ସମ୍ମିଳନୀ (୧୯୮୬)

ପ୍ରଥମ ରୁ ଦ୍ୱାଦଶ
COMPETITIVE BOOKS
ଓଡ଼ିଶା Board and NCERT
OBS

(ଙ) କେଉଁ ବିଷୟରେ ୧୯୮୬ ମସିହାରେ ହାରାରେ ଗୋଷ୍ଠୀନିରପେକ୍ଷ ସମ୍ମିଳନୀରେ ଆଲୋଚନା ହୋଇଥିଲା ?

(i) ଆନ୍ତର୍ଜାତିକ ସନ୍ତ୍ରାସବାଦର ଦୂରୀକରଣ (ii) ବିଶ୍ୱବ୍ୟାଙ୍କ୍‌ର ସଂସ୍କାର

(iii) ସାମରିକ ଘାଟିଗୁଡ଼ିକର ଧ୍ୱଂସ (iv) ବର୍ଣ୍ଣବୈଷମ୍ୟ ନୀତିର ବିଲୋପ

**ଉତ୍ତର**

(କ) (ii) ହାରାରେ ସମ୍ମିଳନୀ ୧୯୮୬ (ଖ) (i) ବାନ୍ଦୁଙ୍ଗ (ଗ) (ii) ବିଶ୍ୱ ଅର୍ଥନୀତି ଅବସ୍ଥା

(ଘ) (i) ଲୁସାକା ସମ୍ମିଳନୀ (୧୯୭୦) (ଙ) (iv) ବର୍ଣ୍ଣବୈଷମ୍ୟ ନୀତିର ବିଲୋପ

## ପାଠ୍ୟପୁସ୍ତକସ୍ଥ ପ୍ରଶ୍ନାବଳୀର ଉତ୍ତର



**୧ । ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୬୦ ଗୋଟି ଶବ୍ଦ ମଧ୍ୟରେ ଲେଖ ।**

**(କ) କାହା ନେତୃତ୍ୱରେ ସୋଭିଏତ୍ ସଂଘ ପୃଥିବୀର ଦ୍ୱିତୀୟ ବୃହତ୍ ଅର୍ଥନୈତିକ ଶକ୍ତିରେ ପରିଣତ ହୋଇଥିଲା ? କେଉଁସବୁ କାରଣରୁ ଏହାର ଅର୍ଥନୀତି ବିପର୍ଯ୍ୟସ୍ତ ହୋଇଥିଲା ?**

ଉ– (i) ଯୋଶେଫ୍ ଷ୍ଟାଲିନ୍‌ଙ୍କ ନେତୃତ୍ୱରେ ସୋଭିଏତ୍ ସଂଘ ପୃଥିବୀର ଦ୍ୱିତୀୟ ବୃହତ୍ ଅର୍ଥନୈତିକ ଶକ୍ତିରେ ପରିଣତ ହୋଇଥିଲା ।

(ii) ଆଲେକ୍ସି କୋସିଜିନ୍ ଓ ଲିଓନିଡ୍ ବ୍ରେଜ୍‌ନେଭ୍‌ଙ୍କ ସମୟରେ ଯୁକ୍ତରାଷ୍ଟ୍ର ଆମେରିକା ସହିତ ସୋଭିଏତ୍ ସଂଘର ଅସ୍ତ୍ରଶସ୍ତ୍ର ପ୍ରତିଯୋଗିତା ଓ ଶୀତଳ ଯୁଦ୍ଧ ଯୋଗୁଁ ଏହାର ସାମରିକ ଖର୍ଚ୍ଚ ଅତ୍ୟଧିକ ବୃଦ୍ଧିପାଇଲା ।

(iii) ଅଶୀ ଦଶକର ଆରମ୍ଭରୁ ମୁଦ୍ରାସ୍ଫୀତି, ଆବଶ୍ୟକ ସାମଗ୍ରୀର ଅଭାବ, କୃଷି ଉତ୍ପାଦନ ହ୍ରାସ ଏବଂ କଳାବଜାରର ପ୍ରଭାବରୁ ଦେଶର ଅର୍ଥନୀତି ବିପର୍ଯ୍ୟସ୍ତ ହୋଇପଡ଼ିଲା ।

(iv) ଏତଦ୍‌ବ୍ୟତୀତ ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ରୋନାଲ୍ଡ଼ ରିଗାନ୍‌ଙ୍କ ତାରକା ଯୁଦ୍ଧ ଯୋଜନା ସୋଭିଏତ୍ ସଂଘର ଦୁର୍ବଳ ଅର୍ଥନୀତି ଉପରେ ଅତ୍ୟଧିକ ସାମରିକ ଖର୍ଚ୍ଚର ବୋଝ ଲଦିଦେଲା ।

**(ଖ) ସୋଭିଏତ୍ ସଂଘର ବିପର୍ଯ୍ୟସ୍ତ ରାଜନୈତିକ ଅବସ୍ଥାକୁ ସୁଧାରିବା ପାଇଁ ଗୋର୍ବାଚେଭ୍‌ଙ୍କ ଦ୍ୱାରା କେଉଁ ନୂତନ ନୀତି ଘୋଷିତ ହୋଇଥିଲା ? ଏହାର ପରିଣତି କ'ଣ ହେଲା ?**

ଉ– (i) ସୋଭିଏତ୍ ସଂଘର ବିପର୍ଯ୍ୟସ୍ତ ରାଜନୈତିକ ଅବସ୍ଥାକୁ ସୁଧାରିବାପାଇଁ ଗୋର୍ବାଚେଭ୍‌ଙ୍କ ଦ୍ୱାରା ଗ୍ଲାସ୍‌ନସ୍ତ ବା ମୁକ୍ତ ରାଜନୈତିକ କାର୍ଯ୍ୟକଳାପ ନୀତି ଘୋଷିତ ହୋଇଥିଲା ।

(ii) ଏହି ନୀତିଦ୍ୱାରା ମତବ୍ୟକ୍ତ କରିବାର ସ୍ୱାଧୀନତା ଏବଂ ସମ୍ବାଦପତ୍ରର ସ୍ୱାଧୀନତା ସମ୍ଭବ ହୋଇଥିଲା ସହସ୍ରାଧିକ ରାଜନୈତିକ ବନ୍ଦୀ ଓ ବିରୋଧୀମାନଙ୍କୁ କାରାମୁକ୍ତ କରାଗଲା ।

COMPETITIVE BOOKS
Odisha Board and NCERT
All Books With Solutions
OBS

**ପରିଣତି :**

(iii) ସୋଭିଏତ୍ ସମାଜବିଜ୍ଞାନ ଅଧ୍ୟୟନ ବ୍ୟାପକ ହେଲା । ଗଣମାଧ୍ୟମ ଉପରେ ନିୟନ୍ତ୍ରଣ କୋହଳ ହେବାରୁ ସୋଭିଏତ୍ ସଂଘର ଦୁର୍ବଳତା ଲୋକଲୋଚନକୁ ଆସିଲା ।

(iv) ସରକାର ଜନସାଧାରଣଙ୍କର ଆସ୍ଥା ଓ ବିଶ୍ୱାସ ହରାଇଲେ ।

(v) ୱାରସ୍ ଚୁକ୍ତି ଅନ୍ତର୍ଭୁକ୍ତ ରାଷ୍ଟ୍ରସମୂହର ଆଭ୍ୟନ୍ତରୀଣ ବ୍ୟାପାରରେ ସୋଭିଏତ୍ ସଂଘର ହସ୍ତକ୍ଷେପ ବନ୍ଦହେବା ଦ୍ୱାରା ସେସବୁ ରାଷ୍ଟ୍ରରେ ସାମ୍ୟବାଦୀ ସରକାରର ପତନ ଘଟିଲା ।

**(ଗ) ସୋଭିଏତ୍ ସଂଘର ଆର୍ଥନୀତିକ ଅବସ୍ଥାକୁ ସୁଧାରିବାପାଇଁ ଗୋର୍ବାଚେଭ୍ କେଉଁ ଦୁଇଟି ନୀତି ଘୋଷଣା କରିଥିଲେ ? ସୋଭିଏତ୍ ଅର୍ଥନୀତି ସେଗୁଡ଼ିକ ଦ୍ୱାରା କିପରି ପ୍ରଭାବିତ ହୋଇଥିଲା ?**

ଉ– (i) ସୋଭିଏତ୍ ସଂଘର ଆର୍ଥନୀତିକ ଅବସ୍ଥାକୁ ସୁଧାରିବାପାଇଁ ଗୋର୍ବାଚେଭ୍ ପେରିସ୍ତ୍ରୋଇକା ବା ଆର୍ଥନୀତିକ ପୁନର୍ବିନ୍ୟାସ ଏବଂ ଉସ୍କୋରେନିୟେ ବା ଦ୍ରୁତ ଆର୍ଥନୀତିକ ବିକାଶ ନାମକ ଦୁଇଟି ନୀତି ଘୋଷଣା କରିଥିଲେ

**ଉକ୍ତ ନୀତିଦ୍ୱୟର ପ୍ରଭାବ :**

(ii) ବହୁବର୍ଷଧରି ମନ୍ଥର ହୋଇଯାଇଥିବା ସୋଭିଏତ୍ ସଂଘ ଅର୍ଥନୀତିରେ କୌଣସି ଉନ୍ନତି ହୋଇପାରି ନଥିଲା

(iii) ୧୯୯୦ ମସିହା ସୁଦ୍ଧା ସରକାର ଦେଶର ଅର୍ଥନୀତି ଉପରେ ସଂପୂର୍ଣ୍ଣ ନିୟନ୍ତ୍ରଣ ହରାଇଥିଲେ ।

(iv) ଲାଭ ହେଉ ନଥିବା ଉଦ୍ୟୋଗଗୁଡ଼ିକୁ ବଞ୍ଚାଇବାକୁ ଯାଇ ସରକାରୀ ଖର୍ଚ୍ଚ ବଢ଼ିଚାଲିଲା ।

(v) ସୋଭିଏତ୍ ସଂଘ ଅନ୍ତର୍ଭୁକ୍ତ ରାଷ୍ଟ୍ରମାନେ ସଂଘୀୟ ସରକାରକୁ ରାଜସ୍ୱ ଦେବାକୁ ମନାକରିଦେଲେ; ଫଳରେ ସୋଭିଏତ୍ ସଂଘର ଅର୍ଥନୀତି ସଂପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଲା ।

**(ଘ) ସୋଭିଏତ୍ ସଂଘ ଅନ୍ତର୍ଭୁକ୍ତ ରାଷ୍ଟ୍ରଗୁଡ଼ିକରେ ସାମାଜିକ ଓ ସାଂସ୍କୃତିକ ବିଭେଦ ତୀବ୍ରତର ହେବାର ପରଣତି କ'ଣ ହେଲା ?**

ଉ – (i) ସୋଭିଏତ୍ ସଂଘ ଅନ୍ତର୍ଭୁକ୍ତ ରାଷ୍ଟ୍ରଗୁଡ଼ିକର ନିର୍ବାଚନରେ ସାମ୍ୟବାଦୀ ଦଳ ପରାଜିତ ହୋଇ ଆଞ୍ଚଳିକ ଦଳମାନେ କ୍ଷମତାକୁ ଆସିଲେ ।

(ii) ଏହାଦ୍ୱାରା ସୋଭିଏତ୍ ସଂଘର କେନ୍ଦ୍ରୀୟ କ୍ଷମତା ଦୁର୍ବଳ ହେଲା ।

(iii) ସେହିସବୁ ରାଷ୍ଟ୍ରମାନେ ବହୁଦଳୀୟ ବ୍ୟବସ୍ଥା ପ୍ରବର୍ତ୍ତନ କରି ସାମାଜବାଦୀ ଓ ଗଣତାନ୍ତ୍ରିକ ଦଳ ଗଠନକଲେ ।

(iv) ଉଦାରୀକରଣ ପ୍ରଭାବରେ ସୋଭିଏତ୍ ସଂଘ ଅନ୍ତର୍ଭୁକ୍ତ ଲିଥୁଆନିଆ, ଇସ୍ତୋନିଆ, ଲାଟ୍‌ଭିଆ, ବେଲାରୁଷ୍, ଇଉକ୍ରେନ୍, ମୋଲ୍‌ଡ଼ାଭିଆ, ଉଜ୍‌ବେକିସ୍ତାନ, ଜର୍ଜିଆ, ଆର୍ମେନିଆ, ଆଜରବାଇଜାନ୍, ତୁର୍କମେନିସ୍ତାନ ଓ କାଜାଖସ୍ତାନ ପ୍ରଭୃତି ରାଷ୍ଟ୍ରମାନେ ସ୍ୱାଧୀନତା ଘୋଷଣାକଲେ ।

(v) ସାମ୍ୟବାଦୀ ଦଳକୁ ବାସନ୍ଦ କରାଗଲା ଓ ୱାର୍‌ସ ଚୁକ୍ତିକୁ ଭାଙ୍ଗିଦିଆଗଲା ।

**୨ । ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୨୦ ଗୋଟି ଶବ୍ଦ ମଧ୍ୟରେ ଲେଖ ।**

**(କ) ଦ୍ୱିତୀୟ ବିଶ୍ୱଯୁଦ୍ଧପରେ ସୋଭିଏତ୍ ସଂଘ କିପରି ପୃଥିବୀର ଦ୍ୱିତୀୟ ବୃହତ୍ ଶକ୍ତି ଭାବରେ ପ୍ରତିଷ୍ଠିତ ହୋଇଥିଲା ?**

ଉ – (i) ଦ୍ୱିତୀୟ ବିଶ୍ୱଯୁଦ୍ଧପରେ ଯୋଶେଫ୍ ଷ୍ଟାଲିନ୍‌ଙ୍କର ବଳିଷ୍ଠ ନେତୃତ୍ୱ ସୋଭିଏତ୍ ସଂଘର ଚତୁଃପାର୍ଶ୍ୱରେ ସାମ୍ୟବାଦର ଲୌହପରଦାକୁ ସୁଦୃଢ଼ କରିଥିଲା ।

(ii) ଆନ୍ତର୍ଜାତିକକ୍ଷେତ୍ରରେ ଏହାର ପ୍ରଭାବ ଓ ପ୍ରତିପତ୍ତିକୁ ବୃଦ୍ଧି କରି ପୃଥିବୀର ଦ୍ୱିତୀୟ ବୃହତ୍ ଶକ୍ତି ଭାବରେ ପ୍ରତିଷ୍ଠିତ ହୋଇଥିଲା ।

**(ଖ) ଯୋଶେଫ୍ ଷ୍ଟାଲିନ୍ ସୋଭିଏତ୍ ସଂଘକୁ କିପରି ଏକ ଶକ୍ତିଶାଳୀ ରାଷ୍ଟ୍ରରେ ପରିଣତ କରିଥିଲେ ?**

ଉ – (i) ୧୯୨୮ ମସିହାରେ ଯୋଶେଫ୍ ଷ୍ଟାଲିନ୍ ପଞ୍ଚବାର୍ଷିକ ଯୋଜନା ପ୍ରବର୍ତ୍ତନ କରି ଖୁବ୍ କମ୍‌ସମୟ ମଧ୍ୟରେ ସୋଭିଏତ୍ ସଂଘକୁ ଏକ ଶକ୍ତିଶାଳୀ ଶିଳ୍ପୋନ୍ନତ ରାଷ୍ଟ୍ରରେ ପରିଣତ କରିଥିଲେ ।

(ii) ୧୯୪୯ ସୁଦ୍ଧା ଷ୍ଟାଲିନ୍ ସୋଭିଏତ୍ ସଂଘର ଚତୁଃପାର୍ଶ୍ୱକୁ ସାମ୍ୟବାଦୀର ଲୌହପରଦା ଦ୍ୱାରା ସୁଦୃଢ଼ କରିଥିଲେ ।

**(ଗ) କିଏ ତାରକାଯୁଦ୍ଧ ଯୋଜନା ଘେଷଣା କରିଥିଲେ ? ସୋଭିଏତ୍ ସଂଘର ଅର୍ଥନୀତି ଉପରେ ଏହାର କି ପ୍ରଭାବ ପଡ଼ିଥିଲା ?**

ଉ – (i) ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ରୋନାଲ୍‌ଡ଼ ରିଗାନ୍ ତାରକାଯୁଦ୍ଧ ଘୋଷଣା କରିଥିଲେ ।

(ii) ସୋଭିଏତ୍ ସଂଘ ଅର୍ଥନୀତି ଉପରେ ଏହା ଅତ୍ୟଧିକ ସାମରିକ ଖର୍ଚ୍ଚର ବୋଝ ଲଦିଦେଇଥିଲା ।

**(ଘ) ୧୯୮୬ ମସିହାରେ ମିଖାଇଲ୍ ଗୋର୍ବାଚେଭ୍‌ଙ୍କ ଦ୍ୱାରା ଘୋଷିତ ନୀତିଗୁଡ଼ିକ ବୁଝାଇ ଲେଖ ।**

ଉ – (i) ୧୯୮୬ ମସିହାରେ ମିଖାଇଲ୍ ଗୋର୍ବାଚେଭ୍ ଗ୍ଲାସ୍‌ନସ୍ତ, ପେରିସ୍ତ୍ରୋଇକା ଏବଂ ଉସ୍କୋରେନିୟେ ନୀତିଗୁଡ଼ିକ ଘୋଷଣା କରିଥିଲେ ।

(ii) ରାଜନୈତିକ ଅବସ୍ଥାକୁ ସୁଧାରିବାଲାଗି ଗ୍ଲାସ୍‌ନଷ୍ଟ ବା ମୁକ୍ତ ରାଜନୈତିକ କାର୍ଯ୍ୟକଳାପ ନୀତି ଘୋଷଣା କରାଯାଇଥିବାବେଳେ ଆର୍ଥନୀତିକ ପୁନର୍ଗଠନ ଓ ଦ୍ରୁତ ଆର୍ଥନୀତିକ ବିକାଶ ନିମନ୍ତେ ପେରିସ୍ତ୍ରୋଇକା ଏବଂ ଉସ୍କୋରେନିୟେ ନୀତି ଘୋଷିତ ହୋଇଥିଲା ।

COMPETITIVE BOOKS
ଓଡ଼ିଶା Board and NCERT
All Books with Solutions
CBS

(ଙ) ଗ୍ଲାସ୍‌ନସ୍ତ ନୀତିର ପ୍ରଚଳନ ଫଳରେ ସୋଭିଏତ୍ ସଂଘରେ କି ସୁବିଧା ହେଲା ?

ଉ – (i) ଗ୍ଲାସ୍‌ନସ୍ତ ନୀତିଦ୍ୱାରା ସୋଭିଏତ୍ ସଂଘରେ ମତବ୍ୟକ୍ତ କରିବାର ସ୍ୱାଧୀନତା ଏବଂ ସମ୍ବାଦପତ୍ରର ସ୍ୱାଧୀନତା ସମ୍ଭବ ହୋଇଥିଲା ।

(ii) ସହସ୍ରାଧିକ ରାଜନୈତିକ ବନ୍ଦୀ ଏବଂ ବିରୋଧୀମାନଙ୍କୁ କାରାମୁକ୍ତ କରାଗଲା ଏବଂ ବହୁ ଗୋପନୀୟ ତଥ୍ୟ ଲୋକଲୋଚନକୁ ଆସିଲା ।

(ଚ) ପେରିସ୍ତ୍ରୋଇକା ଓ ଉସ୍କୋରେନିୟେ ନୀତିର ଲକ୍ଷ୍ୟ କ'ଣ ଥିଲା ?

ଉ – (i) ପେରିସ୍ତ୍ରୋଇକା ନୀତିର ଲକ୍ଷ୍ୟ ଥିଲା ସୋଭିଏତ୍ ସଂଘର ବିପର୍ଯ୍ୟସ୍ତ ଆର୍ଥନୀତିକ ଅବସ୍ଥାର ପୁନର୍ଗଠନ ।

(ii) ସେହିପରି ଉସ୍କୋରେନିୟେ ନୀତିର ଲକ୍ଷ୍ୟ ଥିଲା ବହୁବର୍ଷଧରି ମନ୍ଥର ହୋଇଯାଇଥିବା ସୋଭିଏତ୍ ସଂଘର ଅର୍ଥନୀତିର ଦ୍ରୁତ ବିକାଶ କରିବା ।

(ଛ) ଗ୍ଲାସ୍‌ନସ୍ତ ନୀତି ପ୍ରଣୟନର କୁପରିଣତିଗୁଡ଼ିକ ଲେଖ ।

ଉ – (i) ଗ୍ଲାସ୍‌ନସ୍ତ ନୀତି ପ୍ରଣୟନ ଫଳରେ ଗଣମାଧ୍ୟମ ଦ୍ୱାରା ସୋଭିଏତ୍ ସଂଘର ଦୁର୍ବଳତା ଲୋକଲୋଚନକୁ ଆସିଲା ଏବଂ ସରକାର ଜନସାଧାରଣଙ୍କର ଆସ୍ଥା ଓ ବିଶ୍ୱାସ ହରାଇଲେ ।

(ii) ୱାରସ୍ ଚୁକ୍ତି ଅନ୍ତର୍ଭୁକ୍ତ ରାଷ୍ଟ୍ରଗୁଡ଼ିକର ଆଭ୍ୟନ୍ତରୀଣ ବ୍ୟାପାରରେ ସୋଭିଏତ୍ ସଂଘର ନିୟନ୍ତ୍ରଣ କୋହଳ କରି ଦିଆଯିବାରୁ ସେସବୁ ରାଷ୍ଟ୍ରରେ ସାମ୍ୟବାଦୀ ସରକାରର ପତନ ଘଟିଲା ।

(ଜ) କେଉଁସବୁ କାରଣଯୋଗୁଁ ୧୯୯୦ ମସିହା ସୁଦ୍ଧା ସୋଭିଏତ୍ ସଂଘର ଅର୍ଥନୀତି ସଂପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଥିଲା ?

ଉ – (i) ପେରିସ୍ତ୍ରୋଇକା ଓ ଉସ୍କୋରେନିୟେ ନୀତିଦ୍ୱାରା ସୋଭିଏତ୍ ସଂଘର ଅର୍ଥନୀତିରେ କୌଣସି ଉନ୍ନତି ହୋଇପାରି ନଥିଲା । ଲାଭ ହେଉ ନଥିବା ଉଦ୍ୟୋଗଗୁଡ଼ିକୁ ବଞ୍ଚାଇବାକୁଯାଇ ସରକାରୀ ଖର୍ଚ୍ଚ ବଢ଼ିଚାଲିଲା ।

(ii) ସୋଭିଏତ୍ ସଂଘ ଅନ୍ତର୍ଭୁକ୍ତ ରାଷ୍ଟ୍ରମାନେ ସଂଘୀୟ ସରକାରକୁ ରାଜସ୍ୱ ଦେବାକୁ ମନାକଲେ; ଫଳରେ ୧୯୯୦ ସୁଦ୍ଧା ସୋଭିଏତ୍ ସଂଘର ଅର୍ଥନୀତି ସଂପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଲା ।

COMPETITIVE BOOKS

(ଝ) ଉଦାରୀକରଣ ପ୍ରକ୍ରିୟାର ପ୍ରଭାବରେ ସୋଭିଏତ୍ ସଂଘରେ କି ପରିବର୍ତ୍ତନ ଘଟିଥିଲା ?

ଉ – (i) ଉଦାରୀକରଣ ପ୍ରକ୍ରିୟାର ପ୍ରଭାବରେ ସୋଭିଏତ୍ ସଂଘ ଅନ୍ତର୍ଭୁକ୍ତ ଲିଥୁଆନିଆ, ଇସ୍ତୋନିଆ, ଲାଟ୍‌ଭିଆ, ବେଲାରୁଷ୍, ଇଉକ୍ରେନ୍, ମୋଲ୍‌ଡାଭିଆ, ଉଜ୍‌ବେକିସ୍ତାନ, ଜର୍ଜିଆ, ଆର୍ମେନିଆ, ଆଜର୍‌ବାଇଜାନ୍, ତୁର୍କମେନିସ୍ତାନ ଓ କାଜାଖସ୍ତାନ ପ୍ରଭୃତି ରାଜ୍ୟ ସ୍ୱାଧୀନତା ଘୋଷଣାକଲେ ।

(ii) ସାମ୍ୟବାଦୀ ଦଳକୁ ବାସନ୍ଦ କରାଗଲା ଓ ୱାରସ୍ ଚୁକ୍ତିକୁ ଭାଙ୍ଗିଦିଆଗଲା ।

(ଞ) ରୁଷୀୟ ରାଜ୍ୟଗୁଡ଼ିକ ସ୍ୱାଧୀନ ହୋଇଥିଲେ ସୁଦ୍ଧା କେଉଁ ବିଷୟଗୁଡ଼ିକରେ କେନ୍ଦ୍ରୀୟ ରୁଷ୍ ସରକାର ଉପରେ ନିର୍ଭରଶୀଳ ରହିଲେ ?

ଉ – ରୁଷୀୟ ରାଜ୍ୟଗୁଡ଼ିକ ସ୍ୱାଧୀନ ହୋଇଥିଲେ ସୁଦ୍ଧା ପ୍ରତିରକ୍ଷା, ରାଜସ୍ୱ ଆଦାୟ, ଅସ୍ତ୍ରଶସ୍ତ୍ର ଓ ଆଣବିକ ନିୟନ୍ତ୍ରଣକ୍ଷେତ୍ରରେ କେନ୍ଦ୍ରୀୟ ରୁଷ୍ ସରକାର ଉପରେ ନିର୍ଭରଶୀଳ ରହିଲେ ।

୩ । ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ବାକ୍ୟରେ ଲେଖ ।

(କ) କେବେ ରୁଷ୍ ଦେଶରେ ଜାର୍ ଶାସନ ବିରୋଧରେ ବୋଲ୍‌ସେଭିକ୍ ଆନ୍ଦୋଳନ ସଂଘଟିତ ହୋଇଥିଲା ?

ଉ – ୧୯୧୭ ମସିହାରେ ରୁଷ୍ ଦେଶରେ ଜାର୍ ଶାସନ ବିରୋଧରେ ବୋଲ୍‌ସେଭିକ୍ ଆନ୍ଦୋଳନ ସଂଘଟିତ ହୋଇଥିଲା ।

**(ଖ) କେବେଠାରୁ ସୋଭିଏତ୍ ସଂଘରେ ଅର୍ଥନୈତିକ ସଂସ୍କାର ଆରମ୍ଭ ହୋଇଥିଲା ?**

ଉ– ୧୯୨୧ ମସିହାଠାରୁ ସୋଭିଏତ୍ ସଂଘରେ ଅର୍ଥନୈତିକ ସଂସ୍କାର ଆରମ୍ଭ ହୋଇଥିଲା ।

**(ଗ) ଯୋଶେଫ୍ ଷ୍ଟାଲିନ୍‌ଙ୍କର କେଉଁ ପଦକ୍ଷେପ ଫଳରେ ସୋଭିଏତ୍ ସଂଘ ଏକ ଶକ୍ତିଶାଳୀ ଶିଳ୍ପୋନ୍ନତ ରାଷ୍ଟ୍ରରେ ପରିଣତ ହୋଇଥିଲା ?**

ଉ– ୧୯୨୮ ମସିହାରେ ଯୋଶେଫ୍ ଷ୍ଟାଲିନ୍‌ଙ୍କର ପଞ୍ଚବାର୍ଷିକ ଯୋଜନା ପ୍ରବର୍ତ୍ତନ ଫଳରେ ସୋଭିଏତ୍ ସଂଘ ଏକ ଶକ୍ତିଶାଳୀ ଶିଳ୍ପୋନ୍ନତ ରାଷ୍ଟ୍ରରେ ପରିଣତ ହୋଇଥିଲା ।

**(ଘ) ଷ୍ଟାଲିନ୍‌ଙ୍କର ବଳିଷ୍ଠ ନେତୃତ୍ୱର କି ପ୍ରଭାବ ସୋଭିଏତ୍ ସଂଘ ଉପରେ ପଡ଼ିଥିଲା ?**

ଉ– ଷ୍ଟାଲିନ୍‌ଙ୍କର ବଳିଷ୍ଠ ନେତୃତ୍ୱ ସୋଭିଏତ୍ ସଂଘର ଚତୁଃପାର୍ଶ୍ୱରେ ସାମ୍ୟବାଦର ଲୌହ ପରଦାକୁ ସୁଦୃଢ଼ କରିବା ସଙ୍ଗେ ସଙ୍ଗେ ଆନ୍ତର୍ଜାତୀୟ କ୍ଷେତ୍ରରେ ଏହାର ପ୍ରଭାବ ଓ ପ୍ରତିପତ୍ତିକୁ ବୃଦ୍ଧି କରିଥିଲା ।

**(ଙ) ସାମ୍ୟବାଦୀ ଲୌହ ପରଦା ନୀତିଯୋଗୁଁ ସୋଭିଏତ୍ ସଂଘ କିପରି କ୍ଷତିଗ୍ରସ୍ତ ହେଲା ?**

ଉ– ସାମ୍ୟବାଦୀ ଲୌହ ପରଦା ନୀତିଯୋଗୁଁ ବିଶ୍ୱସ୍ତରୀୟ ସୂଚନା ପ୍ରଯୁକ୍ତି ବିଦ୍ୟାର ଶିଳ୍ପାୟନ ସୁଫଳରୁ ସୋଭିଏତ୍ ସଂଘ ବଞ୍ଚିତହୋଇ ଅନଗ୍ରସରତାର ଶିକାର ହୋଇଥିଲା ।

**(ଚ) ଗୋର୍ବାଚେଭ୍ କେବେ ସୋଭିଏତ୍ ସଂଘର ପ୍ରଥମ କାର୍ଯ୍ୟନିର୍ବାହୀ ରାଷ୍ଟ୍ରପତି ରୂପେ ନିର୍ବାଚିତ ହେଲେ ?**

ଉ– ୧୯୯୦ ମସିହା ମାର୍ଚ୍ଚ ୧୫ ତାରିଖରେ ଗୋର୍ବାଚେଭ୍ ସୋଭିଏତ୍ ସଂଘର ପ୍ରଥମ କାର୍ଯ୍ୟନିର୍ବାହୀ ରାଷ୍ଟ୍ରପତି ରୂପେ ନିର୍ବାଚିତ ହେଲେ ।

**(ଛ) ବୋରିସ୍ ୟେଲତ୍‌ସିନ୍ କିଏ ?**

ଉ– ବୋରିସ୍ ୟେଲତ୍‌ସିନ୍ ରୁଷ ସାଧାରଣତନ୍ତ୍ରର ରାଷ୍ଟ୍ରପତି ଥିଲେ ।

**(ଜ) କେବେ ସୋଭିଏତ୍ ସଂଘର ଅସ୍ତିତ୍ୱ ଲୋପପାଇଲା ?**

ଉ– ୧୯୯୧ ମସିହା ଡିସେମ୍ବର ୨୬ ତାରିଖ ଦିନ ସୋଭିଏତ୍ ସଂଘର ଅସ୍ତିତ୍ୱ ଲୋପପାଇଲା ।

**(ଝ) କୃଶ୍ଚେଭଙ୍କର କେଉଁ ମନୋଭାବ ଯୋଗୁଁ ସେ କଠୋରପନ୍ଥୀଙ୍କ ଦ୍ୱାରା ନିନ୍ଦିତ ହେଲେ ?**

ଉ– କୃଶ୍ଚେଭଙ୍କର ଉଦାରବାଦୀ ମନୋଭାବଯୋଗୁଁ ସେ କଠୋରପନ୍ଥୀଙ୍କ ଦ୍ୱାରା ନିନ୍ଦିତ ହେଲେ ।

**(ଞ) କେଉଁ କାରଣଯୋଗୁଁ ପୂର୍ବ ଇଉରୋପୀୟ ୱାରସ୍ ଚୁକ୍ତି ଅନ୍ତର୍ଭୁକ୍ତ ରାଷ୍ଟ୍ରସମୂହରେ ସାମ୍ୟବାଦୀ ସରକାରର ପତନ ଘଟିଥିଲା ?**

ଉ– ଉଦାରୀକରଣ ପ୍ରକ୍ରିୟାର ପ୍ରଭାବରେ ପୂର୍ବ ଇଉରୋପୀୟ ୱାରସ୍ ଚୁକ୍ତି ଅନ୍ତର୍ଭୁକ୍ତ ରାଷ୍ଟ୍ରସମୂହରେ ସାମ୍ୟବାଦୀ ସରକାରର ପତନ ଘଟିଥିଲା ।

**୪ । ନିମ୍ନରେ ପ୍ରତ୍ୟେକ ପ୍ରଶ୍ନରେ ଦିଆଯାଇଥିବା ଚାରିଗୋଟି ବିକଳ୍ପ ମଧ୍ୟରୁ ଠିକ୍ ଉତ୍ତରଟି ସଙ୍ଗେ ତା'ର କ୍ରମିକ ନମ୍ବର ବାଛି ଲେଖ ।**

(କ) କେଉଁ ସୋଭିଏତ୍ ପ୍ରଧାନମନ୍ତ୍ରୀଙ୍କ ସମୟରେ ଚୀନ୍‌ର ଶାସକ ମାଓ-ସେ-ତୁଙ୍ଗ୍ ସହିତ ସୋଭିଏତ୍ ସଂଘର ସଂପର୍କ ତିକ୍ତ ହୋଇଥିଲା ?

(i) ଲେନିନ୍ (ii) କୃଶ୍ଚେଭ୍ (iii) ଷ୍ଟାଲିନ୍ (iv) ବ୍ରେଜ୍‌ନେଭ୍

(ଖ) ଚେର୍ଣ୍ଣୋବିଲ୍ ଆଣବିକ ଶକ୍ତି କେନ୍ଦ୍ରର ଦୁର୍ଘଟଣା କେଉଁ ମସିହାରେ ଘଟିଥିଲା ?

(i) ୧୯୮୫ (ii) ୧୯୯୦ (iii) ୧୯୮୬ (iv) ୧୯୯୧

ପ୍ରଥମ ରୁ ଦ୍ୱାଦଶ COMPETITIVE BOOKS ଓଡ଼ିଶା Board and NCERT All Books With Solutions OBS

(ଗ) କିଏ ୧୯୮୫ ମସିହା ମାର୍ଚ୍ଚ ମାସରେ ସୋଭିଏତ୍ ପଲିଟିବ୍ୟୁରୋର ସାଧାରଣ ସଂପାଦକ ଭାବରେ ନିର୍ବାଚିତ ହୋଇଥିଲେ ?

(i) ନିକିତା କ୍ରୁଶ୍ଚେଭ୍ (ii) ଆଲେକ୍‌ସି କୋସିଜିନ୍ (iii) ଲିଓନିଡ୍ ବ୍ରେଜ୍‌ନେଭ୍ (iv) ମିଖାଇଲ୍ ଗୋର୍ବାଚେଭ୍

(ଘ) କାହାଦ୍ୱାରା ସୋଭିଏତ୍ ସଂଘରେ ପଞ୍ଚବାର୍ଷିକ ଯୋଜନାର ପ୍ରବର୍ତ୍ତନ ହୋଇଥିଲା ?

(i) ଭ୍ଲାଡ଼ିମିର ଲେନିନ୍ (ii) ଯୋଶେଫ୍ ଷ୍ଟାଲିନ୍ (iii) ନିକିତା କ୍ରୁଶ୍ଚେଭ (iv) ଆଲେକ୍ସି କୋସିଜିନ୍

(ଙ) ଜର୍ଜିଆ କେବେ ସ୍ୱାଧୀନ ରାଜ୍ୟମାନଙ୍କର ରାଜ୍ୟଗୋଷ୍ଠୀ ସହିତ ମିଶିଥିଲା ?

(i) ୧୯୯୦ (ii) ୧୯୯୧ (iii) ୧୯୯୨ (iv) ୧୯୯୩

ପ୍ରଥମ ରୁ ଦ୍ୱାଦଶ
COMPETITIVE BOOKS
ଓଡ଼ିଶା Board and NCERT
All Books With Solutions
OBS

**ଉତ୍ତର**

(କ) (ii) କ୍ରୁଶ୍ଚେଭ୍ (ଖ) (iii) ୧୯୮୬ (ଗ) (iv) ମିଖାଇଲ ଗୋର୍ବାଚେଭ୍
(ଘ) (ii) ଯୋଶେଫ୍ ଷ୍ଟାଲିନ୍ (ଙ) (iv) ୧୯୯୩ ।